

ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା
▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-36 •WEDNESDAY •30 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୬ •ବୁଧବାର •୩୦ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'



■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି । ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫ରୁ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି । ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ ଲାଗୁ କରାଯିବ । ଏହା ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ । ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍‌ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ । ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି ।

## ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର




■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବିଭିନ୍ନ ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ । ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି । ସବୁଠାରୁ କୌତୂହଳର ବିଷୟ ହେଉଛି ଯେ ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି । ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି । ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ▶ପୃଷ୍ଠା-୭

**ଅଥାକାଠିରେ ସରକାର**

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁନ୍ଥକୁନ୍ଥ

## କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି। ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଇଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି । ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ (ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ । ରାଜ୍ୟ

**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ**

**ପୂର୍ବରୁ ମଧ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର**

ସରକାରଙ୍କ କ୍ରମାଗତ ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁନ୍ଥକୁନ୍ଥ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି ।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ▶ପୃଷ୍ଠା-୭

## ସଂସଦରେ 'ସିନ୍ଦୂର' ଝଡ଼





**ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ**

**ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ**


■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ। ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ସେ କହିଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ ।

ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ଶିକ୍ଷା ଦିଆଯାଇଛି । ଆମର ସେନା ▶ପୃଷ୍ଠା-୭

**ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ**

## ଚଷମାରେ ଗୁପ୍ତ କ୍ୟାମେରା





■ **ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ**

■ **ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ**

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି । ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ▶ପୃଷ୍ଠା-୭

## ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

**ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ**

**୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ**

**ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା**



■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ବଢୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ)ର ଚାହିଦା। ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି। ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ମାରିଜୁଆନା ଚାଲାଣ କରୁଥିବା ୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହଯାଉଛି । ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ। ▶ପୃଷ୍ଠା-୭

**ବିନା ହେଲ୍‌ମେଟ୍‌ରେ ମନ୍ତ୍ରୀ ମହାଲିଙ୍ଗଙ୍କ ବାଇକ୍ ଶୋଭାଯାତ୍ରା**

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଡିଜିଙ୍କୁ ନିର୍ଦ୍ଦେଶ



■ **ଭୁବନେଶ୍ୱର, ୨୯।୭ (ସମିସ):** ଅନ୍ୟମାନଙ୍କୁ ଆଇନ ପାଠ ପଢ଼ାଉଥିବା ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବିରୋଧରେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ । ଆଇନକାନୁନ ରକ୍ଷା ଓ ସମ୍ବିଧାନର ସୁରକ୍ଷା ନିମନ୍ତେ ଶପଥ ନେଇଥିବା ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିଜେ ନିୟମ ଭାଙ୍ଗି ବିନା ହେଲମେଟରେ ବାଇକ୍ ଚଳାଉଥିବାରୁ ତାଙ୍କ ବିରୋଧରେ ଆଇନ ଅନୁସାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛି ଗୃହ ବିଭାଗ ।

ଶହଶହ ଯୁବକଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗାଡ଼ିରେ ଗେରୁଆ ପତାକା ବାନ୍ଧି ଏକ ବାଇକ୍ ଶୋଭାଯାତ୍ରା କରିଥିବା ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏହି ଭିଡ଼ିଓକୁ କିଛି 'ଏକ୍ସ' ୟୁଜର ନିଜ ହ୍ୟାଣ୍ଡଲରେ ପୋଷ୍ଟ କରିଥିଲେ ଓ ଚନ୍ଦ୍ରଶେଖର ନାମକ ଜଣେ ୟୁଜର ଏହାକୁ ଗୃହ ବିଭାଗ, ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ଟ୍ୟାଗ କରିଥିଲେ। ଟ୍ରାଫିକ ନିୟମ ଭାଙ୍ଗି ବିନା ହେଲ୍‌ମେଟ୍‌ରେ ବାଇକ୍ ଚଳାଉଥିବା ଯୋଗୁଁ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଏହାପରେ ଗୃହ ବିଭାଗ ତତ୍ପରତା ପ୍ରଦର୍ଶନ କରି ରାଜ୍ୟ ପୁଲିସ ମୁଖ୍ୟଙ୍କୁ ଏ ସଂକ୍ରାନ୍ତରେ ଆଇନଅନୁସାରେ ପଦକ୍ଷେପ ନିମନ୍ତେ ଆଜି ସଂଧ୍ୟାରେ ନିର୍ଦ୍ଦେଶ ଦେଇଛି । ▶ପୃଷ୍ଠା-୭




## ବିମାନରେ ଧାର୍ମିକ ସ୍ଲୋଗାନ ଦେଇ ଭାରତୀୟ ଗିରଫ

ଗ୍ଲାସଗୋ, ୨୯।୭ (ଏଜେନ୍ସି): ବିମାନରେ ବୋମା, ଆମେରିକା ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ ଏବଂ 'ଆଲ୍ଲା ହୁ ଆକବର' ସ୍ଲୋଗାନ ଦେଇଥିବା ଭାରତୀୟ ନାଗରିକ ଅଭୟ ନାୟକଙ୍କୁ ଗିରଫ କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହୋଇଥିଲା। ସ୍କଟ୍‌ଲାଣ୍ଡର ଗ୍ଲାସଗୋ ବିମାବନ୍ଦରରୁ ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ତେବେ ତାଙ୍କ ବିରୋଧରେ ଆତଙ୍କବାଦର ଦଫା ଲଗାଯାଇ ନାହିଁ। ସେ ରବିବାର ଇଜିଜେଟ୍ ବିମାନରେ ଇଂଲଣ୍ଡର ଲ୍ୟୁଟନରୁ ଗ୍ଲାସଗୋ ଯାଉଥିଲେ। ଭିଡିଓରେ ସହଯୋଗୀ ଯାତ୍ରୀ ଅଭୟଙ୍କୁ ଧରି ଅଟକାଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ସ୍କଟଲାଣ୍ଡ ଗସ୍ତରେ ଯାଇଥିବାବେଳେ ଏହି ଘଟଣା ଘଟିଛି।

## ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଲେ ୬ କାଉଡ଼ିଆ

ଦେଓଘର, ୨୯।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ଜାମୁନିଆ ଅନ୍ତର୍ଗତ ନାୱାକୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୬ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି। ୨୪ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ଗୋଡା ସାଂସଦ ନିଶିକାନ୍ତ ଦୁବେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୧୮ ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ଡ୍ରାଇଭର ସୁବାଷ ତୁରିଙ୍କ ଆଖି ଲାଖି ଯିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏହି ଘରୋଇ ବସ୍‌ରେ କାଉଡିଆ ଦେଓଘରରୁ ବାବା ବୈଦ୍ୟନାଥଙ୍କ ଧାମକୁ ଯାଉଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ସିଟ୍ ସହିତ ଆସି ତଳେ ପଡ଼ିଥିଲେ। ପରେ ବସ୍ ବିନା ଡ୍ରାଇଭରରେ ଆହୁରି ୨୦୦ ମିଟର ଆଗକୁ ପଳାଇ ଥିଲା। ଇଟା ଗଦା ସହ ମାଡ଼ ହୋଇ ରହିଥିଲା। କାଉଡ଼ିଆଙ୍କ ସାମଗ୍ରୀ ବସ୍‌ରେ ଓହଳି ଥିବା ଦେଖାଯାଉଛି। ଏହି କାଉଡିଆ ବିହାରର ବାସିନ୍ଦା ଥିଲା। ଶ୍ରାବଣୀ ମେଳାରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନ୍ୟୁୟର୍କରେ ୫ ଜଣଙ୍କୁ ହତ୍ୟା

ନ୍ୟୁୟର୍କ, ୨୯।୭ (ଏଜେନ୍ସି): ଆମେରିକା ନ୍ୟୁୟର୍କ ସହରର ମିଡଟାଉନ ମ୍ୟାନହଟନ ସ୍ଥିତ ଏକ ଅଫିସ କୋଠାରେ ଗୁଳିକାଣ୍ଡ ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ପାର୍କ ଆଭିନ୍ୟୁର ହାଇପ୍ରୋଫାଇଲ କୋଠାରେ ପଶି ଅତର୍କିତ ଗୁଳିମାଡ଼ କରିଛି। ଜଣେ ପୁଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ଜୀବନ ନେଇ ଆକ୍ରମଣକାରୀ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ତା' ନିକଟରୁ ଲସ୍ ଭେଗାସର 'କନ୍‌ସିଲ୍ଡ କ୍ୟାରି ପରମିଟ' ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ।

## ଜେଲ୍‌ରେ ଆକ୍ରମଣ; ୧୭ ନିହତ

କିଭ, ୨୯।୭ (ଏଜେନ୍ସି): ରୁଷ୍ ମଙ୍ଗଳବାର ୟୁକ୍ରେନର ବିଲେନକିସ୍କା ଜେଲ୍ ଉପରେ ଆକାଶ ମାର୍ଗରୁ ଚାରୋଟି ଗାଇଡେଡ ବୋମା ମାଡ଼ କରିଛି। ଏଥିରେ ୧୭ କଏଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଜେଲ୍‌ର ଡାଇନିଂ ହଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ୟୁକ୍ରେନର ଅନେକ ସହରରେ ମଧ୍ୟ ରୁଷ୍ ଆକ୍ରମଣ କରିଛି। ଏଥିରେ ଗୋଟିଏ ତିନି ମହଲା ବିଶିଷ୍ଟ କୋଠା ଧ୍ୱଂସ ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗର୍ଭବତୀଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ଆଇଏଏସ୍ ଅଧିକାରୀଙ୍କୁ ବସ୍ ଉଠ କରାଇଲେ ଓକିଲ

ଲକ୍ଷ୍ନୌ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଶାହାଜାହାଁପୁରରେ ଓକିଲମାନେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଆଇଏଏସ ଅଧିକାରୀ ରିଙ୍କୁ ସିଂହ ରାହିଙ୍କୁ କାନ ଧରି ବସ୍ ଉଠ କରାଇଛନ୍ତି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ ମଙ୍ଗଳବାର ଦ୍ୱିପହରେ ଜଣେ ଓକିଲଙ୍କ ଆକାଉଣ୍ଟାଣ୍ଟଙ୍କୁ ପୱାୟାଁ ତହିସଲ ପରିସର ଭିତରେ ଥିବା ଖୋଲାସ୍ଥାନରେ ପରିସ୍ରା କରୁଥିବା ଦେଖିଥିଲେ। ପରେ ଅଧିକାରୀ ତାଙ୍କୁ ବସ୍‌ଉଠ କରାଇ ଥିଲେ। ଏହା ଜାଣିବା ପରେ ଓକିଲ କ୍ଷୁବ୍ଧ ହୋଇ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ଏଥିଯୋଗୁଁ ଶ୍ରୀ ସିଂହଙ୍କୁ ବସ୍‌ଉଠ ହେବାକୁ ପଡ଼ିଥିଲା। ନିୟମ ସମସ୍ତଙ୍କ ପାଇଁ ସମାନ। ସେ ନିଜେ ବି ବାହାରେ ପରିସ୍ରା କରିବେ ନାହିଁ ବୋଲି କହିଥିଲେ। ସୂଚନା ଅନୁଯାୟୀ ରିଙ୍କୁ ସିଂହ ମଥୁରାର ଯୁଗ୍ମ ମାଜିଷ୍ଟ୍ରେଟ ଥିଲେ। ସେ ଆଜି ହିଁ ପୱାୟାଁ ଏସ୍‌ଡିଏମ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ମାଟି ଖାଇ ୨୪ କ୍ୟାରେଟ ସୁନା ଦେବ ଜୀବାଣୁ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ପୃଥିବୀର ସବୁଠୁ ଗଭୀର ଏବଂ ବିଷାକ୍ତ କୋଣରେ ବାସ କରୁଥିବା ଏକ ସୂକ୍ଷ୍ମ ଜୀବକୁ ଠାବ କରିଛନ୍ତି। ଅନ୍ୟ କେହି ତିଷ୍ଠି ପାରୁ ନ ଥିବା ସ୍ଥାନରେ ରହୁଥିବା ଏହି ଜୀବାଣୁ ସୁନା ଦର ହ୍ରାସ କରିବାରେ ସହାୟକ ହେବ। କାରଣ ଏହି ଜୀବାଣୁ ମାଟି ଖାଇ ୨୪ କ୍ୟାରେଟ ସୁନା ହଗୁଛି। ଏହାର ନାମ 'କୁପ୍ରିଏଭିଡସ ମେଟାଲିଡ୍ୟୁରନ୍ସ'। ଏହା ବିଷାକ୍ତ ମାଟିରେ ରହୁଛି। ଏହା ନିଜ ଭିତରେ ଏଭଳି ଏକ ରାସାୟନିକ ପ୍ରକ୍ରିୟା କରୁଛି ଯାହା ବିଷାକ୍ତ ଭାରି ଧାତୁକୁ ଖାଇ ୨୪ କ୍ୟାରେଟ ସୁନା ଏବଂ ତମ୍ବା କଣିକାରେ ପରିଣତ କରିଦେଉଛି। ପରେ ଏହାକୁ ବାହାରକୁ ଛାଡ଼ି ଦେଉଛି। ଏହି ଜୀବାଣୁର ସନ୍ଧାନ କରିଥିବା ଟିମ୍‌ରେ ଅଷ୍ଟ୍ରେଲିଆ ଏବଂ ଜର୍ମାନୀ ଗବେଷକ ସାମିଲ ଅଛନ୍ତି। ଏହି ଜୀବାଣୁ ସୁନା ଖଣିର ରୂପରେଖକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏବେ ସୁନା ଖଣି ଦ୍ୱାରା ପରିବେଶର ଅଶେଷ କ୍ଷତି ହେଉଛି। ଏହି ଜୀବାଣୁ ମାଧ୍ୟମରେ କମ୍ ପ୍ରଦୂଷଣରେ ଶସ୍ତାରେ ସୁନା ବାହାର କରାଯାଇପାରିବ। ଏହା ଇଲେକ୍‌ଟ୍ରୋନିକ ଆବର୍ଜନା ଏବଂ ଖଣିରେ ରହି ସୁନା ବାହାର କରିବାରେ ସହାୟକ ହେବ।

# ବୋଇଂରେ ପୁଣି ଆତଙ୍କ

**ଆମେରିକା ବିମାନରୁ ଆସିଲା 'ମେଡେ' କଲ୍**

**ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ମଡେଲର ବିମାନ**



ୱାସିଂଟନ, ୨୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୦ ଜଣଙ୍କ ଜୀବନ ନେଇଥିଲା। ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆମେରିକା ଗଣମାଧ୍ୟମ ପାଇଲଟଙ୍କ ଉପରେ ଦୋଷ ଦେବାରେ ଲାଗିଥିଲା। ପୂର୍ବରୁ ଏହି ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇ ଥିଲେ। ଖୋଦ୍ ବୋଇଂର ପୂର୍ବତନ କର୍ମଚାରୀ ବିମାନର ନିର୍ମାଣ ଶୈଳୀ ଏବଂ ମାନକୁ ଖରାପ କହିଥିଲେ। ଏବେ ଆମେରିକାରେ ଆଉ ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଏହି ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଛି। ଏହା ଜାଣିବା ପରେ ପାଇଲଟ ଏମର୍ଜେନ୍ସି 'ମେଡେ' କଲ୍ ଦେଇଛନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ପାଇଲଟ ସୂଚନା ଦେବା ସତ୍ତ୍ୱେ ୨ ଘଣ୍ଟା ୩୮ ମିନିଟ ପର୍ଯ୍ୟନ୍ତ ବିମାନ ଆକାଶରେ ରହିଥିଲା। ଏହା ପରେ ଜରୁରୀ ଅବତରଣ କରିଥିଲା। ଗତ ୨୫ ତାରିଖରେ ଏହି ଅଘଟଣ ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ଏମର୍ଜେନ୍ସି ଘୋଷଣା କରିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଭୟରେ ଥରହର ହେଉଥିଲେ। ତେବେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କୁହାଯାଇଥିଲା। ଫ୍ଲାଇଟ ଆୱେର ମତାବକ ୬ ହଜାର ଫୁଟରେ ଥିବାବେଳେ ପାଇଲଟ ଇନ୍ଧନ ଖାଲି କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଅନ୍ୟ ବିମାନଠାରୁ ସୁରକ୍ଷିତ ଦୂରତ୍ୱ ରଖିବା ଲାଗି ଏଟିସି ପାଇଲଟଙ୍କୁ ପରାମର୍ଶ ଦେଇଥିଲେ। ଓଜନ କମ୍ କରିବା ପାଇଁ ବିମାନ ଅଢେଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ୱାସିଂଟନର ଉତ୍ତର-ପଶ୍ଚିମରେ ଘୂରି ବୁଲି ଥିଲା। ଏହା ପରେ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ସହାୟତାରେ ଅବତରଣ ଲାଗି ପାଇଲଟ ଅନୁମତି ମାଗିଥିଲେ। ୱାସିଂଟନର ଡଲେସ ବିମାନବନ୍ଦରରେ ଅବତରଣ ପରେ ଖରାପ ଇଞ୍ଜିନ ଯୋଗୁଁ ବିମାନ ଆପେ ଆପେ ରନୱେରୁ ହଟିପାରି ନ ଥିଲା। ଏହାକୁ ଟାଣି ଟାଣି ହଟା ଯାଇଥିଲା। ସୋମବାର ପର୍ଯ୍ୟନ୍ତ ଏହି ବିମାନ ବିମାନବନ୍ଦରରେ ଛିଡ଼ା ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ୟୁନାଇଟେଡ ଏୟାରଲାଇନ୍ସ ଏବଂ ବିମାନ ଅଧିକାରୀ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ଆମେରିକାର ଡେନ୍‌ଭର ବିମାନବନ୍ଦରରେ ଆମେରିକାନ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ-୮ ବିମାନର ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇ ଯାଇଥିଲା। ଏଥିଯୋଗୁଁ ବିମାନର ପଛ ଭାଗରେ ନିଆଁ ଲାଗି ଯାଇଥିଲା। ଯାତ୍ରୀଙ୍କୁ ଏମର୍ଜେନ୍ସି ସ୍ଲାଇଡର ଦେଇ ବାହାରିବାକୁ ପଡ଼ିଥିଲା।

**ବିହାର ଏସ୍ଆଇଆର୍ ମାମଲା**

## ଅଧିକ ଭୋଟରଙ୍କ ନାମ କଟିଲେ ହସ୍ତକ୍ଷେପ କରିବୁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାରୁ ଯଦି ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଏ ତେବେ ମାମଲାରେ ହସ୍ତକ୍ଷେପ କରିବୁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଏସ୍ଆଇଆର୍ ବିରୋଧରେ ଦାଏର ଆବେଦନରେ କୁହଯାଇଥିଲା ଯେ ୬୫ ଲକ୍ଷ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଏମାନଙ୍କ ମଧ୍ୟରୁ କିଛି ନିଜ ଘର ଛାଡ଼ି ଅନ୍ୟ କେଉଁଆଡେ ପଳାଇଛନ୍ତି ଏବଂ ଅନ୍ୟମାନେ ପ୍ରାଣ ହରାଇଥିବା କୁହାଯାଇଛି। ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ଯେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମାମଲା ଉପରେ ଦୃଷ୍ଟି ରଖିଛନ୍ତି। ତାଲିକାରୁ ବିପୁଳ ସଂଖ୍ୟକ ଭୋଟରଙ୍କୁ ବାଦ୍ ଦେଲେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବେ। ମୃତ କହି ଭୋଟର ତାଲିକାରୁ ନାମ କାଟି ଦିଆଯାଇଥିବା ଏଭଳି ୧୫ ଜୀବିତ ଲୋକଙ୍କୁ ଆଣି କୋର୍ଟକୁ ଆସନ୍ତୁ ବୋଲି ଆବେଦନକାରୀଙ୍କୁ କହିଥିଲେ। ଏହା ପୂର୍ବରୁ ସୋମବାର କୋର୍ଟ ଏସଆଇଆର ପ୍ରକ୍ରିୟାରେ କଟକଣା ଲଗାଇବାକୁ ମନା କରିଥିଲେ। ତ୍ରୁଟି ରହିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ବୋଲି ଆବେଦନକାରୀ ଏଡିଆରକୁ କହିଥିଲେ।

**ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲା**

## ଅଗଷ୍ଟ ୧୯ରେ ରାଷ୍ଟ୍ରପତିଙ୍କ ମତାମତ ଉପରେ ଶୁଣାଣି



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦନ ନେଇ ସୁପ୍ରିମକୋର୍ଟ ଏପ୍ରିଲ ୮ରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଲାଗି କଣ୍ଟ ଧାର୍ଯ୍ୟ କରିଥିଲେ। ପରେ ଗତ ମେ' ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ଲୋଡ଼ିଥିଲେ। ସୁପ୍ରିମକୋର୍ଟ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଏ ଏସ ଚନ୍ଦୂରକରଙ୍କ ଖଣ୍ଡପୀଠ ଏ ନେଇ ଅଗଷ୍ଟ ୧୨ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଲିଖିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଠିକ୍ ସମୟରେ ମତାମତ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୯ ତାରିଖରେ ପ୍ରଥମେ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ପ୍ରଶ୍ନ ଉଠାଇ କେରଳ ଏବଂ ତାମିଲନାଡୁ ସରକାର ଦାଖଲ କରିଥିବା ଆବେଦନ ଉପରେ ଘଣ୍ଟାଏ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁପାରିସ ସମର୍ଥନ କରୁଥିବା କେନ୍ଦ୍ର ଏବଂ ଅନ୍ୟ ରାଜ୍ୟର ଆବେଦନ ଉପରେ ଅଗଷ୍ଟ ୧୯, ୨୦, ୨୧ ଓ ୨୬ରେ ଏବଂ ବିରୋଧରେ ଦାଏର ଆବେଦନର ଶୁଣାଣି ଅଗଷ୍ଟ ୨୮, ସେପ୍ଟେମ୍ବର ୨,୩ ଓ ୯ ତାରିଖରେ କରାଯିବ। ଯଦି ଏହା ଉପରେ କୌଣସି ପ୍ରତ୍ୟୁତ୍ତର ଦେବାର ଥାଏ ତେବେ ଏହାର ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ରାଷ୍ଟ୍ରପତିଙ୍କ ସୁପାରିସ ସାରା ଦେଶ ଉପରେ ପ୍ରଭାବ ପକାଇବ।

ଏପ୍ରିଲ ୮ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨କୁ ବ୍ୟବହାର କରି ବିଲ୍ ଉପରେ ଅନୁମୋଦନ ଲାଗି ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ନିମନ୍ତେ ୩ ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ରାୟ ମାଗିଥିଲେ। ରାଷ୍ଟ୍ରପତି-ରାଜ୍ୟପାଳଙ୍କ କ୍ଷମତା, ନ୍ୟାୟିକ ଦଖଲ ଏବଂ ସମୟସୀମା ଧାର୍ଯ୍ୟ କରିବା ଉପରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସମ୍ବିଧାନରେ ଏଭଳି କୌଣସି ବ୍ୟବସ୍ଥା ନ ଥିବାବେଳେ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ କେମିତି ରାଷ୍ଟ୍ରପତି-ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ଦେଇପାରିବେ, ସୁପ୍ରିମକୋର୍ଟଙ୍କ ରାୟ ନେବା ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ କି, ଧାରା ୧୪୨ ବ୍ୟବହାର କରି ସୁପ୍ରିମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ କି, ରାଜ୍ୟପାଳଙ୍କ ଅନୁମୋଦନ ବିନା ବିଧାନସଭାରେ ପାରିତ ବିଲ୍ କାର୍ଯ୍ୟକାରୀ ହୋଇପାରିବ କି, ସମ୍ବିଧାନର ବାଖ୍ୟା ପାଇଁ ଉଦ୍ଦିଷ୍ଟ ମାମଲାକୁ ପାଞ୍ଚ ଜଣିଆ ଖଣ୍ଡପୀଠକୁ ପଠାଇବା ବାଧ୍ୟତାମୂଳକ କି, ସମ୍ବିଧାନ କିମ୍ବା ବର୍ତ୍ତମାନ ଆଇନ ସହ ମେଳ ଖାଉ ନ ଥିବା ନିର୍ଦ୍ଦେଶ ସୁପ୍ରିମକୋର୍ଟ ଦେଇପାରିବେ କି, ସୁପ୍ରିମକୋର୍ଟ ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦକୁ କେବଳ ସୁପ୍ରିମକୋର୍ଟରେ ସମାଧାନ କରାଯାଇପାରିବ କି ବୋଲି ରାଷ୍ଟ୍ରପତି ପଚାରି ଥିଲେ।

## ଚୀନ୍‌ରେ ସନ୍ତାନ ଜନ୍ମକଲେ ମିଳିବ ୧.୩୦ ଲକ୍ଷ



ବେଜିଂ, ୨୯।୭ (ଏଜେନ୍ସି): ଜନ୍ମହାର ହ୍ରାସକୁ ନେଇ ଚୀନ୍ ସରକାରଙ୍କ ନିଦ ହଜି ଯାଇଛି। ଆର୍ଥିକ ସ୍ଥିତି ଏବଂ ଅନ୍ୟ କୌଣସି କାରଣରୁ ବିବାହ କରିବାକୁ ଅମଙ୍ଗ ହେଉଥିବା ଯୁବ ପିଢିଙ୍କୁ ଆକୃଷ୍ଟ କରିବା ଲାଗି ସି ଜିନପିଙ୍ଗଙ୍କ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ସରକାର ୧.୩୦ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ ଭାବେ ଜନ୍ମହାର ହ୍ରାସକୁ ନେଇ ଚିନ୍ତିତ ଚୀନ୍ ସରକାର ସନ୍ତାନ ଜନ୍ମ ପରେ ମାତାପିତାଙ୍କୁ କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ୩୬୦୦ ୟୁଆନ (ପ୍ରାୟ ୪୪ ହଜାର ଟଙ୍କା) ପ୍ରଦାନ କରିବେ। ଏବେ ଚୀନର ୨୧ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ। ପ୍ରାୟ ଦଶନ୍ଧି ତଳେ ଚୀନ୍ ନିଜର ବିବାଦୀୟ ଏକ ସନ୍ତାନ ନୀତିକୁ ପ୍ରତ୍ୟାହାର କରି ନେଇଥିଲା। ଏହା ସତ୍ତ୍ୱେ ଜନ୍ମହାର ହ୍ରାସ ପାଇ ଚାଲିଥିଲା।

ବିଶ୍ୱର ବୃହତ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଚୀନ୍‌ର ଜନ୍ମହାର ସବୁଠୁ କମ୍ ରହିଛି। ୨୦୧୬ରେ ଚୀନ୍‌ରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ୯୦ ଲକ୍ଷକୁ ଖସି ଆସିଥିଲା। କେବଳ ୭ ବର୍ଷରେ ଏହି କମ୍ୟୁନିଷ୍ଟ ରାଷ୍ଟ୍ରରେ ଜନ୍ମହାର ୫୦ ପ୍ରତିଶତ ହ୍ରାସ ପାଇଛି। ମୃତ୍ୟୁ ହାରଠାରୁ ଜନ୍ମ ହାର କମ୍ ଥିବାରୁ ମୋଟ ହ୍ରାସ ଧାରା ଜାରି ରହିଛି।

## ୨୨ ଅନାଥ ପିଲାଙ୍କୁ ପୋଷ୍ୟ କଲେ ରାହୁଲ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ପୁଞ୍ଚ ଜିଲ୍ଲାର ୨୨ ଅନାଥ ପିଲାଙ୍କୁ ସେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି। ରାହୁଲ ଏହି ପିଲାଙ୍କ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ପିଲମାନେ 'ଅପରେସନ ସିନ୍ଦୁର' ସମୟରେ ନିଜ ମାତାପିତାଙ୍କୁ ହରାଇଥିଲେ। ଏଲଓସିରେ ପାକିସ୍ତାନୀ ଗୁଳିମାଡ଼ରେ ଏହି ଶିଶୁଙ୍କ ମାତାପିତାଙ୍କ ଜୀବନ ଯାଇଥିଲା। ପୁଞ୍ଚ ଗସ୍ତ ସମୟରେ ରାହୁଲ ଏହି ପ୍ରଭାବିତ ପରିବାରଗୁଡ଼ିକୁ ଭେଟିଥିଲେ। ସେମାନେ ଅତି କଷ୍ଟରେ କାଳତିପାତ କରୁଥିବା ଦେଖିଥିଲେ। ଅର୍ଥାଭାବରୁ ତାଙ୍କ ପାଠପଢ଼ା ଉପରେ ବିପଦ ଦେଖା ଦେଇଥିଲା। ଏହା ଦେଖି ଏଭଳି ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାହୁଲ ଦଳୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଚ ଯାଇ ରାହୁଲ ଅନାଥ ପିଲାଙ୍କୁ ଭେଟୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ସେତେବେଳେ ରାହୁଲ କହିଥିଲେ ଯେ ଏହି ପିଲାମାନଙ୍କ ଶିକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବରେ କିଛି କରିବାକୁ ଚାହୁଁଛନ୍ତି। ଏହା ପରେ କଂଗ୍ରେସ ନେତାମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ ପିଲାଙ୍କୁ ସାହାଯ୍ୟ ଦିଆଯିବ।


## ରାଜ୍ୟସଭାରେ ଖଡ୍‌ଗେ-ନଡ୍ଡା ମୁହାଁମୁହିଁ



ନୂଆଦିଲ୍ଲୀ, ୨୯।୭: ରାଜ୍ୟସଭାରେ ଆଜି ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମୁହାଁମୁହିଁ ହୋଇଥିଲେ। ଅପରେସନ ସିନ୍ଦୂର ଉପରେ ଏକ ଘଣ୍ଟା ଧରି ତାଙ୍କର ମନ୍ତବ୍ୟ ରଖିବା ସମୟରେ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ସେ ଏମିତି କିଛି ଭାଷା ପ୍ରୟୋଗ କରିଥିଲେ, ଯାହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିଲେ ନଡ୍ଡା। ସେ ଖଡ଼୍‌ଗେଙ୍କୁ ସମାଲୋଚନା କରି କହିଥିଲେ ଯେ ଖଡ଼ଗେ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ନଡ୍ଡା ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। କିନ୍ତୁ ନିଜ ମନ୍ତବ୍ୟରୁ ନଡ୍ଡା ନ ଓହରିବାରୁ ଖଡ଼ଗେ କହିଥିଲେ, ସେ ଗୃହରେ ରାଜନାଥ ଓ ନଡ୍ଡାଙ୍କର ସମ୍ମାନ କରନ୍ତି। କାରଣ ସେମାନେ କେବେହେଲେ ଭାଷାରେ ସନ୍ତୁଳନ ହରାନ୍ତି ନାହିଁ। ଶେଷରେ ନଡ୍ଡା ତାଙ୍କର ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ଜଣେ ଅଭିଜ୍ଞ ଓ ଜ୍ଞାନୀ ଲୋକ। ବିଶ୍ୱର ଲୋକପ୍ରିୟ ନେତା ରୂପେ ପରିଚିତ ମୋଦୀଙ୍କ ପ୍ରତି ସେ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ତାଙ୍କର ମର୍ଯ୍ୟାଦା ଦୃଷ୍ଟିରୁ ଶୋଭା ପାଉନାହିଁ। ତେଣୁ ତାଙ୍କର ଏହି ମନ୍ତବ୍ୟକୁ ରାଜ୍ୟସଭାର ରେକର୍ଡରୁ ବାଦ୍ ଦିଆଯାଉ।

## ଷ୍ଟ୍ରେଚରରେ ଯୁବକଙ୍କ ଜୀବନ ଗଲା

**ଭାଙ୍ଗିଲାନି ଡାକ୍ତରଙ୍କ ନିଦ**



ମିରଟ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଈଶ୍ୱରଙ୍କ ଦ୍ୱିତୀୟ ରୂପ ଭାବେ ପରିଚିତ ଜଣେ ଡାକ୍ତରଙ୍କ ଅବହେଳା ପାଇଁ ଦୁର୍ଘଟଣା ପରେ ଚିକିତ୍ସା ନ ପାଇ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ଦୁର୍ଘଟଣା ସେତେ ଗୁରୁତର ନ ଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ମିଳି ପାରି ନ ଥିଲା। ଡାକ୍ତର ବାବୁ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିଲେ। ଅନ୍ୟମାନେ ଯାଇ ଡାକି ଥିଲେ ମଧ୍ୟ ଶୁଣି ନ ଥିଲେ। ଫଳରେ ଷ୍ଟ୍ରେଚରରେ ପଡ଼ି ରହିଥିବା ଯୁବକଙ୍କ ଅଧିକ ରକ୍ତସ୍ରାବ ହୋଇଥିଲା। ଶେଷରେ ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା। ଏହି ଅଭାବନୀୟ ଘଟଣା ମିରଟରେ ଥିବା ସରକାରୀ ଡାକ୍ତରଖାନାରେ ଘଟିଛି।

ସୂଚନା ଅନୁଯାୟୀ ରବିବାର ରାତି ୧ଟାରେ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଲାଲା ଲଜପତ ରାୟ ମେମୋରିଆଲ ମେଡିକାଲ କଲେଜକୁ ନିଆ ଯାଇଥିଲା। ଜରୁରୀକାଳୀନ ୱାର୍ଡରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏହା ପରେ ବି ଡାକ୍ତର ଭୂପେଶ କୁମାର ରାଏ ଚିକିତ୍ସା କରିବାକୁ ଆସି ନ ଥିଲେ। ପରିବାର ଲୋକେ ଅନେକ କାକୁତିମିନତି ହୋଇଥିଲେ ବି କେହି ତାଙ୍କ ଗୁହାରି ଶୁଣି ନ ଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଯୁବକ ସେମିତି ରକ୍ତାକ୍ତ ଅବସ୍ଥାରେ ୱାର୍ଡର ଷ୍ଟ୍ରେଚରରେ ପଡ଼ି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକଙ୍କ ପରିବାର ଲୋକେ ଡାକ୍ତର ବାବୁ ଶୋଇଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହାକୁ ଆଧାର କରି ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।

## ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀକୁ ନେଇ ସଂଶୟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ହତ୍ୟା ମାମଲାରେ ୟେମେନ ଜେଲ୍‌ରେ ବନ୍ଦୀ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ଏହି ମାମଲାରେ ଭାରତୀୟ ଗ୍ରାଣ୍ଡ ମୁଫ୍‌ତି କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଦାବି କରାଯାଇଛି। ନିମିଷାଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଥିବା କୁହାଯାଇଛି। ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆ ଯାଇଥିବା ଦର୍ଶାଯାଇଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଖବରକୁ ଖାରଜ କରିଦିଆଯାଇଛି। ଏଭଳି ଦାବିକୁ ଭ୍ରମାତ୍ମକ କୁହାଯାଇଛି। ଏହି ସୂଚନା ବର୍ତ୍ତମାନର ସ୍ଥିତିକୁ ସଠିକ୍ ଭାବେ ସୂଚାଉ ନାହିଁ ବୋଲି କୁହାଯାଉଛି।

ୟେମେନର ତଲାଲ ଅବାଦୋଙ୍କୁ ୨୦୧୭ ମସିହାରେ ହତ୍ୟା କରିବାକୁ ନେଇ ଗତ ୧୬ ତାରିଖରେ ନିମିଷାଙ୍କୁ ଫାଶୀ ଦିଆଯିବାର ଥିଲା। କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କାନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା ଲାଗି ଆଗକୁ ଆସିଥିଲେ। ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କ ଫାଶୀଦଣ୍ଡକୁ ଅଟକାଇ ଦିଆଯାଇଥିଲା। ତେବେ କାନ୍ଥପୁରମଙ୍କ ଦାବିକୁ ୟେମେନର ସାମାଜିକ କର୍ମୀ ତଥା ଆହ୍ୱାନ କାଉନସିଲ୍ ଫର୍ ତଲାଲ ମହଦିସ୍ ଜଷ୍ଟିସ୍-ଇନ୍- ୟେମେନର ପ୍ରବକ୍ତା ସରହନ ସମସାନ ଅଲ ୱିସୱାବିଙ୍କ ପକ୍ଷରୁ ମଧ୍ୟ ନିମିଷାଙ୍କ ଦଣ୍ଡ ରଦ୍ଦ ହେବା ଖବରକୁ ସ୍ୱୀକାର କରାଯାଇଛି। ଫେସବୁକ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଧାର୍ମିକ ଗୁରୁଙ୍କ ହସ୍ତକ୍ଷେପ ଯୋଗୁଁ ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି। ଏବେ ତାଙ୍କୁ ଜେଲରୁ ମୁକ୍ତ କରାଯିବ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ। ତେବେ ନିମିଷା ଜେଲ୍‌ରେ ରହିବେ କି 'ବ୍ଲଡ ମନି' ଦେଇ ମୁକୁଳିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଦିଲ୍ଲୀରେ ଉଠିଲା ଓଡ଼ିଶାର ନାରୀ ସୁରକ୍ଷା ପ୍ରସଙ୍ଗ

# ସଂସଦ ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ

ଭୁବନେଶ୍ୱର, ୨୯।୭(ସମିସ): ଦିଲ୍ଲୀରେ ପହଞ୍ଚିଛି ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ନିର୍ଯାତନା ପ୍ରସଙ୍ଗ । ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭା ସାଂସଦମାନେ

- ପ୍ରବଳ ବର୍ଷାରେ ଧାରଣା ଦେଲେ ବିଜେଡି ରାଜ୍ୟସଭା ସାଂସଦ
- ବଲଙ୍ଗା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି
- ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଦାବି କଲେ ନ୍ୟାୟିକ ତଦନ୍ତ




ସଂସଦ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଦଳର ୬ ଜଣ ରାଜ୍ୟସଭା ସାଂସଦ ପ୍ଲାକାର୍ଡ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସମ୍ପ୍ରତି ଓଡ଼ିଶାରେ ନାରୀ ଓ ଶିଶୁ ଅସୁରକ୍ଷିତ। ଜଣେ ମହିଳା ଘରୁ ବାହାରିଲେ ସୁରକ୍ଷିତ ଭାବରେ ଫେରିବାର ନିଶ୍ଚିତତା ନାହିଁ । ଗତ କିଛି ମାସ ଧରି ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଘଟଣା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛନ୍ତି।

ଏହି ପରିପ୍ରେକ୍ଷୀରେ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଓ ବଲଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଂସଦମାନେ ଦାବି କରିଛନ୍ତି। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ କହିଛନ୍ତି। ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

ପ୍ରତିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ସାଂସଦମାନେ କହିଛନ୍ତି ଯେ ରାଜ୍ୟରେ ନାରୀ, ଛୋଟ ଶିଶୁ ସମସ୍ତ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ବାଲେଶ୍ୱର ଏଫଏମ କଲେଜର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିଥିବା ବେଳେ, ପୁରୀ ଜିଲ୍ଲା ବଲଙ୍ଗାର ଜଣେ ଛାତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଉକ୍ତ ଛାତ୍ରୀଙ୍କର ୭୫ ପ୍ରତିଶତ ଶରୀର ପୋଡ଼ି ଯାଇଛି। ଏସମସ୍ତ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଠାବ କରିବାରେ ରାଜ୍ୟ ସରକାର,ପୁଲିସ ବିଫଳ ହୋଇଛନ୍ତି। ତେଣୁ ପ୍ରକୃତ ସତ୍ୟକୁ ପଦାକୁ ଆଣିବାକୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ। ମାତ୍ର ଏହାକୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳସ୍ୱରୂପ ଏପରି ସମ୍ବେଦନଶୀଳ ଘଟଣା ଗୁଡ଼ିକର ପ୍ରକୃତ ସତ୍ୟ ପଦାକୁ ଆସୁନାହିଁ। ରାଜ୍ୟ ସରକାର ଯଦି ନ୍ୟାୟିକ ତଦନ୍ତ ନ କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ କହିଛନ୍ତି।

■ ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆହୁରି ୨୪ ଘଣ୍ଟା ଛେଚିବ

ଭୁବନେଶ୍ୱର, ୨୯।୭(ସମିସ): ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ। ତେବେ ୩୧ ତାରିଖ ପରଠାରୁ ବର୍ଷା କମିବା ନେଇ ଆକଳନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବର୍ତ୍ତମାନ ଦକ୍ଷିଣ ବାଂଲାଦେଶ ଏବଂ ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ରହୁଛି ଓ ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେଉଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାର ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ସାଢ଼େ ୫ଟା ସୁଦ୍ଧା ଟିଟଲାଗଡ଼ରେ ୩୯ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୩୭ ମିମି, ବଲାଙ୍ଗିରରେ ୨୨ ମିମି, ନୂଆପଡ଼ାରେ ୨୩ ମିମି ଓ ଖୋର୍ଦ୍ଧା, ଛତ୍ରପୁର ଏବଂ ଚାନ୍ଦବାଲିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବୁଧବାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ଟ୍ରଫ୍ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଲମ୍ବିଛି। ଧୀରେଧୀରେ ମୌସୁମୀ ଟ୍ରଫ୍ ହିମାଳୟ ଆଡ଼କୁ ଯିବାକୁ ଥିବାରୁ ୩୧ କିମ୍ବା ୧ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବାର ସମ୍ଭାବନା ରହିଛି। ଏମିତିକି, ଗୋଟିଏ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ମୌସୁମୀ ବ୍ରେକ୍ ନେବାର ଆଶଙ୍କା କରାଯାଉଛି। ଏହା ପରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ହିଁ ମୌସୁମୀ ପୁଣିଥରେ ସକ୍ରିୟ ହେବ ଓ ମୌସୁମୀ ଟ୍ରଫ୍ ସ୍ୱାଭାବିକ ଅବସ୍ଥାକୁ ଫେରିବ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯୬.୯ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫୨୬.୪ ମିମିଠାରୁ ୧୩ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ଗୋଟିଏ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୮ ଜିଲ୍ଲାରେ ଅତିରିକ୍ତ, ୧୭ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି, ଗତ ୨୪ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି।

ଏମିତି ବି ଆସେ ମୃତ୍ୟୁ !

# ଖେଳୁଖେଳୁ ଚାଲିଗଲା ଜୀବନ

ସମ୍ବଲପୁର, ୨୯।୭ (ସମିସ): ତାଙ୍କ ପାଇଁ କ୍ରିକେଟ୍ ଥିଲା ଜୀବନଠୁ ଅଧିକ। ଖେଳିବା ପାଇଁ ଭୋକ, ଶୋଷ ଭୁଲିଯାଉଥିଲେ। ସେଇଥିରେ କ୍ୟାରିୟର୍ ଗଢ଼ିବାକୁ ବି ସ୍ଥିର କରିଥିଲେ। ଅଣ୍ଡର-୧୬ରେ ଭାଗ ନେବା ପାଇଁ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ, ଶେଷରେ ସେଇ କ୍ରିକେଟ୍ ତାଙ୍କ ଜୀବନ ନେଇଗଲା। ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମ୍ୟାଚ୍ ପାଇଁ ଅଭ୍ୟାସ କରୁଥିବା ବେଳେ ଛାତିରେ ବଲ୍ ବାଜି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମାଝିପାଲିର ଉତ୍କର୍ଷ ସିଂ ଚୌହାନ (୧୮)।



ଉତ୍କର୍ଷ ଉତ୍ତରପ୍ରଦେଶର ମୂଳ ବାସିନ୍ଦା। ବାପା ମାଝିପାଲିରେ କାମ କରନ୍ତି। କେବଳ କ୍ରିକେଟ୍ ଖେଳିବା ପାଇଁ ସେ ଉତ୍ତରପ୍ରଦେଶରୁ ସମ୍ବଲପୁର ଧାଇଁ ଆସିଥିଲେ। ଅଣ୍ଡର୍-୧୬ ମ୍ୟାଚ୍ ପାଇଁ ସେ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। ଆଜି ସକାଳେ ସେ ରେଲୱେ ପଡ଼ିଆଠାରେ ନେଟ୍ସରେ ମ୍ୟାଚ୍ ଅଭ୍ୟାସ କରୁଥିଲେ। ନିଜର ବ୍ୟାଟିଂ କୌଶଳ ବୃଦ୍ଧି କରିବା ପାଇଁ ପ୍ରାୟ ପ୍ରତିଦିନ ସେ ଏପରି ଅଭ୍ୟାସ କରିଥା'ନ୍ତି। ତେବେ ସକାଳ ପ୍ରାୟ ୧୦ଟା ବେଳେ ବଲ୍‌ଟି ତାଙ୍କ ଛାତିରେ ବାଜିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସାଥୀ ସହଯୋଗୀମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷେତରାଜପୁର ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି।

# ପୂରଣ ହେବ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକର ଆକାଂକ୍ଷା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୭(ସମିସ): ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଆକାଂକ୍ଷା ପୂରଣ ହେବ ବୋଲି ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଅନୁଷ୍ଠିତ 'ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ'ରେ ଯୋଗଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଆହୁରି କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଅଧୀନରେ ତୃଣମୂଳସ୍ତରରେ ଯୋଜନା ପହଞ୍ଚୁଛି। କନଭରଜେନସ୍ (କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ), କୋଲାବୋରେସନ୍ (କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ) ଏବଂ କମ୍ପିଟିସନ୍ ପରି ୩ଟି ସି' ମାଧ୍ୟମରେ ଜିଲ୍ଲା-ଜିଲ୍ଲା ମଧ୍ୟରେ ସୁସ୍ଥ ପ୍ରତିଯୋଗିତାକୁ ଗୁରୁତ୍ୱ ଦିଆଯାଇଛି। ଆଜିଠୁ ଆରମ୍ଭ ହୋଇଥିବା ଆକାଂକ୍ଷୀ ହାଟ ଅଭିଯାନରେ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ଉତ୍ପାଦିତ ସାମଗ୍ରୀର ବଜାର ଉପଲବ୍ଧତା ବୃଦ୍ଧି ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାର ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ



ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ହେଉଛି। ବିଭିନ୍ନ ବର୍ଗରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ୧୦ଟି ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ଆକାଂକ୍ଷୀ ଜିଲ୍ଲା ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣ ପଦକ ପାଇଥିବାବେଳେ କନ୍ଧମାଳ ଓ କୋରାପୁଟ ରୌପ୍ୟ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ଖଇରପୁଟ , ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ ବ୍ଲକ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୭ଟି ବ୍ଲକ୍ ରୌପ୍ୟ, ୩ଟି ବ୍ଲକ କାଂସ୍ୟ ଏବଂ ୧୧ଟି ବ୍ଲକ ତାମ୍ର ପଦକ ପାଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରୋତ୍ସାହିତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଛନ୍ତି।

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର/ନୟାଗଡ଼/ଗଣିଆ,୨୯।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢାଉ କରିଛି ଭିଜିଲାନ୍ସ। ଆଜି ଭୋର୍‌ରୁ ୭ ଡିଏସପି, ୫ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଭୁବନେଶ୍ୱର ଓ

- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ
- ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍‌ରେ ଦୋକାନ
- ରାଜଧାନୀ,ନୟାଗଡ଼,ଖୋର୍ଦ୍ଧାରେ୧୩ ଟି ପ୍ଲଟ୍

ନୟାଗଡ଼ର ୧୦ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ବେଳେ ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ୩ ମହଲା କୋଠା, କସମୋପଲିସରେ ଫ୍ଲାଟ୍, ପାହାଳର ସିମ୍ଫୋନି ମଲରେ ଦୋକାନ ଘର, ନୟାଗଡ଼ ଜଗନ୍ନାଥ ପ୍ରସାଦରେ ଥିବା ପୈତୃକ ଘର, ଅଫିସ ଚ୍ୟାମ୍ବର, ଭୁବନେଶ୍ୱର ପଟିଆରେଶ୍ୱଶୁର ଘର, ନୟାଗଡ଼ରେ ଶ୍ୱଶୁର ଘର, ଭୁବନେଶ୍ୱର କସମୋପଲିସର ଟାୱାର ଏ୨ରେ ଫ୍ଲାଟ୍, ଡୁମୁଡୁମାରେ ଥିବା ପ୍ଲଟ୍ ଓ ଜାଗମରାରେ ଥିବା ଏଏସ୍‌ଏନ ଇନଫ୍ରାଷ୍ଟ୍ରକଚରରେ ଚଢଉ ହୋଇଛି।



ରାଜକିଶୋର ଏବଂ ତାଙ୍କ ପରିବାର ନାମରେ ଭୁବନେଶ୍ୱରରେ ୯ଟି ପ୍ଲଟ୍ ଥିବା ବେଳେ ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ପ୍ଲଟ୍ ରହିଛି। ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ୭୫ଲକ୍ଷ ଟଙ୍କା ଜମା ଅଛି। ସେ ଦୁଇ ପିଲାଙ୍କ ପଢ଼ା ବାବଦରେ ପ୍ରାୟ ୬୭ ଲକ୍ଷ ଖର୍ଚ୍ଚ କରିଛନ୍ତି ଓ ଘରର ଆସବାବପତ୍ର ୩୦ଲକ୍ଷର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଅର୍ଜିତ ସମ୍ପତ୍ତି ଆୟ ବହିର୍ଭୂତ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ରାଜକିଶୋରଙ୍କୁ ଅଟକ ରଖିଛନ୍ତି । ୨୦୦୭ ଅକ୍ଟୋବର ୩ରେ ରାଜକିଶୋର ଡାଟା ଏଣ୍ଟ୍ରି ଭାବେ କାମ କରୁଥିଲେ। ସେତବେଳେ ତାଙ୍କର ଦରମା ୫ହଜାର ଟଙ୍କା ରହିଥିଲା। ଏହାପରେ ସେ ନିୟମିତ ହେବା ପରେ ୨୦୧୩ ଅକ୍ଟୋବର ୨ରେ ଭୁବନେଶ୍ୱର ଆରଡବ୍ଲ୍ୟୁ ଡିଭିଜନରେ ଜେଇ(ସିଭିଲ) ଭାବେ କାମ କରିଥିଲେ। ୨୦୧୪ ଅକ୍ଟୋବର ୧ରେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୨୦୧୪ ନଭେମ୍ବର ୧ରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୨କୁ ବଦଳି ହୋଇ ଆସିଥିଲେ। ଏହାପରେ ୨୦୧୬ ଜୁନ ୧୩ରେ କେଉଁଝର ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଯାଇଥିଲେ। ୨୦୧୬ରେ ନଭେମ୍ବର ୧ରେ କଟକ ଆର୍‌ଆଣ୍ଡବି ଡିଭିଜନ-୨କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କାମ କରିବା ପରେ ୨୦୧୭ ନଭେମ୍ବର ୩୦ରେ ଭୁବନେଶ୍ୱର-୪ ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଆସିଥିଲେ। ସେ ଭୁବନେଶ୍ୱର ଓ କଟକରେ ୧୮ ବର୍ଷ ହେବ କାମ କରୁଛନ୍ତି। ବର୍ତ୍ତମାନ ସେ ଦରମା ୭୭ହଜାର ୨୭ ଟଙ୍କା ପାଉଥିବା ବେଳେ କୋଟି କୋଟି ସମ୍ପତ୍ତିର କିଭଳି ମାଲିକ ହେଲେ ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି।

# ଉଦ୍ଧାର କରିବାକୁ ଯାଇ ଭାସିଗଲେ ଦୀନବନ୍ଧୁ

ପଟ୍ଟାମୁଣ୍ଡାଇ/ମାଳିପୁର,୨୯।୭ (ସମିସ): ଯୁବକଙ୍କୁ ଉଦ୍ଧାର କରିବାକୁ ଯାଇ ବନ୍ୟାଜଳରେ ଭାସିଗଲେ ବୃଦ୍ଧ। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତର ପାଳପାଟଣା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଦୀନବନ୍ଧୁ ଧଳ(୬୨)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୨ଟାରେ ଗ୍ରାମର ପ୍ରତାପ ସାହୁ (୫୧) ବାଇକ୍‌ରେ ବନ୍ୟାଜଳରେ ବୁଡ଼ି ରହିଥିବା ରାସ୍ତା ପାର ହେଉଥିବା ବେଳେ ସୁଅରେ ବାଇକ୍ ସହ ଭାସିଯାଇଥିଲେ। ଏହା ଦେଖି ଦୀନବନ୍ଧୁ ପାଣିକୁ ଡେଇଁ ତାଙ୍କୁ ଠେଲିଠେଲି କୂଳରେ ଲଗାଇ ଦେଇଥିଲେ। କିନ୍ତୁ ଦୀନବନ୍ଧୁ ହାଲିଆ ହୋଇପଡ଼ିବାରୁ ପାଣି ସୁଅ ତାଙ୍କୁ ଭସାଇ ନେଇଥିଲା ଓ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏକ ଡଙ୍ଗାରେ ବସି ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ଘଟଣାସ୍ଥଳଠାରୁ କିଛି ଦୂରରେ ତାଙ୍କ ଶବ ପାଇଥିଲେ। ଖବର ପାଇ କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ, ଡାମରପୁର ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀନବନ୍ଧୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଯାଇଥିଲା। ଦୀନବନ୍ଧୁ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୂଚନାଯୋଗ୍ୟ, ଚଳିତବର୍ଷ ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହାସହ ଦୀନବନ୍ଧୁଙ୍କୁ ମିଶାଇ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ବ୍ରାହ୍ମଣୀରେ ଆସିଥିବା ପ୍ରଥମ ବନ୍ୟାରେ ବଳଭଦ୍ରପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗ୍ରାମର ଯୁବକ ମନୋଜ କୁମାର ଦାଶ(୪୦)ଙ୍କର ମୃତ୍ୟୁ ଘଟିଥିଲା।

# ସ୍ତ୍ରୀ, ଶାଶୂଙ୍କୁ ମାରି ଲେମ୍ବୁବାଡ଼ିରେ ପୋତିଦେଲା

ବାରିପଦା/ କୁଳିଅଣା, ୨୯।୭ (ସମିସ): ସ୍ତ୍ରୀ ଓ ଶାଶୂକୁ ପଥରରେ ଛେଚି ହତ୍ୟା କରିବା ପରେ ରାତାରାତି ଗାତ ଖୋଳି ଲେମ୍ବୁବାଡ଼ିରେ ପୋତିଦେଲା। କାହାର ଯେପରି ସନ୍ଦେହ ନ ହେବ, ସେଥିପାଇଁ ସେଠାରେ ଏକ କଦଳୀ ଗଛ ବି ଲଗାଇ ଦେଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ସରପଙ୍କା ନୂଆଁଗାଁରେ ଗତ ୧୫ ତାରିଖରେ ଘଟିଥିବା ଏଭଳି ଏକ ଜଘନ୍ୟ କାଣ୍ଡ ଉପରେ ଆଜି ପୁଲିସ୍ ପରଦା ଉଠାଇଛି।

- ୧୦ ଫୁଟ୍ ତଳୁ ଗଳିତ ଶବ ଉଦ୍ଧାର କଲା ପୁଲିସ୍
- ଅଭିଯୁକ୍ତ ଗିରଫ



ମୃତକଦ୍ୱୟ ହେଲେ, ସୋନାଲି ଦଳାଇ ଓ ତାଙ୍କ ମା' ସୁମତା ଦଳାଇ। ୧୦ ଫୁଟ୍ ଗାତ ଖୋଳି ପୁଲିସ୍ ଜରିଗୁଡ଼ା ଅବସ୍ଥାରେ ମା'-ଝିଅଙ୍କ ଗଳିତ ଶବକୁ ଜବତ କରିବା ସହ ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ଦେବାଶିଷ ପାତ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଦୁଇ ଦୁଇଟି ହତ୍ୟାକାଣ୍ଡ ଭିଆଇବା ସହ ୧୦ ଫୁଟ୍‌ର ଗାତ ଖୋଳି ଶବଦ୍ୱୟକୁ ପୋତିବା ଜଣଙ୍କର କାମ ନୁହେଁ ବୋଲି ପୁଲିସ୍ ସନ୍ଦେହ କରିଛି। ତେଣୁ, ଏଥିରେ ତାକୁ ଆଉ କିଛି ଲୋକ ସାହାଯ୍ୟ କରିଥିବା ପୁଲିସ୍ ଅନୁମାନ କରୁଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଦେବାଶିଷକୁ ପଚରାଉଚରା ଚଳାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ପାରିବାରିକ କଳହ ଯୋଗୁ ସୋନାଲି ସ୍ୱାମୀ ଦେବାଶିଷଙ୍କୁ ଛାଡ଼ି ନିଜ ଘରେ ରହୁଥିଲେ। ଗତ ୧୨ ତାରିଖରେ ସୋନାଲି ତାଙ୍କ ମା' ସୁମତାଙ୍କ ସହ ଦେବାଶିଷଙ୍କ ଘରକୁ ଆସିଥିଲେ। ହେଲେ ଗତ ୧୭ ତାରିଖ ଦିନଠାରୁ ତାଙ୍କର ଆଉ ଖୋଜଖବର ମିଳି ନ ଥିଲା। ଏ ସଂପର୍କରେ ସୋନାଲିଙ୍କ ଭଉଣୀ ଦୁହିଁଙ୍କ ନିଖୋଜ ନେଇ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ବହୁ ତଦନ୍ତ ପରେ ମଧ୍ୟ କାହାରି ସନ୍ଧାନ ନ ମିଳିବାରୁ ଆଜି ପୁଲିସ ଦେବାଶିଷ ଘରେ ପହଞ୍ଚି ତନାଘନା କରିଥିଲା। ପ୍ରଥମେ ପ୍ରଥମେ ପୁଲିସ୍‌କୁ ଏଣ୍ଡୁତେଣ୍ଡୁ କହି ଦେବାଶିଷ ଫାଙ୍କିଥିଲା। କିନ୍ତୁ ପରେ ପୁଲିସ୍‌ର ନାଲି ଆଖି ଦେଖି ସତ ଓଗାଳିଥିଲା। ଗତ ୧୫ତାରିଖରେ ସେ ସ୍ତ୍ରୀ ଓ ଶାଶୂଙ୍କୁ ପଥରରେ ଛେଚି ହତ୍ୟା କରିବା ପାରେ ମାଟି ତଳେ ପୋତି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା ଦେବାଶିଷ। ପରେ ପୁଲିସ୍ ଗାତ ଖୋଳି ଲେମ୍ବୁବାଡ଼ିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା।

## ପଞ୍ଜୀକରଣରୁ ମଣ୍ଡି ଚାରିଆଡେ ଅବ୍ୟବସ୍ଥା

# ରାଜ୍ୟରେ ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ୧ଲକ୍ଷ ୮୨ ହଜାର ନକଲି ଚାଷୀ ପଞ୍ଜିକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଚାଷୀମାନଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ସମବାୟରେ ଥିବା ଅବ୍ୟବସ୍ଥା ବାବଦରେ ମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମସ୍ୟାରେ ସନ୍ତୁଳି ହେଉଛନ୍ତି ଚାଷୀ। ଗତବର୍ଷ ଏଥିରେ ସଂସ୍କାର ଆଣିବା ନେଇ ରାଜ୍ୟ ସରକାର ଓ ସମବାୟ, ଯୋଗାଣ ଓ କୃଷି ବିଭାଗ ଆଦି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷକ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଚାଷୀଙ୍କର ଗୋଟିଏ ବି ସମସ୍ୟା ଏଯାଏଁ ସମାଧାନ ହୋଇପାରିନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମସ୍ୟା ଉପରେ ଦୃଷ୍ଟିପାତ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୨୦ ତାରିଖ ଯାଏଁ ଏହି ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ। ହେଲେ ଚଳିତଥର ପଞ୍ଜିକରଣରେ 'ଇ-କେୱାଇସି' ବଡ଼ ବାଧକ ସାଜିଛି। ଇଣ୍ଟରନେଟ୍ ଭିତ୍ତିଭୂମି ଦୁର୍ବଳ, ସମବାୟ ଗୁଡ଼ିକରେ ମାନବ ସମ୍ବଳ ଅଭାବ ଆଦି କାରଣରୁ ଚାଷୀମାନେ ସଠିକ ଭାବେ 'ଇ-କେୱାଇସି' କରିପାରୁନାହାନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧ କରାଯାଉଥିଲେ ହେଁ ସରକାର ଏହା ଉପରେ ଏବେ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସେହିଭଳି ଗତବର୍ଷ କଟ୍‌ନୀଛଟନୀ ବନ୍ଦ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ୱିଣ୍ଟାଲ୍ ପିଛା ୧୨ରୁ ୨୦ କିଲୋ ପର୍ଯ୍ୟନ୍ତ ଧାନ ମିଲର୍‌ମାନେ କାଟି ନେଉଥିଲେ। ଏନେଇ ସମବାୟ ସମିତିଠାରୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରି ବି କିଛି ସୁଫଳ ମିଳିନଥିଲା। ସେହିଭଳି ଚାଷୀକୁ ଟୋକନ୍ ମିଳିବାର ଗୋଟିଏ ଦିନ ଆଗରୁ ମଣ୍ଡିକୁ ଧାନ ଆଣିବାକୁ କୁହାଯାଉଛି; କିନ୍ତୁ ମଣ୍ଡିକୁ ଧାନ ଆଣିବା ପରେ ମିଲର୍ ନିଜ ମନ ମୁତାବକ ଧାନ ଉଠାଉଛି। ମଣ୍ଡିରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି। ଚାଷୀ ଏନେଇ ଅଭିଯୋଗଠାରୁ ଆରମ୍ଭ କରି ରାସ୍ତାରୋକ୍ କଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ଦିନ ଦିନ ଧରି ଚାଷୀ ମଣ୍ଡିରେ ଧାନ ଜଗି ବସୁଥିଲେ ବି ତାଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ।

ଅନ୍ୟପକ୍ଷରେ ଧାନ ବିକ୍ରିବେଳେ କଟ୍‌ନୀଛଟ୍‌ନୀରେ ଖୋଦ୍ ସମବାୟ ସମିତିର ସଦସ୍ୟମାନେ ସମ୍ପୃକ୍ତି ରହୁଥିବାବେଳେ ମନ୍ତ୍ରୀ ନିଜ ବିଭାଗୀୟ ଲୋକଙ୍କ ପାଇଁ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି। ଚାଷୀ ସଂଗଠନମାନେ ତଥ୍ୟ ପ୍ରମାଣ ସହ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁ ଚାଷୀ ଧାନ ପଞ୍ଜିକରଣ ସମୟରେ ନଭେମ୍ବର-ଡିସେମ୍ବର ଭିତରେ ଧାନ ବିକ୍ରି କରିବା ପାଇଁ କଷ୍ଟ ଦେଉଥିଲେ ବି ମିଲର୍‌ଙ୍କ ମନମାନୀ ଯୋଗୁଁ ଜାନୁଆରୀ, ଫେବୃଆରୀ ସୁଦ୍ଧା ବି ଧାନ ଉଠିପାରୁନି। ଶେଷରେ ଏକାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି। ଏ ବାବଦରେ ଗତବର୍ଷ ଖରିଫ୍‌ଠାରୁ ଆରମ୍ଭ କରି ରବି ପର୍ଯ୍ୟନ୍ତ ଚାଷୀମାନେ ଅଭିଯୋଗ କରିଥିଲେ ବି ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନି। ଶେଷରେ ଚାଷୀମାନେ ବାଧ୍ୟହୋଇ ଦଲାଲ୍‌ଙ୍କୁ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଚଳିତବର୍ଷ ଏ ବାବଦରେ ସରକାର ସଚେତନ ହେବା ପାଇଁ ଓଡ଼ିଶା କିଷାନ ମୋର୍ଚ୍ଚାର ସମ୍ପାଦକ ଶୁଭେନ୍ଦୁ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କଠୋର ଚେତାବନୀ ଦେଇଛନ୍ତି।



# ବିଦେଶୀ ନିଶାରେ ଝୁମୁଛି ଭୁବନେଶ୍ୱର

ଭୁବନେଶ୍ୱର, ୨୯ ।୭ (ସମିସ)

ଉଡ଼ନ୍ତା ପଞ୍ଜାବ ପାଲଟିବ ରାଜଧାନୀ ଭୁବନେଶ୍ୱର। କାରଣ ସହରରେ ଗଳିକନ୍ଦି ଠାରୁ ଆରମ୍ଭ କରି ଚା ଦୋକାନ ପାନ ଦୋକାନରେ ନିଶା ଶସ୍ତାରେ ମିଳୁଛି। ଏବେ ଧୀରେ ଧୀରେ ଭୁବନେଶ୍ୱରକୁ ଗ୍ରାସ କରିଗଲାଣି ବିଦେଶୀ ନିଶା। ବିଦେଶରୁ ଆସୁଛି ମାରାତ୍ମକ ସିନ୍ଥେଟିକ୍ ଡ୍ରଗ୍ସ ଏବଂ ମାରିଜୁଆନା। ଯାହାର ମୂଲ୍ୟ କୋଟି କୋଟି ଟଙ୍କା ବିଦେଶରୁ ଏହି ହାଇପ୍ରୋଫାଇଲ୍ ନିଶାଦ୍ରବ୍ୟ ଭୁବନେଶ୍ୱରକୁ ଆସୁଛି। ରାଜଧାନୀର ଯୁବପିଢି ଏଠାରେ



- ଆଜିକା ଯୁବପିଢ଼ିଙ୍କ ପସନ୍ଦ ଚକ୍‌ଲେଟ ଡ୍ରଗ୍ସ
- ବିଦେଶରୁ ଆସୁଛି ସିନ୍ଥେଟିକ୍ ଡ୍ରଗ୍ସ, ମାରିଜୁଆନା
- ମନ୍ଦିର ମାଳିନୀ ସହରକୁ ବିଷମୟ କରୁଛି ବ୍ୟାଙ୍କକ୍

ମିଳୁଥିବା ନିଶାଦ୍ରବ୍ୟକୁ ଆଉ ପସନ୍ଦ କରୁନାହାନ୍ତି। ସେମାନେ ବିଦେଶୀ ନିଶା ଖାଇବାକୁ ଲାଗିଲେଣି। ଯାହାର ମୂଲ୍ୟ ଢେର ଅଧିକ। ଆଜି ଭୁବନେଶ୍ୱର ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହେବା ଏହା ପ୍ରମାଣିତ ହୋଇଛି। ବ୍ୟାଙ୍କକରୁ ଭୁବନେଶ୍ୱର ଚାଲାଣ ବେଳେ ୩୦ କୋଟିର ମାରିଜୁଆନା ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଇଣ୍ଡିଗୋ ଫ୍ଲାଇଟ୍ ନମ୍ବର ସିକ୍ସ-ଏ-୧୦୬୬ ବିମାନରେ ଆଗ୍ରା ଫତେପୁର ଅଞ୍ଚଳର ରୋହିତ, ଜାନ୍ ମହମ୍ମଦ ଏବଂ ବଣ୍ଟି ନାମକ ଯୁବକ ବ୍ୟାଙ୍କକରୁ ଭୁବନେଶ୍ୱର ଯାତ୍ରା କରୁଥିଲେ। ମାରିଜୁଆନା ଭର୍ତ୍ତି ବ୍ୟାଗ୍ ନେଇ ଭୁବନେଶ୍ୱର ପହଞ୍ଚିବା ପରେ, ଡିଆର୍‌ଆଇ ଟିମ୍ ହାତରେ ଧରା ପଡ଼ିଥିଲେ।

ଏହି ମାରିଜୁଆନା ଦେଖିବାକୁ ଅବିକଳ ଗଞ୍ଜେଇ ଭଳି। ଗଞ୍ଜେଇ କିଲୋ ଭାରତୀୟ ବଜାରରେ ୧୦ ହଜାର ଟଙ୍କା ଥିବା ବେଳେ ମାରିଜୁଆନାର ଦାମ୍ କୋଟିଏ ଟଙ୍କାରୁ ଅଧିକ। ଓଡ଼ିଶାର ଲୋକେ ଦି' ଓଳି ଖାଇବାକୁ ପାଉ ନ ଥିବା ବେଳେ ଲୋକ ନିଶା ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ଜାନୁଆରୀ ମାସରେ ୨୧ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିବା ବେଳେ ଆଜି ପୁଣି ୩୦ କୋଟିର ମାଲ୍ ଜବତ ହୋଇଛି। ପୂର୍ବରୁ ଏହି ରାକେଟରେ ମହିଳାଙ୍କ ସମ୍ପୃକ୍ତି ଦେଖିବାକୁ ପୁଲିସ ଏବଂ ଅବକାରୀ ବିଭାଗ ଜାଣିବାକୁ ପାଇଛି।

ଏବେ ଯୁବପିଢ଼ି ଚକ୍‌ଲେଟ୍ ଭଳି ଦେଖାଯାଉଥିବା ଡ୍ରଗ୍ସ ଆସୁଛି। ଯାହାକୁ ସିନ୍ଥେଟିକ୍ ଡ୍ରଗ୍ସ କୁହାଯାଉଛି। ଏହା ବିଦେଶରୁ ଭୁବନେଶ୍ୱରକୁ ଆସୁଛି। ଏହି ଚକ୍‌ଲେଟ ଭଳି ଛୋଟ ହୋଇଥିବାରୁ ଏହାକୁ ପୁଲିସ ଏବଂ ଅବକାରୀ ବିଭାଗ ଧରିବା ସହଜ ନୁହେଁ। ତେଣୁ ଯୁବପିଢୀ ଏହି ଡ୍ରଗ୍ସକୁ ନେଇ ପକେଟ୍‌ରେ ରଖୁଛନ୍ତି। ଆବଶ୍ୟକ ହେଲେ ଖାଉଛନ୍ତି। ପାଠୁଆରୁ ଅପାଠୁଆ, ବେକାରୀରୁ ଚାକିରିଆ ସମସ୍ତେ ଏହି ସିନ୍ଥେଟିକ୍ ଡ୍ରଗ୍ସ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଗତ ୨୩ ତାରିଖରେ ଭୁବନେଶ୍ୱର ମୈତ୍ରିବିହାର ଥାନା ଅଞ୍ଚଳରୁ ଏନସିବି ଜବତ ହୋଇଥିଲା ସିନ୍ଥେଟିକ୍ ଡ୍ରଗ୍ସ। ଯାହା ପ୍ରଥମ ଥର ପାଇଁ ଓଡ଼ିଶାରୁ ଜବତ ହୋଇଛି। ଯୁବପିଢିଙ୍କ ନିଶାର ଡିମାଣ୍ଡକୁ ଦେଖି ସପ୍ଲାୟରଙ୍କ ଏଭଳି କାରବାର କରୁଛନ୍ତି।

ବିଶେଷ କରି ଏହି ପ୍ରକାର ବିଦେଶୀ ନିଶା ସିନ୍ଥେଟିକ୍ ଡ୍ରଗ୍ସ ଏବଂ ମାରିଜୁଆନା ବିଭିନ୍ନ ମେଟ୍ରୋ ସିଟିମାନଙ୍କରେ ଦେଖିବାକୁ ମିଳେ କିନ୍ତୁ ଏହା ଭୁବନେଶ୍ୱରରେ ମିଳିବା ଅତ୍ୟନ୍ତ ଦୁଃଖଦାୟକ ଓ ଯନ୍ତ୍ରଣାଦାୟକ ବୋଲି ପୂର୍ବତନ ଅବକାରୀ କମିଶନର ସୁଦର୍ଶନ ନାୟକ କହିଛନ୍ତି। ଯଦି ଏହା ଉପରେ ଏବେଠୁ ରୋକ ନ ଲଗାଯାଏ ଏହାର ପ୍ରଭାବ କେତେ ଯେ ଖରାପ ହେବ ଆଗାମୀ ଦିନରେ ଜଣାପଡ଼ିବ।

ବିଶେଷ କରି ସିନ୍ଥେଟିକ୍ ଡ୍ରଗ୍ସ ଏବଂ ମାରିଜୁଆନା ଯେଉଁମାନେ ବ୍ୟବହାର କରନ୍ତି ସେମାନଙ୍କର ମାନସିକ ସ୍ଥିତି ଉପରେ ନିର୍ଭର କରେ। କିଛି ଅପରାଧିକ ଚରିତ୍ର ଥିବା ଲୋକ ନେଉଛନ୍ତି। ଆଉ କିଛି ଉଚ୍ଚଶିକ୍ଷିତ ଭଲ ରୋଜଗାର ଷ୍ଟାଟସ୍ ଥିବା ଲୋକ ମଧ୍ୟ ବ୍ୟବହାର କରୁଛନ୍ତି। ସିନ୍ଥେଟିକ୍ ଡ୍ରଗ୍ସ ବା ଏଲଏସଡି ଏହା ଏପରି ଏକ ଡ୍ରଗ୍ସ ଯାହାକି ସେବନ କରିବା ପରେ ଅତ୍ୟଧିକ ଅପ୍ରାକୃତିକ ଆନନ୍ଦ, ମାନସିକ ବଳ ପ୍ରୟୋଗକାରୀ ଶକ୍ତି ବୃଦ୍ଧି, ପରିକଳ୍ପନା ବିଶିଷ୍ଟ ଆଶବିଶ୍ୱାସ ଅନୁଭବ ସୃଷ୍ଟି କରୁଥିବା ନିଶାଦ୍ରବ୍ୟ ଭଳି। ସେବନକାରୀକୁ ଦୃଷ୍ଟିଶକ୍ତି ତିଖଣ ହେଲା ଭଳି ଓ ଶ୍ରବଣ ହାଲୁସିନେସନ ସୃଷ୍ଟି ହେଲାଭଳି ଉତ୍ତେଜନା ସୃଷ୍ଟି କରିଥାଏ। ଏକ ଅଲଗା ଦୁନିଆରେ ରହିଲା ଭଳି ଅନୁଭବ ସୃଷ୍ଟି କରିବା ସହ ତା ନିଜକୁ ଅତ୍ୟନ୍ତ ଉତଫୋଲିତ ଅନୁଭବ କରେ ବୋଲି ଡାକ୍ତର କହିଛନ୍ତି।

## ବିଦେଶରୁ କିଭଳି ଆସୁଛି ଓଡ଼ିଶା

କାରଣ ସିନ୍ଥେଟିକ ଏଲଏସଡି ଭଳି ଡ୍ରଗ୍ସ ପ୍ରଥମ ଥର ଜବତ ହେବା ସହ ପୂର୍ବରୁ ମଧ୍ୟ କୋକେନ, ମାରିଜୁଆନା ଭଳି ନିଶା ଦ୍ରବ୍ୟ ମଧ୍ୟ ଭୁବନେଶ୍ୱରରୁ ଠାବ ହୋଇଛି। ଏସବୁ ନିଶା ଦ୍ରବ୍ୟ ବା ଡ୍ରଗ୍ସ ଏବେ ଚିନ୍ତା ସୃଷ୍ଟି କରିଛି। ପୂର୍ବରୁ ଧରାପଡ଼ିଥିବା କୋକେନ ଭଳି ନିଶା ଦ୍ରବ୍ୟର ଦିଲ୍ଲୀ ପର୍ଯ୍ୟନ୍ତ ଲିଙ୍କ ସାମ୍ନାନକୁ ଆଣିଥିଲା ଏସଟିଏଫ ଟିମ୍। ସେହିପରି ବ୍ରାଉନସୁଗାର ମୁର୍ଶିଦାବାଦ ଦେଇ ଓଡ଼ିଶାକୁ ଆସୁଛି। ଏସବୁ ଡ୍ରଗ୍ସର ଉତ୍ସ ହେଉଛି ମିଆଁମାର, ସିରିଆ, ଚୀନ ଏବଂ ମେକ୍ସିକୋ ଭଳି ସହର। ଏଠାରେ ଏସବୁ ବହୁ ପରିମାଣରେ ଉତ୍ପାଦନ ହୋଇ ବିଭିନ୍ନ ଗଳାବାଟ ଦେଇ ଯାହା ଭାରତ ସମେତ ଅନ୍ୟ ଦେଶକୁ ଚୋରାଚାଲାଣ ହେଉଛି। ଉତ୍ତର-ପୂର୍ବ ରାଜ୍ୟ (ମଣିପୁର, ମିଜୋରାମ, ନାଗାଲାଣ୍ଡ) ମାଧ୍ୟମରେ ଏସବୁ ଏବେ ଅଧିକାଂଶ କାରବାର ହେଉଛି। ଯାହା ଓଡ଼ିଶା ପର୍ଯ୍ୟନ୍ତ ପହଞ୍ଚୁଛି। ଓଡ଼ିଶାକୁ ଦିଲ୍ଲୀ, ପଞ୍ଜାବ, କର୍ଣ୍ଣାଟକ ଦେଇ ଜଳ, ସ୍ଥଳ ପଥରେ ମଧ୍ୟ ବିଭିନ୍ନ ବାଟରେ ଆସୁଥିବାବେଳେ ବିଦେଶରୁ ଆଫ୍ରିକୀୟ ଦେଶ, ମେକ୍ସିକୋରୁ ଅନେକ ମାଧ୍ୟମରେ ଚୋରା କାରବାର କରାଯାଉଛି। ବିଶେଷକରି ବ୍ୟାଙ୍କକରୁ ମାରିଜୁଆନା ଭୁବନେଶ୍ୱର ଆସୁଛି।

ବିଦେଶୀ ନିଶା ସିନ୍ଥେଟିକ୍ ଡ୍ରଗ୍ସ ଏବଂ ମାରିଜୁଆନାକୁ ହାର୍ଡଖୋର ଅପରାଧୀ ବ୍ୟବହାର କରନ୍ତି। ଏହି ନିଶା ଖାଇବା ପରେ ମାନସିକ ବିଭ୍ରାନ୍ତିକର କାର୍ଯ୍ୟ କରିବା ଭଳି ସ୍ଥିତି ସୃଷ୍ଟି କରିଥାଏ ଅର୍ଥାତ୍ ଏଭଳି ନିଶା ସେବନକାରୀ ସମ୍ପୂର୍ଣ୍ଣ ବାସ୍ତବତା ଦୁନିଆଠୁ ଟିକେ ଭିନ୍ନ ଭାବେ ଅନୁଭବ ସୃଷ୍ଟି କରିଥାଏ। ଯାହାକି ହାର୍ଡକୋର ନିଶାଡି ମାନେ ଏହାକୁ ବ୍ୟବହାର କରନ୍ତି। ଏଭଳି ନିଶାକୁ ମଧ୍ୟ ଅନେକ ଫିଲ୍ମରେ ସିନରେ ଚିତ୍ରଣ ଯୋଗୁଁ ସେସବୁ ଅଧିକ ପ୍ରଭାବ ପଡୁଛି ଯୁବପିଢିଙ୍କ ଉପରେ। ଗ୍ଲାମର ଦୁନିଆରେ ବିଭିନ୍ନ ପବ୍ ଓ ବାର ଏବଂ ଡ୍ରଗସ ପାର୍ଟିକୁ ଯେଉଁମାନେ ଗୋଟେ ଫ୍ୟାସନ ଭାବି ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଭଳି ବ୍ୟବହାର କରିବାର ନଜିର ସାମ୍ନାକୁ ଆସିଥାଏ।

## ଗାର୍ମେଣ୍ଟ କିଣିବାକୁ ଯାଇ ୧୪ ଲକ୍ଷ ଗୋଲ



**ସୁରତରୁ ୩ ଜଣଙ୍କୁ ଗିରଫ କଲା ପୁଲିସ**

ଭୁବନେଶ୍ୱର, ୨୯ ।୭ (ସମିସ): ଗାର୍ମେଣ୍ଟ କିଣିବାକୁ ଯାଇ ଠକେଇର ଶିକାର ହେଲେ ମହିଳା ଲୁଗା ଦୋକାନୀ। ୧୪ଲକ୍ଷରୁ ଅଧିକ ଟଙ୍କା ଠକେଇ ଶିକାର ନେଇ ସାଇବର୍ ଥାନାରେ ଅଭିଯୋଗ ପରେ ୩ ଜଣଙ୍କୁ ଗିରଫ କଲା ସାଇବର୍ ଥାନା ପୁଲିସ। ଗୁଜୁରାଟ ସୁରତରୁ ୩ଜଣ ସାଇବର ଠକଙ୍କୁ ପୁଲିସ ଗିରଫ କରିଛି। ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ବିଜୟ କିଶୋରଭାଇ ଚାବଦା, ଗୋପାଳଭାଇ ମଞ୍ଜିଭାଇ ମଖୱାନା, ହୀରାପରା ରାହୁଲ ବିନୋଦ ଭାଇ। ବଡ଼କଥା ହେଲା ଗିରଫ ୩ ଜଣ ଠକଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ଫେଲ। ହେଲେ ସେମାନେ ଠକେଇର ପୁରା ସ୍ମାର୍ଟ ଥିଲେ। ସେମାନଙ୍କ ନିକଟରୁ ପୁଲିସ ମୋବାଇଲ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ଜବତ କରିଛ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ୮ ଟି ରାଜ୍ୟରେ ଏମାନଙ୍କ ନାଁରେ ଠକେଇ ଅଭିଯୋଗ ରହିଛି।

୨୦୨୫ ଏପ୍ରିଲ ମାସରେ ଜଣେ ମହିଳା ନିଜ ଗାରମେଣ୍ଟ ଦୋକାନ ପାଇଁ କିଛି ସାମଗ୍ରୀ କିଣିବାର ରହିଥିଲା। ତେଣୁ ସେ ଅନ୍‌ଲାଇନ୍‌ରେ ଶସ୍ତାରେ ଗାରମେଣ୍ଟ ଖୋଜୁଥିଲେ। ସାଇବର ଠକ ଗୁଗଲରେ ବିଛାଇଥିବା ଜାଲରେ ମହିଳା ଫଶି ଯାଇଥିଲେ। ଠକ ତାଙ୍କ ସହ ହ୍ୱାଟ୍ସଆପ୍ ଏବଂ ଫୋନ୍‌ରେ ଯୋଗାଯୋଗ କରିଥିଲେ। ତାଙ୍କୁ ଶସ୍ତାରେ ଗାରମେଣ୍ଟ ସାମଗ୍ରୀ ଦେବେ ବୋଲି କହିଥିଲେ। ଏପରିକି ତାଙ୍କ ହ୍ୱାଟ୍ସଆପ୍‌ରେ କିଛି ଫଟୋ ମଧ୍ୟ ପଠାଇଥିଲେ। ମହିଳା ଜଣଙ୍କ ରାଜି ହେବା ପରେ ପ୍ରଥମେ ୯ ଲକ୍ଷ ଟଙ୍କା ଫଠାଇଥିଲେ। ପରେ ବିଭିନ୍ନ ଆକାଉଣ୍ଟକୁ ୧୪ଲକ୍ଷରୁ ଅଧିକ ଟଙ୍କା ପଠାଇଥିଲେ। କିନ୍ତୁ ତାଙ୍କୁ ଗାର୍ମେଣ୍ଟ ସାମଗ୍ରୀ ନମିଳିବା ପରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

## ଲିଙ୍ଗିପୁର ଓ ପାଣ୍ଡରାରୁ ୫୦ ଘର, ଦୋକାନ ଉଚ୍ଛେଦ



ଭୁବନେଶ୍ୱର, ୨୯ ।୭ (ସମିସ): ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ପେଟ୍ରୋଲ ପମ୍ପରୁ ନୂଆଗାଁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ୨୦୨୩-୨୪ ବର୍ଷ ପାଇଁ ଟିଆରଆଇପି ଅଧୀନରେ ନୂଆ ଗାଁ ରାସ୍ତାରୁ ଶିଶୁପାଳ ଇନ୍ଦିରା କଲୋନି ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ଆଂଶିକ ଭାବେ ଏହି ଉଚ୍ଛେଦ କରାଯାଇଥିଲା। ଲିଙ୍ଗିପୁରଠାରେ ୭ଟି ଆଜବେଷ୍ଟସ୍ ଘର, ୬ଟି କୋଠା ନିର୍ମିତ ଦୋକାନ, ୧୬ଟି ହୋର୍ଡିଂ, ପ୍ରାୟ ୬୦ ଫୁଟ ଷ୍ଟିଲ୍ ରେଲିଂ, ୨୦୦ ଫୁଟର ପାଚେରୀ, ୧୨ଟି ଟିଣ ନିର୍ମିତ ଦୋକାନର ସମ୍ପ୍ରସାରଣ ଅଂଶ, ପ୍ରାୟ ୧୫୦ ଫୁଟର ଲମ୍ବର ସମ୍ପ୍ରସାରଣ ଗ୍ରୀଲ୍, ପ୍ରାୟ ୨୦୦ ଫୁଟର ବାଡ଼, ଗୋଟିଏ ହୋଟେଲ ଏବଂ ୧୦୦ ଫୁଟ ନର୍ସରୀ ଭାଙ୍ଗି ଦିଆଯାଇଥିଲା। ଏହି ଉଚ୍ଛେଦ ନିମନ୍ତେ ଗ୍ରାମ୍ୟ ଓ ପୂର୍ତ୍ତ ବିଭାଗ ତରଫରୁ ନିବେଦନ କରାଯାଇଥିଲା। ଦ୍ୱିତୀୟ ଉଚ୍ଛେଦଟି ପାଣ୍ଡରା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନମ୍ବର-୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଏବଂ ୩୯୯୯ରେ ବାକି ଥିବା ଆଉ କିଛି ବେଆଇନ ନିର୍ମାଣକୁ ଉଚ୍ଛେଦ କରିଛି ବିଡିଏ। ଏହି ଉଚ୍ଛେଦରେ ୧୨ଟି କୋଠା ଘର, ଗୋଟିଏ ଲୁହା ଗେଟ୍, ଗୋଟିଏ ଟିଣ୍ ସେଡ୍ ଓ ୨ଟି ଆଜବେଷ୍ଟସ ଘର ଭାଙ୍ଗି ଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦୁଇ ପ୍ଲାଟୁନ୍ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଧଉଳି ଏସିପି କୃଷ୍ଣ ଚନ୍ଦ୍ର ପଲ୍ଲାଇ, ଆରଡି ବିଭାଗ ଏସ୍‌ଡିଓ ସୁବାଷ ବେହେରା, ଆରଡି ବିଭାଗ ଏଇ ରଶ୍ମିତା ନାୟକ ଓ ସାହେବ କୁମାର ସାହୁ ଉପସ୍ଥିତ ଥିବାବେଳେ ବିଡିଏର ୧୦ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ହୋଇଥିଲେ।

**ଏମ୍ସରେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ ମାମଲା**

## ଏନ୍‌ଏଚ୍‌ଆରସିରେ ଅଭିଯୋଗ ଜେଲ୍‌ଗଲେ ନର୍ସିଂ ଅଫିସର୍

ଭୁବନେଶ୍ୱର, ୨୯ ।୭ (ସମିସ): ଏମ୍ସରେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ ଘଟଣାରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାର ଅଭିଯୁକ୍ତ ନର୍ସିଂ ଅଫିସର ନାନୁ ରାମ୍‌ଙ୍କୁ ଖଣ୍ଡଗିରି ପୁଲିସ ଗିରଫ କରି ଜେଲ ପଠାଇ ଦେଇଛି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଜାତୀୟ ମାନବାଧିକାର କମିସନରେ ମଧ୍ୟ ଅଭିଯୋଗ ହୋଇଛି। ଅଭିଯୁକ୍ତ ବିରୋଧରେ ଯେପରି କଡା କାର୍ଯ୍ୟାନୁଷ୍ଠାନ ସହ ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଘଟେ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଆୟୋଗଙ୍କୁ ନିବେଦନ କରାଯାଇଛି। ଏପଟେ ପୀଡିତାଙ୍କୁ ନ୍ୟାୟ ନମିଳିଲା ଯାଏ ଇମରଜେନ୍ସି ବିଭାଗକୁ ଛାଡି ଏମ୍ସ ରେ ଅନ୍ୟ ସବୁ ବିଭାଗର କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ଏମ୍ସର ଠିକା କର୍ମଚାରୀ ସଙ୍ଘ।

ସେପଟରେ ନ୍ୟାୟ ଦାବିରେ ରାତି ଅନିଦ୍ରା ହୋଇ ଏମ୍ସ ପରିସରରେ ଧାରଣାରେ ବସିଥିଲେ ପୀଡ଼ିତା ଏବଂ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ସହଯୋଗୀ ଠିକା କର୍ମଚାରୀ। ନ୍ୟାୟ ନ ମିଳିବା ଯାଏ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସିବେ ବୋଲି ଦେଇଛନ୍ତି ଚେତାବନୀ। ତେବେ ଅଭିଯୁକ୍ତ ଗିରଫ ହେବା ନେଇ ପୀଡ଼ିତା ଜାଣି ନ ଥିବା କହିବା ସହ ମୁଁ ସକାଳୁ ଅଭିଯୋଗ କଲେଣି ବହୁ ସମୟ ଧରି ଧାରଣାରେ ବସିଛି ହେଲେ ଏଯାଏଁ ଏମ୍ସର କେହି ତାଙ୍କ ପାଖକୁ ଆସି ନ ଥିବା କହିଛନ୍ତି। ଦୋଷୀକୁ ଗିରଫ କରିବା ସହ ଏମ୍ସରୁ ସସପେଣ୍ଡ କରାଯାଉ ଦାବି କରିଛନ୍ତି ପିଡ଼ିତା। ଯେଉଁ ପର୍ଯ୍ୟନ୍ତ ଏହା ନ କରାଯାଇଛି ସେ ପର୍ଯ୍ୟନ୍ତ ମୁଁ ଧାରଣାରେ ବସିବି ବୋଲି ପୀଡ଼ିତା କହିଛନ୍ତି।

ସୂଚନା ଅନୁସାରେ, ଯୁବତୀ ଜଣଙ୍କ ବିଆଇଏସ୍ କମ୍ପାନୀ ଅଧୀନରେ ଏମ୍ସରେ ଆଟେଣ୍ଡାଣ୍ଟ ଭାବେ କାମ କରନ୍ତି। ରବିବାର ରାତିରେ ସେ ଡି-୫ ୱାର୍ଡରେ ଡ୍ୟୁଟି କରି ସେମିନାଲ ହଲ୍‌ରେ ଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ନାନୁ ଫୋନ୍ କରି ଡାକ୍ତରଙ୍କ ଚାମ୍ବରକୁ ଡାକିଥିଲେ। ନର୍ସିଂ ଅଫିସର ନାନୁ ହୋଇଥିବାରୁ କୌଣସି କାମ ଥିବ ଭାବି ଯୁବତୀ ଜଣଙ୍କ ତାଙ୍କ ନିକଟକୁ ଯାଇଥିଲେ। ସେଠାକୁ ଯୁବତୀ



ଯିବା ପରେ ଅଭିଯୁକ୍ତ ନାନୁ ତାଙ୍କୁ ଅଶ୍ଳୀଳ ଇଙ୍ଗୀତ କରିବା ସହ ପାଖରେ ବସିବାକୁ କହିଥିଲେ। ଯୁବତୀ ମନା କରିବାରୁ ତାଙ୍କୁ ଅସଦାଚରଣ କରିଥିଲେ। ସେଠାରୁ ଯୁବତୀ ପଳାଇ ଆସିବା ପରେ ସୁପରଭାଇଜର୍‌ଙ୍କୁ ଜଣାଇଥିଲେ। କିଛି ଫଳ ନମିଳିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ପୁଲିସ ଅଭିଯୁକ୍ତକୁ ଗିରଫ ନକରିବାରୁ ଯୁବତୀ ଜଣଙ୍କ ଏମ୍ସ ଆଗରେ ଧାରଣାରେ ବସିଥିଲେ।

## ପାନୀୟ ଜଳର ଘରୋଇକରଣକୁ ବିରୋଧ

ଭୁବନେଶ୍ୱର, ୨୯।୭ (ସମିସ): ଭୁବନେଶ୍ୱର ସମେତ ରାଜ୍ୟର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ସରକାରୀସ୍ତରରେ ମସୁଧା ଚାଲୁଥିବା ଅଭିଯୋଗ କରିଛି ଓଡ଼ିଆ ଅସ୍ମିତା ପରିଷଦ। ରାଜ୍ୟର ବିଜୁଳି ବ୍ୟବସ୍ଥାକୁ ଟାଟା ପାୱାର ହାତରେ ଟେକି ଦେଲା ଭଳି ପାନୀଳ ଜଳ ବ୍ୟବସ୍ଥାକୁ ମଧ୍ୟ ଟାଟା ପାୱାରକୁ ଟେକି ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପାନୀୟ ଜଳ ଯୋଗାଣର ଘରୋଇକରଣକୁ ତୀବ୍ର ବିରୋଧ କରିଛି ଓଡ଼ିଆ ଅସ୍ମିତା ପରିଷଦ। ପରିଷଦର ଆବାହକ ରବି ବେହେରା ଏ ନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖି ପାନୀୟ ଜଳର ଘରୋଇକରଣକୁ ବିରୋଧ କରିଛନ୍ତି। ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବିଜୁଳି ଭଳି ପିଇବା ପାଣିରେ ଟାଟା ପାୱାର ଓଡ଼ିଶାବାସୀଙ୍କ ଲୁଟ୍ କରବାକୁ ସୁଯୋଗ ଦିଆଯିବ ନାହିଁ। ସରକାର ଯଦି ତୁରନ୍ତ ପାଣିର ଘରୋଇକରଣରୁ ଓହରି ନ ଯାଆନ୍ତି ତେବେ ଜୋରଦାର ଆନ୍ଦୋଳନ କରାଯିବ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତା ଗୁରୁବାର ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ବିଭିନ୍ନ ରାଜନୈତିକ ଦଳ ଓ ଗଣସଂଗଠନ ଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।



ସୁଧୁରୁନି ଜାତୀୟ ରାଜପଥରେ ରାସ୍ତା ଯନ୍ତ୍ରଣା: ପଳାଶୁଣୀ ଫ୍ଲାଏଓଭର ନିକଟ ସର୍ଭିସ ରୋଡ୍ (ଫଟୋ: ଦୀପକ)


# ଯାଁଳାରୁ ପାହାଳ; ପାଟ୍ରୋଲିଂ କୋହଳ

ଭୁବନେଶ୍ୱର, ୨୯ ।୭ (ସମିସ)

ନିୟମିତ ପୁଲିସ ପାଟ୍ରୋଲିଂ ଅଭାବରୁ ଷୋହଳ ନମ୍ବର ଜାତୀୟ ରାଜପଥରେ ମାତିଛନ୍ତି ଲୁଟେରା। ଯାଆଁଳା ଠାରୁ ଆରମ୍ଭ କରି ପାହାଳ ପର୍ଯ୍ୟନ୍ତ ରାଜପଥରେ ନିୟମିତ ସଞ୍ଜ ହେଲେ ଲୁଟେରାଙ୍କ ରାଜୁତି ଚାଲୁଛି। ଏମିତି କି ଦିନ ଦୁଇ ପ୍ରହରରେ ମଧ୍ୟ ଲୁଟେରାମାନେ ନିୟମିତ ଛିନ୍‌ତାଇ କରି ଚାଲୁଛନ୍ତି। ଏଭଳି ଅଭିଯୋଗ ବାରମ୍ବାର ଆସୁଥିଲେ ମଧ୍ୟ ପୁଲିସ ପାଟ୍ରୋଲିଂ ଅଭାବ ଯୋଗୁଁ ପରିସ୍ଥିତି କ୍ରମେ ଜଟିଳ ହେବାରେ ଲାଗିଛି। ଫଳରେ ଦିନକୁଦିନ ରାଜପଥ ଲୁଟେରାଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଛି।

- ରାଜପଥରେ ରାଜୁତି କରୁଛନ୍ତି ଲୁଟେରା
- ଦିନ ଦୁଇପ୍ରହରରେ ବି ଲୋକଙ୍କୁ ମିଳୁନି ନିସ୍ତାର
- ସଞ୍ଜ ହେଲେ ତ୍ରାହିତ୍ରାହି ଡାକୁଛନ୍ତି ଉପକଣ୍ଠବାସୀ

ଗତ ଦୁଇ ସପ୍ତାହ ତଳେ ମୁଣ୍ଡମୁହାଣ ଗ୍ରାମର ଅଜିତ କୁମାର ଜେନା ନାମକ ଜଣେ ବ୍ୟକ୍ତି ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଯାଁଳା ବଜାରରେ କିଛି ଯୁବକ ତାଙ୍କୁ ଅଟକାଇ ଜୋର୍ ଜବରଦସ୍ତ ତାଙ୍କଠାରୁ ମୋବାଇଲ୍ ଛଡ଼ାଇ ନେଇଥିଲେ। କିନ୍ତୁ ଲୁଟେରାଙ୍କ ମଧ୍ୟରୁ ଜଣେ ଡ୍ରେନ୍ ବାଡ଼ରେ ପିଟି ହୋଇ ତଳେ ପଡ଼ି ଯାଇଥିଲା। ଉପସ୍ଥିତ ଲୋକେ ତାକୁ ଧରି ପୁଲିସ ଜିମା ଦେଇଥିଲେ। ଗିରଫ ଯୁବକ ଭୁବନେଶ୍ୱରର ଏକ ବସ୍ତି ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା। ସେହିଭଳି ଗତ ଜୁନ୍ ୨୫ ତାରିଖ ରାତିରେ ରଞ୍ଜିତ ଦାସ ନାମକ ଜଣେ ରାଜମିସ୍ତ୍ରି କଳିଙ୍ଗ ନଗର ଅଞ୍ଚଳରୁ କାମ ସାରି ଘରକୁ ଫେରୁଥିବା ବେଳେ ଯାଁଳା ନିକଟରେ ୨ଟି ମୋଟର ସାଇକଲ୍‌ରେ ୪ ଜଣ ଆସି ତାଙ୍କ ବାଇକ୍ ଚାବି ନେଇ ଯାଇଥିଲେ। ପରେ ତାଙ୍କ ବେକରୁ ସୁନା ସମେତ ୩ ହଜାର ୫ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ରଞ୍ଜିତ୍ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରି ପରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ଗିରଫ ୩ ଜଣଯାକ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଞ୍ଚଳର ବୋଲି ଜଣାପଡ଼ିଥିଲା।



ସେହିଭଳି ଜାତୀୟ ରାଜପଥ ପାହାଳ ଥାନା ଅଞ୍ଚଳରେ ଛିନ୍‌ତାଇ କରିବା ଅଭିଯୋଗରେ ପୁଲସ ୨ ଜଣଙ୍କୁ ଗତ ଗୁରୁବାର ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ବାଲିଅନ୍ତା ଓ ବାଲିପାଟଣା ଅଞ୍ଚଳର ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ପର୍ଶୁରାମ ମାଝୀ ନାମକ ଜଣେ ବ୍ୟକ୍ତି ସମ୍ପର୍କୀୟାଙ୍କ ସହ ରେସ୍ତୋଁରା ନିକଟ ରାସ୍ତାରେ ଠିଆ ହୋଇଥିବା ବେଳେ ତିନି ଜଣ ଅଜଣା ବ୍ୟକ୍ତି ଏକ ପଲସର୍‌ରେ ଆସି ତାଙ୍କଠାରୁ ମୋବାଇଲ୍ ଫୋନ୍ ସହ ୪ ହଜାର ଟଙ୍କା, ପରିଚୟ ପତ୍ର ଏବଂ ଏଟିଏମ କାର୍ଡ ଥିବା ପର୍ସ ଛଡ଼ାଇ ନେଇ ଭୁବନେଶ୍ୱର ଆଡକୁ ପଳାଇ ଯାଇଥିଲେ। ଏ ନେଇ ସେ ପାହାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବାଲିଅନ୍ତା ଥାନା ପାଟଣାର ରିତେଶ ରାଜ ନାୟକ ଏବଂ ବାଲିପାଟଣା ଥାନା ବନମାଳୀପୁର ବଗପଦାର ବାଦଲ ଭୋଇଙ୍କୁ ଗିରଫ କରିଥିଲା।

କେବଳ ରାତିରେ ନୁହେଁ ଦିନ ଦୁଇପ୍ରହରରେ ମଧ୍ୟ ରାଜପଥରେ ଲୁଟେରାଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଗତ ସପ୍ତାହରେ ଇନଫୋଭ୍ୟାଲି ଥାନା ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଅଞ୍ଚଳରେ ପ୍ରତିଭା ବଳିୟାରସିଂ ନାମ୍ନୀ ଜଣେ ମହିଳା ପୁଅକୁ ନେଇ ସ୍କୁଟର୍ ଯୋଗେ ଭୁବନେଶ୍ୱରରୁ ଫେରୁଥିବା ବେଳେ ଦିନ ୧୧ଟା ବେଳେ ଯାଁଳା ଗ୍ରୀନ ପାର୍କ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ମୋଟରସାଇକଲ୍‌ରେ ଆସି ପଛ ପଟୁ ଧକ୍କା ଦେଇଥିଲେ। ପ୍ରତିଭା ତଳେ ପଡ଼ି ଅଚେତ ହୋଇପଡ଼ିଥିବା ବେଳେ ଲୁଟେରା ଗାଡିରୁ ଓହ୍ଲାଇ ତାଙ୍କ ଭ୍ୟାନିଟି ବ୍ୟାଗ ଧରି ଖୋର୍ଦ୍ଧା ଅଭିମୁଖେ ଚାଲି ଯାଇଥିଲେ। ଲୁଟେରାମାନେ ପ୍ରତିଭାଙ୍କ ଭ୍ୟାନିଟି ବ୍ୟାଗରେ ଥିବା ୫ ହଜାର ଟଙ୍କା, ଗୋଟିଏ ମୋବାଇଲ ଓ ଏଟିଏମ୍ କାର୍ଡ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି।



ଗତ କିଛିଦିନ ହେଲା ରାଜପଥରେ ପୁଲିସ ପାଟ୍ରୋଲିଂ କୋହଳ ଯୋଗୁଁ ରାଜପଥ ଅସୁରକ୍ଷିତ ହୋଇପଡ଼ିଛି। ସଞ୍ଜ ହେଲେ ଲୋକେ ଏହି ରାସ୍ତାଦେଇ ଯିବା ଆସିବା କରିବାକୁ ସୁରକ୍ଷିତ ମନେ କରୁ ନାହାନ୍ତି। ବିଶେଷକରି ସ୍ଥାନୀୟ ଅଞ୍ଚଳବାସୀ ଲୁଟେରାଙ୍କ ଶିକାର ହେଉଥିବା ଜଣାପଡ଼ିଛି। ଭୁବନେଶ୍ୱର ବସ୍ତି ଅଞ୍ଚଳ ତଥା ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ରହୁଥିବା ଯୁବଗୋଷ୍ଠୀ ବ୍ରାଉନ୍ ସୁଗର ନିଶାରେ ପଡ଼ି ଲୁଟ୍‌ପାଟ କରୁଥିବା ଜଣାପଡ଼ିଛି। ଯାହା ଏବେ କେବଳ ପୁଲିସ ନୁହେଁ ସାଧାରଣ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଗତ ଦୁଇବର୍ଷ ତଳେ ଯାଁଳା ମୁଣ୍ଡମୁହାଣ ଅଞ୍ଚଳରେ ଥିବା ଏକ ସୁନା ଦୋକାନରେ ପଶି ଦିନ ଦୁଇ ପ୍ରହରରେ ଲୁଟେରାମାନେ ଗୁଳି ଫୁଟାଇ ଲୁଟ୍‌ପାଟ କରିବା ପରେ ପୁଲିସ କିଛିମାସ ପାଇଁ ତତ୍ପର ହୋଇଥିଲା। ନିୟମିତ ପାଟ୍ରୋଲିଂକୁ ଗୁରୁତ୍ୱ ଦେଉଥିବା ବେଳେ ଏବେ ପୁଣି ପୁଲିସର କୋହଳ ପାଟ୍ରୋଲିଂ ପାଇଁ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧ ଭିଆଇ ଚାଲିଛନ୍ତି। ବିଶେଷକରି ଚୋରି, ଡକାୟତି, ଲୁଟ୍‌ପାଟରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି।

# ଏଯାଏଁ ଆରମ୍ଭ ହେଲାନି ବିଏଡ୍ ନାମଲେଖା ପ୍ରକ୍ରିୟା

■ ସପ୍ତାହେ ହେଲା ଅନୁମୋଦନ ଅପେକ୍ଷାରେ ଫାଇଲ୍
■ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅସଙ୍ଗତି; ବିଳମ୍ବର କାରଣ
■ ବିଭାଗକୁ 'ଏକ୍ସ'ରେ ପ୍ରଶ୍ନ କରୁଛନ୍ତି ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୨୯ ।୭ (ସମିସ):** ଚଳିତ ବର୍ଷ ଏଯାଏଁ ଆରମ୍ଭ ହୋଇ ପାରିଲାନି ବିଏଡ୍ ନାମଲେଖା ପ୍ରକ୍ରିୟା। ପ୍ରାୟ ମାସେରୁ ଅଧିକ ସମୟ ବିଳମ୍ବ ହେଲାଣି। କେବେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅସଙ୍ଗତି ନାମଲେଖା ପ୍ରକ୍ରିୟାକୁ ମାତ୍ରାଧିକ ବିଳମ୍ବ କରିଥିବା କୁହାଯାଉଛି। ହେଲେ, ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ପକ୍ଷରୁ ଗତ ୨୧ ତାରିଖରେ ପରିବର୍ତ୍ତିତ ଆନ୍ସାର୍ କି' ପ୍ରକାଶ ପାଇଥିଲେ ମଧ୍ୟ କାହିଁକି ନାମଲେଖା ଆରମ୍ଭ ହେଉନି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଜୁନ୍ ୨୫ରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବା କଥା। ଜୁଲାଇ ୧ ତାରିଖ ମଧ୍ୟରେ ପ୍ରଥମ ରାଉଣ୍ଡ ନାମଲେଖା ସରିବା ସହ ଜୁଲାଇ ୧୧ ସୁଦ୍ଧା ଦ୍ୱିତୀୟ ରାଉଣ୍ଡ ଏବଂ ଜୁଲାଇ ୨୨ ସୁଦ୍ଧା ତୃତୀୟ ରାଉଣ୍ଡ ନାମଲେଖା ସାରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ, ବିଏଡ୍ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅସଙ୍ଗତି ହୋଇଥିବା ଅଭିଯୋଗ ହେବାରୁ ନାମଲେଖା ପ୍ରକ୍ରିୟାକୁ ବାତିଲ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ବ୍ୟାପକ ଦାବି ପରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବା ସହ କୌଣସି ଉତ୍ତରକୁ ନେଇ ଦ୍ୱନ୍ଦ୍ୱ ଥିଲେ ଆବେଦନ କରିବାର ସୁଯୋଗ ପାଇଲେ। ଏହାପରେ ଗତ ୨୧ ତାରିଖରେ ଚୁଡାନ୍ତ ପରିବର୍ତ୍ତିତ ଆନସାର୍ କି' ପ୍ରକାଶ ପାଇଥିବା ବେଳେ ପ୍ରାୟ ୧୭ଟି ଉତ୍ତର ପରିବର୍ତ୍ତନ ହୋଇଛି।

ପ୍ରବେଶିକା ପରୀକ୍ଷାର ଅସଙ୍ଗତି ଦୂର ହେବା ପରେ ସତେଯେମିତି ନାମଲେଖା ପ୍ରକ୍ରିୟା ଆରମ୍ଭ କରବାକୁ ଭୁଲିଯାଇଛି ଉଚ୍ଚଶିକ୍ଷା ବିଭାଗ। ସମଗ୍ର ନାମଲେଖା ପ୍ରକ୍ରିୟା ମାସାଧିକ କାଳ ବିଳମ୍ବ ହୋଇଥିବାରୁ ତୁରନ୍ତ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ସପ୍ତାହେ ତଳୁ ବିଭାଗୀୟ ମନ୍ତ୍ରୀଙ୍କୁ ଫାଇଲ୍ ଦିଆଯାଇଥିବା ଜଣାପଡ଼ିଛି। ହେଲେ ପ୍ରାୟ ସପ୍ତାହେ ହେଲା ଅନୁମୋଦନ ଅପେକ୍ଷାରେ ଫାଇଲ୍ ପଡ଼ି ରହିଛି। ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଉ ନଥିବା ବେଳେ ଛାତ୍ରଛାତ୍ରୀଙ୍କ ଧୈର୍ଯ୍ୟର ବାନ୍ଧ ଭାଙ୍ଗିଛି। ବାରମ୍ବାର ଫୋନ୍ କରିବାରୁ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଖୁବ୍ଶୀଘ୍ର ନାମଲେଖା ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପୋଷ୍ଟ କରାଯାଇଛି।

ଅପରପକ୍ଷରେ ବିଭାଗର 'ଖୁବ୍ଶୀଘ୍ର' କେତେଦିନ ପରେ ଆସିବ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। ଏହାସହ ବହୁ ପରୀକ୍ଷାର୍ଥୀ ରୋଚକ ଉତ୍ତର ରଖିଛନ୍ତି। ଅବିନାଶ ପରିଡ଼ା ନାମକ ଜଣେ ୟୁଜର ଲେଖିଛନ୍ତି ଯେ ଖୁବ୍ଶୀଘ୍ର ଅର୍ଥ କେବେ? ଜୁଲାଇ ସରିଲାଣି; ଶୀଘ୍ର ମେଧାତାଲିକା ପ୍ରକାଶ କରି ନାମଲେଖା ଆରମ୍ଭ କରାଯାଉ। ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି, ଅପେକ୍ଷା କରି କରି ବହୁ ଛାତ୍ରଛାତ୍ରୀ ପିଜି ନାମ ଲେଖାଇଲେଣି। ବିଏଡ୍ରେ ବହୁ ଅଧିକ ପ୍ରାର୍ଥୀ ଆବେଦନ କରିଥିବାରୁ ପ୍ରତିଦ୍ୱନ୍ଦ୍ୱିତା କମାଇବାକୁ ନାମଲେଖା ବିଳମ୍ବ ଏକ ନୂତନ ପନ୍ଥା କି ବୋଲି ପ୍ରଶ୍ନ କରିଛନ୍ତି।

ଜୁଲାଇ ୨୪ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ମୂଳ ବିଜ୍ଞପ୍ତିରେ ଧାର୍ଯ୍ୟ ହୋଇଥିବା ବେଳେ ଏହା ଅତିକ୍ରମ ହୋଇସାରିଛି। ନାମଲେଖା ପ୍ରକ୍ରିୟା ଅନ୍ୟୁନ ମାସେ ଲାଗିବ, ଏଣୁ ସମଗ୍ର ନାମଲେଖା ପ୍ରକ୍ରିୟା ୨ମାସ ବିଳମ୍ବ ହେବାର ଆଶଙ୍କା ପ୍ରକାଶ ପାଇଛି। ଗୋଟିଏପଟେ ପାଠପଢ଼ାକୁ ବ୍ୟବସ୍ଥିତ କରିବା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ବହୁ ପୂର୍ବରୁ ଆରମ୍ଭ କରାଯାଇଛି। ରେଜଲ୍ଟ ବାହାରିବା ପୂର୍ବରୁ ମଧ୍ୟ ଆବେଦନ କରିଛନ୍ତି ଛାତ୍ରଛାତ୍ରୀ। ତାହେଲେ ବିଏଡ୍ ପାଇଁ କାହିଁକି ଅହେତୁକ ବିଳମ୍ବ କରାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ବିଇଡି, ବିଏଚ୍ଇଡି ଓ ଏମ୍ଇଡିରେ ନାମଲେଖା ପାଇଁ ମୋଟ୍ ୨୭୫୦ ସିଟ୍ ରହିଛି। ଏଥିପାଇଁ ପ୍ରାୟ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ ୨୯ହଜାର ୭୧୨ ଜଣ ଆବେଦନ କରିଥିବା ବେଳେ ୧ଲକ୍ଷ ୧୭ହଜାର ୯୩୩ ପିଲା ପରୀକ୍ଷା ଦେଇଛନ୍ତି।

## ଓଡ଼ିଶାରେ ସାର କଳାବଜାରୀକୁ ନେଇ ସାଂସଦ ମାନସଙ୍କ ଉଦବେଗ

# କଳାବଜାର ଅଭିଯୋଗରେ ୩୨ ଲାଇସେନ୍ସ ରଦ୍ଦ: ମନ୍ତ୍ରୀ

**ଭୁବନେଶ୍ୱର,୨୯।୭(ସମିସ):** ଓଡ଼ିଶାରେ ସାରର କଳାବଜାର ସମ୍ପର୍କରେ ସଂସଦରେ ଉଦ୍ବେଗ ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ରାଜ୍ୟରେ ସାରର ଉପଲବ୍ଧତା, ସାର ସଙ୍କଟ ସମ୍ପର୍କରେ ପ୍ରଶ୍ନ କରିବା ସହ ଏହାର ନିରାକରଣ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସଂସଦରେ ଜାଣିବାକୁ ଚାହିଁଛନ୍ତି ।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଗତ ୩ଟି ଆର୍ଥିକ ବର୍ଷରେ ଓଡ଼ିଶାର କୌଣସି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସାରର ଅଭାବ ହୋଇନାହିଁ। ରାଜ୍ୟରେ ସାରର କଳାବଜାରୀ ରୋକିବା ପାଇଁ ନିୟମିତ ଭାବେ ଚଢଉ କରାଯାଉଛି। ୨୦୨୫-୨୬ରେ ଗତ ଜୁଲାଇ ୨୪ ତାରିଖ ସୁଦ୍ଧା ରାଜ୍ୟର ୩୧୨୪ଟି ଡିଲର ପଏଣ୍ଟରେ ନିରୀକ୍ଷଣ କରାଯାଇ ୩୨ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଡିଲରଙ୍କ ଦ୍ୱାରା ଏଫସିଓ-୧୯୮୫ ନିୟମାବଳୀର ଉଲ୍ଲଂଘନ ଅଭିଯୋଗରେ ୪ଟି ଲାଇସେନ୍ସ ନିଲମ୍ବନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ଆୟୁଷ ଡ଼ାକ୍ତରଙ୍କ ଅଭାବକୁ ନେଇ ପ୍ରଶ୍ନ ଉଠାଇଲେ ମାନସ ଓ ନିରଞ୍ଜନ

# ୧୦ ବର୍ଷରେ ଓଡ଼ିଶାକୁ ଆୟୁଷ ଅନୁଦାନ ମାତ୍ର ୧୧୦.୭୯ କୋଟି

**ଭୁବନେଶ୍ୱର,୨୯।୭(ସମିସ):** ରାଜ୍ୟରେ ଆୟୁଷ ଡ଼ାକ୍ତର ପଦ ପୂରଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ନିରଞ୍ଜନ ବିଶି । ରାଜ୍ୟର ଆଦିବାସୀ ଜିଲ୍ଲାଗୁଡ଼ିକରେ ଆୟୁଷର ବିଭିନ୍ନ ସେବା କାର୍ଯ୍ୟକାରିତା ସମ୍ପର୍କରେ ଉଭୟ ସାଂସଦ ଉଦବେଗ ପ୍ରକାଶ ସହ ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରସାର ପାଇଁ ଆୟୁଷ ମନ୍ତ୍ରାଳୟ କେଉଁ ପଦକ୍ଷେପ ନେଉଛି ଉଭୟ ସାଂସଦ ପ୍ରଶ୍ନ କରିଛନ୍ତି। ଏହା ସହ କେବିକେ ଜିଲ୍ଲା ସହ କନ୍ଧମାଳ, ବଲାଙ୍ଗୀର, ରାୟଗଡା ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ କେତୋଟି ଆୟୁଷ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ କେତୋଟି ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ରହିଛି, ସେନେଇ ଶ୍ରୀ ମଙ୍ଗରାଜ ଓ ଶ୍ରୀ ବିଶି ଜାଣିବାକୁ ଚାହିଁଛନ୍ତି । ଏ ସମ୍ପର୍କରେ ଆୟୁଷ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ରାଜ୍ୟ ବାର୍ଷିକ କାର୍ଯ୍ୟ ଯୋଜନା ଅଧିନରେ ବିଭିନ୍ନ ପ୍ରସ୍ତାବ ଅନୁଯାୟୀ ୨୦୧୪-୨୫ରୁ ୨୦୨୪-୨୫ ମଧ୍ୟରେ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶାକୁ ୧୧୦ କୋଟି ୭୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁଯାୟୀ କେବିକେ, କନ୍ଧମାଳ, ବଲାଙ୍ଗୀର, ରାୟଗଡା ଓ ବିଭିନ୍ନ ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ପିଏଚ୍ସି/ସିଏଚ୍ସିରେ ୪୧୪ଟି ଆୟୁଷ ସୁବିଧା କାର୍ଯ୍ୟନ୍ୱୟନ ହେଉଛି। ଖାଲି ପଡ଼ିଥିବା ଆୟୁଷ ମେଡିକାଲ ଅଧିକାରୀ ପଦବୀ ଓପିଏସସି ଦ୍ୱାରା ପୂରଣ କରାଯାଉଛି। ୨୦୨୪ ମସିହାରେ ଓପିଏସସି ଜରିଆରେ ୮୫ ହୋମିଓପାଥିକ ମେଡିକାଲ ଅଧିକାରୀ ପୂରଣ କରାଯାଇଛି। ସେହିପରି ୨୦୨୫ରେ ୧୧୫ ଜଣ ଆୟୁର୍ବେଦିକ ମେଡିକାଲ ଅଧିକାରୀଙ୍କୁ ଭର୍ତ୍ତି କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କୁ 'ଫେମିନା ଆଚିଭର୍ସ' ସମ୍ମାନ



**ଭୁବନେଶ୍ୱର, ୨୯ ।୭ (ସମିସ):** 'ଦ ଟାଇମ୍ସ ଗ୍ରୁପ୍' ପକ୍ଷରୁ ଚଳିତ ବର୍ଷର ସମ୍ମାନଜନକ 'ଫେମିନା ଆଚିଭର୍ସ ଓଡ଼ିଶା' ସମ୍ମାନରେ ସମ୍ମାନିତ ହୋଇଛନ୍ତି ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା। ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲେଖନୀଚାଳନା କରି ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଋଦ୍ଧିମନ୍ତ କରି ଆସିଛନ୍ତି। ୨୦୨୨ ମସିହାରେ ତାଙ୍କ କାବ୍ୟ ସଂକଳନ 'ଦୟାନଦୀ' ପାଇଁ ସେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ଲାଭ କରିଥିଲେ। ୨୦୧୧ ମସିହାରେ କାବ୍ୟ ସଂକଳନ 'ଗାଁ ' ପାଇଁ ସେ ପ୍ରଥମ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ପାଇଥିଲେ। କାବ୍ୟ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୯୯-୨୦୦୦ମସିହାରେ ସେ 'ରାଜ୍ୟ ଯୁବ ପୁରସ୍କାର' ଲାଭ କରିଥିଲେ। ସେହିଭଳି ୨୦୧୨ ମସିହାରେ ଇଂରାଜୀ ନୈକ 'ଇଣ୍ଡିଆନ୍ ଏକ୍ସପ୍ରେସ୍'(ଆଇ ମାଗାଜିନ) ପକ୍ଷରୁ ଦେଶର ଶ୍ରେଷ୍ଠ ୧୦ ଯୁବ ଲେଖକଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ୨୦୧୫ ମସିହାରେ ଏକମାତ୍ର ଓଡ଼ିଆ ଲେଖକ ଭାବେ ସେ ରାଷ୍ଟ୍ରପତି ଭବନର "ରାଇଟର୍ସ ଇନ-ରେସିଡେନ୍ସ' କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଏଥିସହ ସେ 'ଟାଇମ୍ସ ପାୱାର ଉଇମେନ-ଓଡ଼ିଶା ପୁରସ୍କାର', ୨୦୨୧ ଓ ୨୦୨୩ 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମାସ କମ୍ୟୁନିକେସନ' ପକ୍ଷରୁ 'ଆଲୁମନାଇ ଅଫ ଦି ଇୟର ଆୱାର୍ଡ' ସମେତ ୪୦ରୁ ଅଧିକ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ଲାଭ କରିଛନ୍ତି। ଏକାଧାରରେ ଜଣେ କବି, ଔପନ୍ୟାସିକ, ସାହିତ୍ୟ ସମାଲୋଚକ, ପ୍ରାବନ୍ଧିକ, ଶିକ୍ଷାବିତ୍ ଓ ସମ୍ପାଦକ ଭାବେ ପରିଚିତ ପ୍ରଫେସର ପଣ୍ଡାଙ୍କର ଏଯାବତ୍ ୨୬ଟି କାବ୍ୟ ସଂକଳନ, ୪ଟି ଉପନ୍ୟାସ, ୩ଟି କ୍ଷୁଦ୍ରଗଳ୍ପ ସଂକଳନ ଓ ଗୋଟିଏ ପ୍ରବନ୍ଧ ସଂକଳନ ସମେତ ୩୪ଟି ପୁସ୍ତକ ପ୍ରକାଶ ପାଇଛି ।

■ ପଥଚାରୀଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟଣା

# ବାର୍ଷିକ ୮ ପ୍ରତିଶତ ସୁଧ ସହ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ : ହାଇକୋର୍ଟ

**କଟକ,୨୯ ।୭(ସମିସ):** ରାସ୍ତାରେ ଯାଉଥିବା ବେଳେ ଛିଣ୍ଡି ପଡ଼ିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜନୈକ ବ୍ୟକ୍ତିଙ୍କ ପତ୍ନୀ ଏବଂ ତିନି ପୁଅ ଥିବା ଆବେଦନକାରୀଙ୍କୁ ୨ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ପାଇଁ ସମ୍ପୃକ୍ତ ବିଜୁଳି ବିତରଣ କମ୍ପାନୀକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଘଟଣା ଘଟିବା ତାରିଖରୁ କ୍ଷତିପୂରଣ ରାଶି ପ୍ରଦାନ ପର୍ଯ୍ୟନ୍ତ ୮% ସୁଧ ପ୍ରଦାନ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ କ୍ଷତିପୂରଣ ରାଶି ପଇଠ ନହେଲେ ତା' ପରଠାରୁ ବାର୍ଷିକ ୧୨ପ୍ରତିଶତ ସୁଧ ଦିଆଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉମାମଣି ନାୟକ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଗତ ୨୦୦୭ ଜୁଲାଇ୬ତାରିଖ ସନ୍ଧ୍ୟା ସମୟରେ ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳର ସନାତନ ନାୟକ ଘରପାଖ ବଜାରକୁ ଯାଉଥିବା ବେଳେ ଛିଡ଼ିପଡ଼ିଥିବା ଏକ ଏଲଟି ଲାଇନ ବିଜୁଳି ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେହି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ବାଲେଶ୍ୱର ଖନ୍ତାପଡା ଥାନାରେ ମାମଲା ରୁଜୁ ଓ ବାରମ୍ବାର ଦାବି ପରେ ସୁଦ୍ଧା ପ୍ରତିପକ୍ଷ ଟିପିଏନଓଡିଏଲ କର୍ତ୍ତୃପକ୍ଷ କ୍ଷତିପୂରଣ ରାଶି ଦେଇନଥିଲେ। ଏନେଇ ମୃତକଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଅଗଷ୍ଟ ୨୯ରୁ ଦୁଇଦିନିଆ ଏସ୍ସି, ଏସ୍ଟି ସଂସଦୀୟ କମିଟି ଜାତୀୟ ସମ୍ମିଳନୀ

# ୩୨ ବର୍ଷ ପରେ ଭୁବନେଶ୍ୱରରେ ସଂସଦୀୟ କମିଟି ବୈଠକ

ଯୋଗଦେବେ ଲୋକସଭା ବାଚସ୍ପତି ଓ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୯।୭(ସମିସ):** ଆସନ୍ତା ଅଗଷ୍ଟ ୨୯ ଏବଂ ୩୦ ରେ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆୟୋଜିତ ହେବ। ୧୯୯୪ ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ କୌଣସି ସଂସଦୀୟ କମିଟିର ବୈଠକ ହେବାକୁ ଯାଉଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଶ୍ରୀ ରାଉତ କହିଛନ୍ତି ଯେ ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା କମିଟିର ଜଣେ ଅଧ୍ୟକ୍ଷ, ୫ ଜଣ ସଦସ୍ୟ ଏବଂ ୪ ଜଣ ବିଧାୟକ ଯୋଗଦେବେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂସଦୀୟ କମିଟିର ୩୦ ଜଣ ସଦସ୍ୟ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦଘାଟନ କରିବେ। ଲୋକସଭା ବାଚସ୍ପତିଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗଦେବେ। ଆଜି ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଦୁଇ ଦିନ ଧରି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏହି ସମ୍ମିଳନୀ ଆୟୋଜିତ ହେବ ବୋଲି ଶ୍ରୀ ରାଉତ ସୂଚନା ପ୍ରଦାନ କରିଛନ୍ତି।

# ଜାତୀୟ ଯୁବ କଂଗ୍ରେସ ଟିମରେ ୨ ଓଡ଼ିଆ

**ଭୁବନେଶ୍ୱର,୩୦ ।୭ (ସମିସ):** ଜାତୀୟ ଯୁବ କଂଗ୍ରେସ କମିଟିରେ ଓଡ଼ିଶାରୁ ୨ଜଣ ଯୁବନେତାଙ୍କୁ ସ୍ଥାନ ମିଳିଛି। ଏହି କମିଟିରେ ସ୍ମୃତି ଲେଙ୍କା ସାଧାରଣ ସମ୍ପାଦକ ଭାବେ ସ୍ଥାନ ପାଇଥିବା ବେଳେ ସମ୍ରାଟ ଜେନା ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ଜାତୀୟ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସର ନବଗଠିତ କମିଟି ସଦସ୍ୟଙ୍କ ନାମ ଜାରି ହୋଇଛି। ଏଥିରେ ୧୪ଜଣ ସାଧାରଣ ସମ୍ପାଦକ, ୬୨ ଜଣ ସମ୍ପାଦକ ଓ ୮ ଜଣ ଯୁଗ୍ମ ସମ୍ପାଦକଙ୍କୁ ଏଆଇସିସି ନିଯୁକ୍ତି ଦେଇଛି। ଯେଉଁଥିରେ ଓଡ଼ିଶାରୁ ୨ ଜଣ ସାମିଲ ହୋଇଛନ୍ତି।

ସ୍ମୃତି ଲେଙ୍କା ସାଧାରଣ ସମ୍ପାଦକ, ସମ୍ରାଟ ଜେନା ସମ୍ପାଦକ

# ଦୁଇ ଦିନରେ ଦୁଇଥର 'ପ୍ରଳୟ' ପରୀକ୍ଷଣ

**ବାଲେଶ୍ୱର, ୨୯ ।୭ (ସମିସ):** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟରେଞ୍ଜ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ପରୀକ୍ଷଣ କ୍ରମାଗତ ଭାବେ ଦୁଇଦିନ ଧରି ଦୁଇଥର ସଫଳ ହୋଇଛି। ବ୍ୟାବହାରିକ ମୂଲ୍ୟାଙ୍କନର ଅଂଶବିଶେଷ କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ୍ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।



ଧାମରା ନିକଟ ଅବଦୁଲ କଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର୍ ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ପୂର୍ବାହ୍ନ ପ୍ରାୟ ୯.୩୫ରେ ଉତ୍କ୍ଷେପଣ ହୋଇଥିଲା। ସେହିପରି କ୍ରମାଗତ ଭାବେ ଆଜି ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଦ୍ୱିତୀୟଥର ପାଇଁ ଉତ୍କ୍ଷେପଣ କରାଯାଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର୍ ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ସଠିକ ଭାବେ ଲକ୍ଷ୍ୟଭେଦ କରିପାରିବ।

ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି କ୍ଷେପଣାସ୍ତ୍ରକୁ ଚୀନ ସୀମାର ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଓ ପାକିସ୍ତାନ ସୀମାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲଓସି) ଅଞ୍ଚଳରେ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି।

# ୧୩ କୁଳପତି ପଦ ପାଇଁ ୩୫୦ରୁ ଅଧିକ ଆବେଦନ

**ଭୁବନେଶ୍ୱର, ୩୦ ।୭ (ସମିସ):** ଏକାଥରେ ୧୩ଟି ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟା ତ୍ୱରାନ୍ୱିତ କରଯାଉଛି। ଜୁନ୍ ୩ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ଏଥିପାଇଁ ୩୫୦ରୁ ଅଧିକ ଆଶାୟୀ ଆବେଦନ କରିଛନ୍ତି। ଜଣେ ପ୍ରାର୍ଥୀ ଏକାଧିକ ବିଶ୍ୱବିଦ୍ୟାଳୟ ପାଇଁ ଆବେଦନ କରିଛନ୍ତି। ସମସ୍ତ ଆବେଦନପତ୍ରକୁ ଯାଞ୍ଚ କରାଯାଉଛି। ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ଖୁବଶୀଘ୍ର ବିଶ୍ୱବିଦ୍ୟାଳୟଗୁଡ଼ିକରେ ନୂତନ କୁଳପତି ନିଯୁକ୍ତି କରାଯିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରେଭେନ୍ସା ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଏବଂ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ଜୁଲାଇ ୫ ଆବେଦନ ଅବଧିର ଶେଷ ତାରିଖ ଥିଲା। ଏହି ସମୟରେ ମେଲ୍ ଠିକଣାରେ ଆବେଦନପତ୍ର ଅପଲୋଡ୍ କରିବାକୁ କୁହାଯାଇଥିଲା। ଆବେଦନପତ୍ରର ହାର୍ଡକପି ଦାଖଲ କରିବା ପାଇଁ ଜୁଲାଇ ୧୦ତାରିଖ ରହିଥିଲା। କୁଳପତି ନିଯୁକ୍ତି ପାଇଁ ଆବେଦନ କରିବାକୁ ହେଲେ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ୧୦ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ଅନ୍ୟଥା ସମକକ୍ଷ ପଦରେ ୧୦ବର୍ଷ କାର୍ଯ୍ୟ କରିଥିବା ଆବଶ୍ୟକ। ଆସନ୍ତା ଡିସେମ୍ବର ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ସୀମା ୬୬ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

■ ଅଖିଳ ଭାରତୀୟ ଶିକ୍ଷା ସଙ୍ଗମ

# ଭାରତକୁ ବୈଶ୍ୱିକ ଅଧ୍ୟୟନର କେନ୍ଦ୍ରବିନ୍ଦୁ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ



**ଭୁବନେଶ୍ୱର,୨୯ ।୭ (ସମିସ):** ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହେବାର ୫ବର୍ଷ ପୂର୍ତ୍ତି ଅବସରରେ 'ଅଖିଳ ଭାରତୀୟ ଶିକ୍ଷା ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ଠାରେ ଅନୁଷ୍ଠିତ ଏହ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ଜାତୀୟ ଶିକ୍ଷାନୀତି ପଥପ୍ରଦର୍ଶକ ହେବ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତୀୟତା ଭାବନା ଜାଗ୍ରତ କରିବା ଜାତୀୟ ଶିକ୍ଷାନୀତିର ମୂଳମନ୍ତ୍ର। ବୈଜ୍ଞାନିକ ବିଚାର, ନୂତନ ଚିନ୍ତାଧାରା, ଗବେଷଣା, ଭାରତୀୟ ଜ୍ଞାନ ପରମ୍ପରା ଓ ଭାରତୀୟ ଭାଷାକୁ ପ୍ରାଥମିକତା ଦେଇ ଶିକ୍ଷାକୁ ରାଷ୍ଟ୍ର ନିର୍ମାଣ ସହ ଯୋଡ଼ିବାରେ ଜାତୀୟ ଶିକ୍ଷାନୀତି ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ନୂତନ ଶିକ୍ଷାନୀତି ଆଧାରରେ ଭାରତକୁ ବୈଶ୍ୱିକ ଅଧ୍ୟୟନର କେନ୍ଦ୍ରବିନ୍ଦୁ ଭାବେ ଗଢ଼ିବାକୁ ସମସ୍ତଙ୍କୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଓ ଜୟନ୍ତ ଚୌଧୁରୀଙ୍କ ସମେତ ବିଭାଗୀୟ ବହୁ ବରିଷ୍ଠ ଅଧିକାରୀ ସାମିଲ ଥିଲେ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ରୀ ଓ ନାରୀ ଅସୁରକ୍ଷିତ

## ଅଗଷ୍ଟ ୧ରୁ ୧୪ ଯାଏ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ




■ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଦେବେ ସ୍ମାରକପତ୍ର
■ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ରାଜ୍ୟର ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୯।୭(ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ଆସନ୍ତା ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଆନ୍ଦୋଳନ କରିବ ବିଜୁ ଛାତ୍ର ଓ ଯୁବ ଜନତା ଦଳ। ଦଳର ଦୁଇ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।

ବ୍ୟୋମକେଶ କହିଛନ୍ତି ଯେ ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି। ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସବୁଠାରେ ଛାତ୍ରୀମାନେ ଅସୁରକ୍ଷିତ। ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହି ସମୟରେ ରାଜ୍ୟ ବିଜେପି ସରକାର ନିଘୋଡ ନିଦରେ ଶୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜରେ ଆନ୍ଦୋଳନ କରିଛି। ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ଯାଏ ସାରା ରାଜ୍ୟର ଛାତ୍ରଛାତ୍ରୀ ଏ ସଂକ୍ରାନ୍ତରେ ପ୍ରତିବାଦ ଜାରି ରଖିବେ। ଛାତ୍ରଛାତ୍ରୀ ମାନେ ନିଜ ଥାନା ଓ ଏସପିଙ୍କୁ ଭେଟି ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ। ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ବୋଲି ଶ୍ରୀ ରାୟ କହିଛନ୍ତି।

ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ନିକଟରେ ଘଟି ଯାଇଥିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନ ଯିବା ପାଇଁ ଆମେରିକା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି। ଓଡିଶା ପାଇଁ ଏହା ଲଜ୍ଜା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବାସହ ବ୍ୟବସ୍ଥାଗତ ବିଫଳତାକୁ ସମାଲୋଚନା କରିଛନ୍ତି। ଏହା ସାତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି ।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ
THE SAKALA

# ମଉଳା ମେଟ୍ରୋ

ଭୁବନେଶ୍ୱରରେ ବହୁଆକାଂକ୍ଷିତ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଆପାତତଃ ମଉଳି ଯାଇଛି। ପୂର୍ବ ସରକାର ଅମଳରେ ଏଥିପାଇଁ ହୋଇଥିବା ଟେଣ୍ଡର ଏବେ ବାତିଲ୍ ହେବା ପରେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଟେଣ୍ଡର ବାତିଲ୍ ପଛର କାରଣ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନଥିଲେ ମଧ୍ୟ ସରକାରୀ ମହଲକୁ ଛାଡ଼ି ପ୍ରାୟତଃ ସବୁଆଡ଼େ ଅସନ୍ତୋଷ ଓ ସମାଲୋଚନାର ସ୍ୱର ଶୁଣିବାକୁ ମିଳୁଛି। ନୂଆ ଡିପିଆର ଚୂଡ଼ାନ୍ତ ହେବା ଏବଂ ସାନି ଟେଣ୍ଡର ଏକ ସହଜ ପ୍ରକ୍ରିୟା ନୁହେଁ। ତା'ଛଡ଼ା ମେଟ୍ରୋ ଟ୍ରେନ୍‌ର ପରିବର୍ତ୍ତିତ ରୂପରେଖକୁ ନେଇ ମନ୍ତ୍ରିପରିଷଦର ସଦସ୍ୟମାନେ ବିଭିନ୍ନ ସମୟରେ ଦେଇଥିବା ବିବୃତ୍ତିରେ ତାଳମେଳ ରହୁ ନଥିବାରୁ ଏହି ପ୍ରକଳ୍ପ ଯେ ନିକଟ ଭବିଷ୍ୟତରେ ଆରମ୍ଭ ହେବାର ନାହିଁ ତାହା ଅନୁମାନ କରାଯାଉଛି।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। ବରଂ କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏପରିକି ମେଟ୍ରୋ ରେଳ ଏବେ ସହରାଞ୍ଚଳରେ ସବୁଠୁ ଲୋକପ୍ରିୟ ଗଣପରିବହନ ଏବଂ ତ୍ୱରିତ ଗମନାଗମନର ମାଧ୍ୟମ ପାଲଟିଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ବିପୁଳ ଅର୍ଥ ଓ ବୈଷୟିକ ଜ୍ଞାନକୌଶଳ ସହାୟତା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଦେଶର ୧୨ଟି ପ୍ରମୁଖ ସହରରେ ୬୬୦ କିମି ମେଟ୍ରୋ ରେଳପଥରେ ଟ୍ରେନ୍ ଚଳାଚଳ କରୁଛି। ଏହାବାଦ୍ ଅନ୍ୟ ୧୫ଟି ସହରରେ ୫୦୦ କିମି ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି।

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଜନସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଥିବା ବେଳେ ଆଇଆଇଟି ଖଡ଼ଗପୁର ରିପୋର୍ଟ ଅନୁସାରେ ଚୌଦ୍ୱାର-କଟକ-ଭୁବନେଶ୍ୱର-ଜଟଣୀ-ପିପିଲିକୁ ନେଇ ପରିକଳ୍ପିତ ବୃହତ୍ ସହରାଞ୍ଚଳର ଜନସଂଖ୍ୟା ୨୦୫୦ ବେଳକୁ ୧ କୋଟି ଟପିବ। ତେଣୁ ଏବେଠାରୁ ଗଣପରିବହନ ବ୍ୟବସ୍ଥାକୁ ସୁସଂହତ, ସୁଗମ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ଏହି ପୃଷ୍ଠଭୂମିରେ ମେଟ୍ରୋରେଳ ଜନସାଧାରଣଙ୍କ ପାଇଁ ଯେ ଏକ ଚରମ ଆବଶ୍ୟକତା ଏହାକୁ ହୃଦୟଙ୍ଗମ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ମହତାକାଂକ୍ଷୀ ଦୃଷ୍ଟିକୋଣ ନେଇ ନବୀନ ପଟ୍ଟନାୟକଙ୍କ ସରକାର ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ କରିଥିଲେ। ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଥିଲେ।

ମୋଟ୍ ୬୨୫୫ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪, ଜାନୁଆରୀ ୧ ତାରିଖରେ କଟକ ଉପକଣ୍ଠ ରଣଗଡ଼ଠାରେ କରିଥିଲେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଦିଲ୍ଲୀ ମେଟ୍ରୋ ନିଗମ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମେଟ୍ରୋ ରେଳପଥ କଟକ ଓ ପୁରୀ ଦିଗକୁ ସଂପ୍ରସାରିତ ହେବାର ଯୋଜନା ରଖାଯାଇଥିଲା। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ଥିଲା - ବାଙ୍କୀ ଓ ଆଠଗଡ଼ ଦିଗକୁ ବଢୁଥିବା ଦ୍ୱୈତ ମହାନଗରୀର ଗମନାଗମନ ଆବଶ୍ୟକତା ପୂରଣ କରିବା। କିନ୍ତୁ ଏବେ ଟେଣ୍ଡର ବାତିଲ୍ ହୋଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଯେ ପୁଣି ଓଡ଼ିଶା ପ୍ରକଳ୍ପ ପାଇଁ ଆଗ୍ରହୀ ହେବେ ସେ ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

ଇତିମଧ୍ୟରେ ବୈଷୟିକ ଜ୍ଞାନକୌଶଳରେ ପ୍ରଭୂତ ବିକାଶ ଫଳରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଭୂମିତଳ ସୁଡ଼ଙ୍ଗ ଆଉ ଅପରିହାର୍ଯ୍ୟ ହୋଇ ରହିନାହିଁ। ଦେଶର ପ୍ରମୁଖ ବୃହତ୍ ସହରମାନଙ୍କରେ ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ରେଳ ଲାଇନ୍ ନିର୍ମାଣ ହେଉଛି। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପ୍ରକଳ୍ପ ମାଟି ତଳେ କରାଯିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି। ଟେଣ୍ଡର ବାତିଲ୍ ହେବା ପଛରେ ଏହା ଆଉ ଏକ କାରଣ ବୋଲି ଜଣାପଡ଼ିଛି। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ନାହିଁ, ତାହାର ଦୂରଦୃଷ୍ଟିର ଅଭାବ ରହେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଟେଣ୍ଡର ବାତିଲ୍ ହେବା ପରେ ଓଡ଼ିଶା ୧୦ ବର୍ଷ ପଛକୁ ଚାଲିଯାଇଛି।

ବିଶେଷଜ୍ଞ ମହଲରେ ଏବେ ଆଲୋଚନା ହେଉଛି ଯେ ଡିପିଆରରେ କିଛି ତ୍ରୁଟିବିଚ୍ୟୁତି ଥିଲେ ତାହାକୁ ସଂଶୋଧନ କରା ଯାଇପାରିଥା'ନ୍ତା। କିନ୍ତୁ ଟେଣ୍ଡର ବାତିଲ୍ ଯଦି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଏବଂ ପ୍ରକଳ୍ପର ଶ୍ରେୟ ବିଜେଡି ସରକର ନେଇଯିବାର ଭୟ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘାରିଥାଏ ତେବେ ଜନମାନସରେ ସରକାର ନିନ୍ଦିତ ହେବା ହିଁ ସାର ହେବ। ମେଟ୍ରୋ ଚଳାଚଳ ପାଇଁ ଡବଲ୍ ଇଞ୍ଜିନ୍‌ର ଦକ୍ଷତା, କ୍ଷମତା ଓ ଆନ୍ତରିକତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି। ସାନି ଡିପିଆର ପ୍ରସ୍ତୁତ ପରେ ତୁରନ୍ତ ଟେଣ୍ଡର ଚୂଡ଼ାନ୍ତ କରିବା ଏବେ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବରଂ ସରକାର ଅପବାଦରୁ ମୁକ୍ତି ପାଇବେ। ସର୍ବୋପରି କିଛିଟା ବିଳମ୍ବ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯୁଗ୍ମପ୍ରଥମ ଯୋଜନାବଦ୍ଧ ରାଜଧାନୀ ସହର ଭୁବନେଶ୍ୱର ମେଟ୍ରୋ ରେଳ ସେବା ମଣ୍ଡିତ ହୋଇପାରିବ। ●

# ଧରିତ୍ରୀ ଶିଖର ସମ୍ମିଳନୀ ଓ ଭାରତ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସ୍ୱିଡେନ୍‌ର ରାଜଧାନୀ ଷ୍ଟୋକହୋମ୍‌ଠାରେ ପ୍ରଥମ ଥର ପାଇଁ ମାନବୀୟ ପରିବେଶ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ (୫-୧୬ ଜୁନ୍ ୧୯୭୨) ପରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଶିଖର ସମ୍ମିଳନୀ ଥିଲା 'ଜାତିସଂଘ ପରିବେଶ ଏବଂ ବିକାଶ ସମ୍ମିଳନୀ'(ୟୁଏନ୍‌ସିଇଡି), ଯାହାକୁ 'ଧରିତ୍ରୀ ଶିଖର ସମ୍ମିଳନୀ' ମଧ୍ୟ କୁହାଯାଏ। ଏହା ୧୯୯୨ ମସିହା, ଜୁନ୍ ୩-୧୪ ପର୍ଯ୍ୟନ୍ତ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିଲା। ଏହି ଶୀର୍ଷ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୩ଟି ପ୍ରମୁଖ ଦଲିଲ ପ୍ରସ୍ତୁତ କରାଯାଇଥିଲା, ଯଥା - (୧) ରିଓ ଘୋଷଣାନାମା ଆଧାରିତ ପରିବେଶ ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିବା ପାଇଁ ବ୍ୟାପକ ନୀତିର ଏକ ବିବୃତ୍ତି, (୨) ସମସ୍ତ ପ୍ରକାରର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଉପରେ ଏକ ଅଣ-ଆଇନଗତ ଭାବରେ ବାଧ୍ୟତାମୂଳକ ବିବୃତ୍ତି, (୩) ଏକବିଂଶ ଶତାବ୍ଦୀ ପାଇଁ ଦୀର୍ଘସ୍ଥାୟୀ ଖସଡ଼ା, ପାଣ୍ଠି ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ଏବଂ ଆକଳନ ଉପସ୍ଥାପନ କରୁଥିବା ଏକ ବିଶାଳ ଦଲିଲ। ୩ଟି ଚୁକ୍ତି ଯଥା - ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱାର୍କ ଶିଖର ସମ୍ମିଳନୀ(ୟୁଏନ୍‌ଏଫ୍‌ସିସିସି), ଜୈବ ବିବିଧତା ଶିଖର ସମ୍ମିଳନୀ(ସିବିଡି), ମରୁଭୂମି ମୁକାବିଲା ପାଇଁ ମିଳିତ ଜାତିସଂଘ ଶିଖର ସମ୍ମିଳନୀ(ୟୁଏନ୍‌ସିସିଡି)। ଏଗୁଡ଼ିକ ଯଥାକ୍ରମେ ୧୯୯୪, ୧୯୯୩ ଓ ୧୯୯୬ରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥିଲା।

ୟୁଏନ୍‌ଏଫ୍‌ସିସିସର ମୂଳ ଉଦ୍ଦେଶ୍ୟ ହେଉଛି ସବୁଜଗୃହ ବାଷ୍ପ ସାନ୍ଦ୍ରତାକୁ ହ୍ରାସ କରି ଏପରି ସ୍ତରରେ ସ୍ଥିର କରିବା, ଯାହା ଜଳବାୟୁ ପ୍ରଣାଳୀ ସହିତ ବିପଦପୂର୍ଣ୍ଣ ମାନବଜାତ(ମାନବ ପ୍ରେରିତ) ହସ୍ତକ୍ଷେପକୁ ରୋକିପାରିବ। ସିବିଡି ରାଷ୍ଟ୍ରଗୁଡ଼ିକର ଜୈବିକ ସମ୍ପଦ ଉପରେ ସାର୍ବଭୌମ ଅଧିକାରକୁ ପୁନଃନିର୍ଦ୍ଦିଷ୍ଟ କରିବା ସହିତ ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦର ବ୍ୟବହାରରୁ ଉତ୍ପନ୍ନ ଲାଭର ନିରପେକ୍ଷ ଓ ସମାନ ବଣ୍ଟନ ଉପରେ ଗୁରୁତ୍ୱାରୋପ କରେ। ୟୁଏନ୍‌ସିସିଡିର ମୌଳିକ ଉଦ୍ଦେଶ୍ୟ ହେଉଛି ଆମର ଭୂମିକୁ ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ସହିତ ଏକ ସୁରକ୍ଷିତ, ନ୍ୟାୟପୂର୍ଣ୍ଣ ଓ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା।

ତିନୋଟିଯାକ ଶିଖର ସମ୍ମିଳନୀ ପାଇଁ ଅଂଶୀଦାର ଦେଶର ପ୍ରତିନିଧିମାନେ ନିୟମିତ ଆୟୋଜିତ ସମ୍ମିଳନୀରେ ଏକତ୍ରିତ ହୋଇ ଆଲୋଚନା କରନ୍ତି, ଯାହାକୁ କୁହାଯାଏ କନଫରେନ୍ସ ଅଫ୍ ପାର୍ଟିସ୍(ସିଓପି ବା କୋପ୍)। 'କୋପ୍'ଗୁଡ଼ିକ ସମ୍ମିଳନୀର ପରିଚାଳନା ସଂସ୍ଥା ଏବଂ ଏହାର ସାମୟିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ। ୟୁଏନ୍‌ଏଫ୍‌ସିସିସିର ସର୍ବଶେଷ ବା ୨୯ତମ ଅଧିବେଶନ ଥିଲା କୋପ୍-୨୯, ଯାହା ୧୧-୨୨ ନଭେମ୍ବର ୨୦୨୪ରେ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ସିବିଡିର ସର୍ବଶେଷ ଅଧିବେଶନ ଥିଲା କୋପ୍-୧୬, ଯାହା ଅକ୍ଟୋବର ୨୧-୧ ନଭେମ୍ବର ୨୦୨୪ରେ କଲମ୍ବିଆର କାଲିରେ ଅନୁଷ୍ଠିତ ହୋଇଥିଲା। ସମଭାବରେ ୟୁଏନ୍‌ସିସିଡିର ଏପର୍ଯ୍ୟନ୍ତ ସର୍ବଶେଷ ଅଧିବେଶନ କୋପ୍-୧୬, ସାଉଦି ଆରବର ରିୟାଦରେ ୨ ରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୟୁଏନ୍‌ଏଫ୍‌ସିସିସ ଶିଖର ସମ୍ମିଳନୀ ୨୯ ଥର ଅନୁଷ୍ଠିତ ହୋଇସାରିଥିବା ବେଳେ ସିବିଡି ଓ ୟୁଏନ୍‌ସିସିଡିର ଶିଖର ସମ୍ମିଳନୀ ପ୍ରତ୍ୟେକେ ୧୬ ଥର ଲେଖାଏଁ ଅନୁଷ୍ଠିତ ହୋଇଛି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୧୨ ଡିସେମ୍ବର ୨୦୧୫ରେ ଶେଷ ହୋଇଥିବା ୟୁଏନ୍‌ଏଫ୍‌ସିସିସି ବା କୋପ୍-୨୧ ବହୁତ ପ୍ରଭାବଶାଳୀ ଥିଲା। ଏହି ସମ୍ମିଳନୀରେ ଗୃହୀତ ଚୁକ୍ତିନାମା, ଯାହା 'ପ୍ୟାରିସ ଚୁକ୍ତିନାମା' ନାମରେ ଖ୍ୟାତ, ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶ୍ୱ ହାରାହାରି ତାପମାତ୍ରାକୁ ପ୍ରାକଶିଳ୍ପାୟନ ସ୍ତରଠାରୁ ୨ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରଖିବା ଏବଂ ପ୍ରାକଶିଳ୍ପାୟନ ସ୍ଥିତି ସ୍ତର ଠାରୁ ତାପମାତ୍ରା ବୃଦ୍ଧିକୁ ମାତ୍ର ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ପ୍ରୟାସ କରିବା।

ଅଂଶୀଦାର ଦେଶମାନେ ସବୁଜ ଗୃହ ବାଷ୍ପ ପରିମାଣ ହ୍ରାସ କରିବା ପାଇଁ ପ୍ୟାରିସରେ ୨୦୧୫ ରେ କୋପ୍ ୨୧ ସମୟରେ ନିଜସ୍ୱ ଅଙ୍ଗୀକାରବଦ୍ଧତା ଦାଖଲ କରିଥିଲେ। ଭାରତ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ନିର୍ଗମନ ହାରରେ ୩୩% ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସିବିଡି ପ୍ରତିଶ୍ରୁତି ଅନୁଯାୟୀ, ୧୯୯୯ରେ ଭାରତର ପ୍ରଥମ ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ଆରମ୍ଭ କରିଥିଲା। ଭାରତ ୨୦୨୫-୩୦ ଆର୍ଥିକ ବର୍ଷରେ ଜୈବ ବିବିଧତା ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରାୟ ୮୧, ୬୬୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି। ୟୁଏନ୍‌ସିସିଡି ତଥ୍ୟ ଅନୁଯାୟୀ, ୨୦୧୫-୨୦୧୯ ପର୍ଯ୍ୟନ୍ତ ଭାରତର ମୋଟ ରିପୋର୍ଟ କରାଯାଇଥିବା ଜମିର ୩୦.୫୧ ନିୟୁତ ହେକ୍ଟର ଅବକ୍ଷୟ ହୋଇଥିଲା। ଏହାର ଜବାବରେ ଭାରତ ଭୂମି ଅବକ୍ଷୟକୁ ସମାଧାନ କରିବା, ମରୁଡ଼ି ସ୍ଥିତିସ୍ଥାପକତା ନିର୍ମାଣ କରିବା, ପରିବେଶ ପୁନରୁଦ୍ଧାର ଏବଂ ଜୈବ ବିବିଧତା ବୃଦ୍ଧି ପାଇଁ ଏକ ବ୍ୟାପକ ପଦ୍ଧତି ଗ୍ରହଣ କରିଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏବେ ପ୍ରତିବର୍ଷ ପ୍ରାୟ ୪.୧ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାର କାମ୍ଳ ସମତୁଲ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ କରେ, ଯାହା ଚୀନ୍ (୧୫.୯ ବିଲିୟନ ମେଟ୍ରିକ୍ ଟନ୍) ଏବଂ ଆମେରିକା (୬ ବିଲିୟନ ଟନ୍) ପରେ ବିଶ୍ୱରେ ତୃତୀୟ ସର୍ବାଧିକ ଯୋଗଦାନକାରୀ। ତେବେ ଭାରତରେ ମୁଣ୍ଡପିଛା ନିର୍ଗମନ (୨.୯) ମେଟ୍ରିକ୍ ଟନ୍ ଆମେରିକା (୧୭.୬) ଏବଂ ଚୀନ (୧୧.୧) ତୁଳନାରେ ବହୁତ କମ୍। ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ପରେ ଭାରତକୁ ଏବେ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଗକୁ ବଢ଼ାଇବାକୁ ପଡ଼ିବ ଏବଂ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ଯଦି ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ ୨୦୩୦ ସୁଦ୍ଧା ହାସଲ କରିବାକୁ ହୁଏ, ତେବେ ବିଶ୍ୱସ୍ତରୀୟ ସହଯୋଗ, ବିଶେଷକରି ବିକଶିତ ଦେଶମାନଙ୍କ ଦ୍ୱାରା, ଅତ୍ୟନ୍ତ ଜରୁରୀ। ୨୦୨୫ ହେଉଛି କୋପ୍ ୨୧ରେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ୨୦୧୫ ର ପ୍ରଥମ ଦଶନ୍ଧି। ପ୍ୟାରିସ୍ ଚୁକ୍ତିନାମାର ଧାରା ୨.୧ ସି ନିର୍ଗମନ ହ୍ରାସ ଏବଂ ଜଳବାୟୁ-ସ୍ଥାପକତା ସହିତ 'ଆର୍ଥିକ ପ୍ରବାହକୁ ସୁସଙ୍ଗତ କରିବା' ଉପରେ ଧ୍ୟାନ ଦିଏ। ଧାରା ୯.୧ ରେ କୁହାଯାଇଛି ଯେ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଏଥିପାଇଁ 'ଅର୍ଥ ଯୋଗାଇବେ'। ଦୁଇଟି ବଡ଼ ତୈଳ ରପ୍ତାନିକାରୀ ରାଷ୍ଟ୍ର ଇରାନ ଓ ଲିବିଆ ୧୪-ସଦସ୍ୟ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶ ସଂଗଠନ ମଧ୍ୟରୁ ଏବଂ ୟେମେନ୍ ପ୍ୟାରିସ୍ ଚୁକ୍ତିନାମାକୁ ଅନୁମୋଦନ କରିନାହାନ୍ତି। ଦ୍ୱିତୀୟ ସର୍ବାଧିକ ନିର୍ଗମନକାରୀ ଆମେରିକା ୨୦୨୦ରେ ଚୁକ୍ତିନାମାରୁ ଓହରିଗଲା, ୨୦୨୧ ରେ ପୁନର୍ବାର ଯୋଗ ଦେଲା ଏବଂ ୨୦୨୫ରେ ପୁଣି ପ୍ରତ୍ୟାହାର ଘୋଷଣା କଲା। ଗତ ବର୍ଷ ୟୁଏନ୍‌ଏଫ୍‌ସିସିସିର କୋପ୍‌୨୯ ରେ, ରାଷ୍ଟ୍ରଗୁଡ଼ିକ ୨୦୩୫ ସୁଦ୍ଧା 'ଜଳବାୟୁ ଆର୍ଥିକ ବଜେଟ ଅଟକଳ' ବାର୍ଷିକ ଅତିକମରେ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ସହମତ ହୋଇଥିଲେ, ଯାହା ମୁଖ୍ୟତଃ ବିକଶିତ ଦେଶଗୁଡ଼ିକରୁ ଆସିବ। ଏହି ଅର୍ଥ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କର ନିର୍ଗମନକୁ ନିୟନ୍ତ୍ରଣ କରିବାରେ ଏବଂ ଆହୁରି ଅଧିକ ଜଟିଳ ଜଳବାୟୁ ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ପ୍ରାୟତଃ ସମସ୍ତ ଜଳବାୟୁ ସହାୟତା ବାତିଲ କରିସାରିଛି। ଜର୍ମାନୀ, ଫ୍ରାନ୍ସ ଏବଂ ୟୁକେ ସମେତ ପ୍ରମୁଖ ୟୁରୋପୀୟ ଦାତାମାନେ ମଧ୍ୟ ସହାୟତା ହ୍ରାସ ଘୋଷଣା କରିଛନ୍ତି। ଏହା ଆର୍ଥିକ ସହାୟତା କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ।

ୟୁଏନ୍‌ଏଫ୍‌ସିସିସିର କୋପ୍ ୩୦ ଚଳିତ ବର୍ଷ ନଭେମ୍ବର ୨୦୨୫ ରେ ବ୍ରାଜିଲର ବେଲେମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ପୂର୍ବରୁ ସମ୍ପୃକ୍ତ ପକ୍ଷ ରାଷ୍ଟ୍ର ପ୍ରତିନିଧିମାନେ ଗତ ଜୁନ୍ ମାସରେ ବନ୍ (ଜର୍ମାନୀ) ରେ ପୂର୍ବ ପ୍ରସ୍ତୁତି ବୈଠକ ଆଲୋଚନା କରି ଏଥିପାଇଁ ଏଜେଣ୍ଡା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ରାଜନୈତିକ, ସାଂସ୍କୃତିକ, ଭୌଗୋଳିକ, ଅର୍ଥନୈତିକ ଏବଂ ସାମାଜିକ ସୀମା ଅତିକ୍ରମ କରି ଚାଲିଛି, ଯାହା ବ୍ୟକ୍ତି, ସମ୍ପ୍ରଦାୟ, ପରିସଂସ୍ଥା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ସବୁଠାରୁ ଦୁର୍ବଳ ଲୋକଙ୍କ ଉପରେ ଲଦି ହେଉଛି। ଆଶା କରାଯାଏ, କୋପ୍‌୩୦ ନିଶ୍ଚିତ ଭାବରେ ଏକ ମୋଡ଼ ହେବ, ଯାହା କେବଳ ମହତ୍ୱାକାଂକ୍ଷା ଉପରେ ନୁହେଁ ବରଂ ସର୍ବାଧିକ ଜଳବାୟୁ ବିପଦର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ସମାନତା, ଆର୍ଥିକ ଏବଂ ନ୍ୟାୟ ପ୍ରଦାନ କରିବ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଦ୍ୱିତୀୟ କ୍ୱାଣ୍ଟମ ବିପ୍ଳବ

**ଡ. ଗୌରୀ ଶଙ୍କର ତ୍ରିପାଠୀ**

ଚଳିତ ବର୍ଷକୁ ବିଶ୍ୱରେ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବର୍ଷ ରୂପେ ପାଳନ କରାଯାଉଛି। ପ୍ରାୟ ୧୦୦ ବର୍ଷ ପୂର୍ବେ କ୍ୱାଣ୍ଟମ୍ ମେକାନିକ୍ସ ବିଜ୍ଞାନରେ ଏକ ଚାଞ୍ଚଲ୍ୟକାରୀ ଜ୍ଞାନ ଭାବେ ଆବିର୍ଭାବ ହେଇଥିଲା। କ୍ୱାଣ୍ଟମ୍ ତତ୍ତ୍ୱରେ ଏମିତି କିଛି ରହସ୍ୟ ଲୁଚି ରହିଥାଏ, ଯାହା ଅନ୍ୟ କୋଉଠି ନଥାଏ। ଯେମିତି କି କ୍ୱାଣ୍ଟମ୍ ଦୁନିଆରେ ସୁପରପୋଜିସନ୍ ନିୟମ ଲାଗୁ ହେଇଥାଏ। ଗୋଟିଏ ବସ୍ତୁ ଏକାଥରେ ଦୁଇଟା ଅବସ୍ଥାରେ ରହିପାରେ। ଆଉ ଗୋଟେ ଆଶ୍ଚର୍ଯ୍ୟ ନିୟମ ହେଲା କ୍ୱାଣ୍ଟମ ଏନଟାଙ୍ଗ୍‌ଲମେଣ୍ଟ ତଥା କ୍ୱାଣ୍ଟମ୍-ଜଡ଼ିତତା, ଯାହାକି ଦୁଇଟା କଣିକା ଯେତେ ଦୂରରେ ଥିଲେ ବି କିଛି ଗୋଟେ ଅଦୃଶ୍ୟ ସୁତାରେ ଦୁଇଟାକୁ ଯୋଡ଼ି ରଖିଥାଏ। ଏମିତି ଅନେକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳେ କ୍ୱାଣ୍ଟମ୍ ଦୁନିଆରେ।

କ୍ୱାଣ୍ଟମ୍ ବିଜ୍ଞାନ ଆବିର୍ଭାବ ପରଠାରୁ ଏହି ଜ୍ଞାନ ଅନେକ ଯୁଗାନ୍ତକାରୀ ତଥ୍ୟ, ତତ୍ତ୍ୱ ଓ ପ୍ରଯୁକ୍ତିବିଦ୍ୟାକୁ ଜନ୍ମ ଦେଇଛି। ଏହାଦ୍ୱାରା ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଏଭଳିକି ଜୀବ ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ମଧ୍ୟ ଋଦ୍ଧିମନ୍ତ ହେଇଛି। ଏହାର ଦ୍ୱିତୀୟ ସଂସ୍କରଣ ଏବେ ଏକ ଅଭିନବ ବିଜ୍ଞାନ ଭାବେ ଉଭା ହେଇଛି। ଏହି ଜ୍ଞାନରେ ଅଧିକତର ଗବେଷଣା ଏବଂ ବିକାଶ ଭବିଷ୍ୟତରେ ଆମ ଜୀବନକୁ ଆହୁରି ଅଧିକ ବିସ୍ମୟମଣ୍ଡିତ କରିବ। ସେଇଥିପାଇଁ ସମଗ୍ର ବିଶ୍ୱ ଏହି ବିଜ୍ଞାନରେ ଶ୍ରେଷ୍ଠତା ପ୍ରାପ୍ତି ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି।

ଭାରତର ଜାତୀୟ କ୍ୱାଣ୍ଟମ୍ ମିଶନ(ଏନ୍‌କ୍ୟୁଏମ୍) ୨୦୨୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଇଥିବା ଏକ ଆଠ ବର୍ଷିଆ ପ୍ରକଳ୍ପ, ଯେଉଁଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏନ୍‌କ୍ୟୁଏମ୍ ଚାରୋଟି ଦିଗର ବିକାଶ ଉପରେ ଧ୍ୟାନ ଦେଉଛି: (୧) କ୍ୱାଣ୍ଟମ୍ କମ୍ପ୍ୟୁଟିଂ; (୨) କ୍ୱାଣ୍ଟମ୍-ଯୋଗାଯୋଗ; (୩) କ୍ୱାଣ୍ଟମ୍-ସେନ୍ସିଂ ଓ ମାପ ବିଜ୍ଞାନ; (୪) କ୍ୱାଣ୍ଟମ୍-ବସ୍ତୁ ଓ କ୍ୱାଣ୍ଟମ୍-ଉପକରଣ। ଭାରତ ଯଦି କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ଚାହୁଁଛି, ତେବେ ଏହି କ୍ଷେତ୍ରରେ ପ୍ରୟାସକୁ ତୀବ୍ର କରିବା ସହିତ ଘରୋଇ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ। ଏହା ଏନ୍‌କ୍ୟୁଏମ୍‌ର ପ୍ରଥମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଦେଶର ଡିଜିଟାଲ୍ ଭିତ୍ତିଭୂମିକୁ କ୍ୱାଣ୍ଟମ୍-ସୁରକ୍ଷିତ କରିବା ପାଇଁ ଏହାର ସୁରକ୍ଷା ଓ ନିୟମାବଳୀରେ ଉନ୍ନତି ଆଣିବାକୁ ପଡ଼ିବ।

'ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସହ ଜଡ଼ିତ ହେବା ରଣନୀତି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ କ୍ୱାଣ୍ଟମ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ଭାରତ ବିଶ୍ୱରେ ନେତୃତ୍ୱ ନେବାର ଆଗ୍ରହ ରଖିଛି ଏବଂ ଏହି ଦିଗରେ ପ୍ରୟାସ କରୁଛି। ଏଥିରେ ଅଛି କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ତ୍ରୁଟି-ସଂଶୋଧନ ଆଲଗୋରିଦମ୍। ଏହାବ୍ୟତୀତ, କ୍ୱାଣ୍ଟମ୍ ହାର୍ଡୱେର ନିର୍ମାଣ ପାଇଁ ଦରକାର ସୁପରକଣ୍ଡକ୍ଟିଂ ସର୍କିଟ୍, ଫସି ରହିଥିବା ପରମାଣୁ/ଆୟନ ଏବଂ ଇଞ୍ଜିନିୟର୍ଡ କ୍ୱାଣ୍ଟମ୍-ଡଟ୍ ଉପଯୋଗର ବିକାଶ। ଉଦାହରଣ ସ୍ୱରୂପ, ଏନ୍‌କ୍ୟୁଏମ୍ ସମର୍ଥିତ ବେଙ୍ଗାଲୁରୁ-ଭିତ୍ତିକ ଷ୍ଟାର୍ଟଅପ୍ କ୍ୟୁପିଆଇଏଆଇ ସମ୍ପ୍ରତି 'ଇଣ୍ଡସ୍' ନାମକ ଏକ ୨୫-ସୁପରକଣ୍ଡକ୍ଟିଂ କ୍ୟୁବିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟର ବିକଶିତ କରିଛି। ଏହା ସମ୍ପୂର୍ଣ୍ଣ ଦେଶୀୟ ନୁହେଁ। ଏହାର କ୍ୟୁବିଟ୍‌ଗୁଡ଼ିକ ବିଦେଶରେ ତିଆରି ହେଇଥିବା ଅନୁମାନ କରାଯାଉଛି। ଏହାସତ୍ତ୍ୱେ ଏହା ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ।

ତଥ୍ୟକୁ ବିରାମ ଦେଇ ବିଜ୍ଞାନ ଉପରେ ବର୍ତ୍ତମାନ ଆମେ କିଛି ଧ୍ୟାନ ଦେବା। ଏହି କ୍ୟୁବିଟ୍ କ'ଣ? ଏକ କ୍ୟୁବିଟ୍ (କ୍ୱାଣ୍ଟମ୍ ବିଟ୍) ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରରେ ସୂଚନାର ଏକ ମୌଳିକ ଏକକ। ଏକ ନିୟମିତ କମ୍ପ୍ୟୁଟରରେ ଆମେ ବିଟ୍ ବ୍ୟବହାର କରୁ, ଯାହା ୦ କିମ୍ବା ୧ ହୋଇପାରେ। କିନ୍ତୁ କ୍ୱାଣ୍ଟମ୍‌ବିଟ୍ ସ୍ୱତନ୍ତ୍ରତା ବହନକରେ। କାରଣ ଏହା ଏକ ସମୟରେ ୦, ୧, କିମ୍ବା ଉଭୟ ହୋଇପାରେ। ଏହାକୁ ଉପରେ ବର୍ଣ୍ଣିତ ସୁପରପୋଜିସନ୍ କୁହାଯାଏ। ଉଦାହରଣରେ ବାୟୁରେ ଘୁରୁଥିବା ଏକ ମୁଦ୍ରାକୁ ଭାବନ୍ତୁ। ଯେପର୍ଯ୍ୟନ୍ତ ଏହା ଅବତରଣ କରିନାହିଁ, ଏହା ଏକା ସମୟରେ ଉଭୟ ମୁଣ୍ଡ ଏବଂ ଲାଞ୍ଜ ହୋଇଥାଏ। ଏକାଧିକ ଅବସ୍ଥାରେ ରହିବାର ଏହି କ୍ଷମତା କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ନିୟମିତ କମ୍ପ୍ୟୁଟର ଅପେକ୍ଷା ବହୁତ ଶୀଘ୍ର ଜଟିଳ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। କ୍ୟୁବିଟ୍‌ସର ଆଉ ଏକ ଆକର୍ଷଣୀୟ ଗୁଣ ହେଉଛି ଜଡ଼ିତତା। ଦୁଇଟି କ୍ୟୁବିଟ୍ ଏପରି ଭାବରେ ସଂଯୁକ୍ତ ହୋଇପାରିବେ ଯେ, ସେମାନେ ଯେତେଦୂରରେ ଥିଲେ ମଧ୍ୟ, ଗୋଟିଏକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ୟଟି ପ୍ରଭାବିତ ହୁଏ। ଏହି କ୍ୱାଣ୍ଟମ୍-ଜଡ଼ିତତା ଏପରି ଏକ ଜଟିଳ ବିଷୟ, ଯାହାକୁ ପ୍ରସିଦ୍ଧ ବିଜ୍ଞାନୀ ଆଇନଷ୍ଟାଇନ ଏକ ବିଚିତ୍ର(ସ୍ପୁକି) ଚିନ୍ତାଧାରା ବୋଲି କହିଥିଲେ।

ଭାରତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଉପରେ ଗବେଷଣା ୧୯୯୦ରୁ ଆରମ୍ଭ ହୋଇଥିଲା। ଭାରତ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସଫ୍ଟୱେର-କେନ୍ଦ୍ରିକ, ତାତ୍ତ୍ୱିକ ଏବଂ ଆଲଗୋରିଦମିକ୍ ଦିଗଗୁଡ଼ିକରେ ଦୃଢ଼, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହାର୍ଡୱେରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ ହେଇନାହିଁ। ଏହି କାର୍ଯ୍ୟ ଏକ ନବଜାତ ପର୍ଯ୍ୟାୟରେ ରହିଛି। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ କ୍ୱିବିଟ୍ ଏବଂ ଅନ୍ୟାନ୍ୟ ସହାୟକ ହାର୍ଡୱେର ତିଆରି କରିବା ପାଇଁ ସ୍ୱଦେଶୀ କ୍ଷମତାକୁ ଉନ୍ନୀତ କରିବା ପାଇଁ ପ୍ରୟାସର ବିଶେଷ ଆବଶ୍ୟକତା ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବେ ବି ବିକଶିତ ହେଉଛି। କିନ୍ତୁ ଏଥିରେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ଔଷଧୀୟ-କ୍ଷେତ୍ରରେ ବିପ୍ଳବ ଆଣିବାର ସମ୍ଭାବନା ଅଛି। ସୁତରାଂ, ଅତୀତର ଜ୍ଞାନ-ଗରିମା ଉପରେ ବହୁତ ତର୍କ-ବିତର୍କ ନ କରି ବର୍ତ୍ତମାନର ଜ୍ଞାନକୌଶଳକୁ ଆଗେଇନେବା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ। ବର୍ତ୍ତମାନ ନିବେଶକ ଏବଂ ପ୍ରଯୁକ୍ତିବିଦାନଙ୍କ ପାଇଁ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ବିପୁଳ ନିବେଶ କରିବାର ସମୟ ଆସିଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିର ଭବିଷ୍ୟତର କମ୍ପ୍ୟୁଟିଂ ଏବଂ ସଞ୍ଚାର କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଏହା ଭବିଷ୍ୟତ ଜୀବନର ପ୍ରତ୍ୟେକ ଦିଗକୁ ବଦଳାଇ ଦେବ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ରିମା ଛତ୍ର ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ମଧ୍ୟଭାରତରେ ରିମା ନାମକ ଏକ ଛୋଟ ରାଜ୍ୟ ଥିଲା। ସେଠାରେ ରଘୁରାଜ ସିଂହ ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ରଘୁରାଜ ମର୍ଯ୍ୟାଦାପୁରୁଷ ରଘୁନାଥଙ୍କ ପରି ସୁଶାସକ ଓ ପ୍ରଜାବତ୍ସଳ ଥିଲେ। ପୁରାଣରୁ ସେ ନୀଳାଚଳ ନିବାସୀ ଜଗନ୍ନାଥଙ୍କ ମହିମା ଶୁଣିଥିଲେ। ତେଣୁ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। କିଛି ପାରିଷଦଙ୍କ ସାଙ୍ଗରେ ନେଇ ରାଜା ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି କୃତ୍ୟକୃତ୍ୟ ହେଲେ। ସମଗ୍ର ବିଶ୍ୱର ସାଙ୍କେତିକ ସ୍ୱରୂପ, ନିରାକାର, ପୁଣି ନରାକାର ମହାପ୍ରଭୁଙ୍କ ରୂପ ତାଙ୍କୁ ବିମୋହିତ କଲା। ସେ କିଛିଦିନ କ୍ଷେତ୍ରରେ ରହି ପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବା ପାଇଁ ନିଷ୍ପତ୍ତି ନେଲେ।

ଦିନେ ରାଜା ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅରୁଣଚକଡ଼ାରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ କାଉ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଣ୍ଡେ ଅମାଲୁ ଧରି ଉଡ଼ି ଆସିଲା। ଅମାଲୁ ଖଣ୍ଡକ କାଉ ଥଣ୍ଟରୁ ରାଜାଙ୍କ ସମ୍ମୁଖରେ ଅକସ୍ମାତ୍ ଖସି ପଡ଼ିଲା। ରାଜା ମହାପ୍ରସାଦ ଖଣ୍ଡକୁ ଉଠାଇ ଆଣିବା ପାଇଁ ହାତ ବଢ଼େଇଲା ବେଳକୁ ଗୋଟିଏ କୁକୁର କାହିଁ ଥିଲା, ପବନ ବେଗରେ ଆସି ଅମାଲୁରୁ ଖଣ୍ଡେ ନେଇ ଚାଲିଗଲା। କୁକୁର ଅଇଁଠା ହେଲେ ମଧ୍ୟ ମହାପ୍ରସାଦର ପବିତ୍ରତା ହାନି ହୁଏ ନାହିଁ। ସେ ବିଷୟରେ ଶାସ୍ତ୍ରରେ ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ରାଜା ସେ ବିଷୟରେ ଅଜ୍ଞାତ ଥିବାରୁ ଅମାଲୁ କୁକୁର ଅଇଁଠା ହୋଇଗଲା ବୋଲି ଆଉ ଆଣିଲେ ନାହିଁ। ମହାପ୍ରସାଦକୁ ଅସମ୍ମାନ କରିବା ଅପରାଧ ଯୋଗୁଁ ରାଜା କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ରାଜା ଏକଥା ଜାଣିପାରି ପ୍ରଭୁଙ୍କର ଶରଣାଗତ ହେଲେ ଏବଂ କ୍ଷେତ୍ର ଛାଡ଼ି ଗଲେ ନାହିଁ। କିନ୍ତୁ ରାଜ୍ୟର ଭଲମନ୍ଦ କଥା ଭାବି ଭାବି ସେ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଅନ୍ତର୍ଯ୍ୟାମୀ ମହାପ୍ରଭୁ ଭକ୍ତର ମନକଥା ଜାଣିପାରିଲେ। ସେ ଦିନେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଆଦେଶ ଦେଲେ - 'ରାଜା! ମୁଁ ତୁମର ଭକ୍ତିରେ ସନ୍ତୁଷ୍ଟ। ତୁମେ ମୋର କୈବଲ୍ୟ ପ୍ରସାଦ ନେଇ ରାଜ୍ୟକୁ ଫେରିଯାଅ। ମୋର କୈବଲ୍ୟ ସେବନ କରି ତୁମେ ରୋଗମୁକ୍ତ ହେବ।' ରାଜା ମହାପ୍ରଭୁଙ୍କ ଆଦେଶାନୁସାରେ କୈବଲ୍ୟ ନେଇ ରାଜ୍ୟକୁ ଫେରି ଗଲେ। ପ୍ରତିଦିନ ସ୍ନାନପରେ ମହାପ୍ରଭୁଙ୍କୁ ଆରାଧନା କରି କୈବଲ୍ୟ ସେବା କରିବା ପରେ ପାନଭୋଜନ ଗ୍ରହଣ କରୁଥିଲେ। ଅଳ୍ପଦିନ ପରେ ସେ ରୋଗମୁକ୍ତ ହୋଇ ଯିବାରୁ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ବହୁଗୁଣିତ ହେଲା।

ତା'ପରେ ରାଜା ପୁଣିଥରେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ କ୍ଷେତ୍ର ଓ ଭକ୍ତମାନଙ୍କ ପାଇଁ କିଛି କରିବାକୁ ସଙ୍କଳ୍ପ କଲେ। ସେଦିଗରେ ଉପଯୁକ୍ତ ପ୍ରସ୍ତୁତି ସହ ସେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେ ପ୍ରଥମେ ମହାପ୍ରଭୁଙ୍କ ରତ୍ନଭଣ୍ଡାରକୁ ସାଢ଼େସାତ ମହଣ ସୁନା ଦାନ କଲେ। ତା' ପରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନଙ୍କୁ ସାଢ଼େସାତ ମହଣ ସୁନା ଦାନ କଲେ। ଶେଷରେ ସେ ଶ୍ରୀକ୍ଷେତ୍ରରେ ରହି ଠାକୁରଙ୍କୁ ଆରାଧନା କରୁଥିବା ସାଧୁ, ସନ୍ଥ ଓ ମଠ ମହନ୍ତମାନଙ୍କୁ ସମାନ ଓଜନର ସୁନା ଦାନ କରିବାକୁ ଚାହୁଁଥିଲେ। କିନ୍ତୁ ସାଧୁ, ସନ୍ଥ ଓ ମହନ୍ତମାନେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କୃପାପ୍ରାର୍ଥୀ ହେବେ ନାହିଁ ବୋଲି ଦୃଢ଼ତାର ସହ ଜଣେଇ ଦେଲେ। ତେଣୁ ରାଜା ସେ ସୁନାକୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ଉଦ୍ଦେଶ୍ୟରେ ଏମାର ମଠର ମହନ୍ତଙ୍କୁ ଦାନ କଲେ ଏବଂ ନିଜେ ବଡ଼ଦାଣ୍ଡ କଡ଼ରେ ଏକ ଗୃହ ନିର୍ମାଣ କରି ବାସ କଲେ। ପ୍ରଥମେ ଅନ୍ନଛତ୍ର ରାଜାଙ୍କ ବସାପାଖରେ ଆରମ୍ଭ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା। ତା' ପରେ ଏମାର ମଠପାଖରେ ଏକ ମଣ୍ଡପ ନିର୍ମାଣ କରାଯାଇ ଅନ୍ନଛତ୍ରକୁ ସେଠକୁ ସ୍ଥାନାନ୍ତର କରାଗଲା।

ବଡ଼ଦାଣ୍ଡରେ ନିର୍ମିତ ରିମା ରାଜାଙ୍କ ପ୍ରାସାଦ ପରବର୍ତ୍ତୀ କାଳରେ ଏକ ମଠରେ ରୂପାନ୍ତରିତ ହେଲା ଏବଂ ତାହା 'ରିମା ଛତ୍ର ମଠ' ଭାବରେ ଖ୍ୟାତ ହେଲା। ଏମାର ମଠର ମହନ୍ତଙ୍କ ତଦାରଖରେ ଏ ମଠ ପୂର୍ବେ ପରିଚାଳିତ ହେଉଥିବାରୁ ଏହା ଶ୍ରୀସଂପ୍ରଦାୟର ମଠ ଥିଲା। ଶୁଣାଯାଏ ଯେ ଏମାର ମଠର ମହନ୍ତ ଶ୍ରୀଗଦାଧର ରାମାନୁଜ ଦାସଙ୍କ ସମୟରେ କୌଣସି କାରଣରୁ ମଠର ଅନ୍ନଛତ୍ର ବନ୍ଦ ହୋଇଗଲା। ପରେ ଏହି ମଠ ଶ୍ରୀମନ୍ଦିର ପରିଚାଳନା ସମିତିକୁ ହସ୍ତାନ୍ତରିତ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ସଂସଦରେ 'ସିନ୍ଦୂର'...

ଆତଙ୍କବାଦର ମାଷ୍ଟରମାଇଣ୍ଡକୁ ଏପରି ଜବାବ ଦେଇଛନ୍ତି ଯେ ସେମାନଙ୍କର ନିଦ ହଜିଯାଇଛି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଆମର ସେନା ପାକିସ୍ତାନ ସହିତ ଲଢ଼େଇ କରୁଥିବା ବେଳେ ବିରୋଧୀ ନେତାମାନେ 'ଛିଛୋରାପନ'ରେ ମାତିଥିଲେ। ସେମାନେ ଜାତୀୟ ସୁରକ୍ଷାର ରାଜନୀତିକରଣ କରୁଥିଲେ। ସେ କହିଲେ ଯେ ବିରୋଧୀଙ୍କ ଏଭଳି ଆଚରଣ କେବଳ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରିବ। ସେମାନେ କେବେହେଲେ ଦେଶବାସୀଙ୍କ ହୃଦୟ ଜିଣିପାରିବେ ନାହିଁ। ଅପରେସନ ସିନ୍ଦୂରର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତୀୟ ସେନା ଲକ୍ଷ୍ୟଭେଦି ଆକ୍ରମଣ କରି ୨୨ ମିନିଟ ମଧ୍ୟରେ ସଫଳତା ପାଇଥିଲେ। ଭାରତ ପ୍ରମାଣ କରିଦେଇଛି ଯେ କୌଣସି ପରମାଣୁ ବ୍ଲାକମେଲିଂ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କର ଅନେକ ବାୟୁସେନା ଘାଟୀ ଏବେ ଆଇସିୟୁରେ ରହିଛି। ଏହା ଥିଲା ଟେକନୋଲୋଜି ଭିତ୍ତିକ ଯୁଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଥିପାଇଁ ପ୍ରସ୍ତୁତ କରିନଥିଲେ, ପାକିସ୍ତାନର ଏଭଳି ଅକଳ୍ପନୀୟ କ୍ଷତି ହୋଇନଥାଆନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହାପୂର୍ବରୁ ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ମୁକାବିଲା କରିବାରେ ଭାରତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିଲା। ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିବା ଲାଗି ଭାରତୀୟ ବାୟୁସେନାକୁ ପଠାଯାଇଥିଲା, କିନ୍ତୁ ପାଇଲଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ। ଏହି କାରଣରୁ ଭାରତକୁ କିଛି ଜେଟ୍ ହରାଇବାକୁ ପଡ଼ିଲା। ଏହା ନିଜେ ଭାରତୀୟ ସାମରିକ ଅଧିକାରୀ ସ୍ୱୀକାର କରିଛନ୍ତି। ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ସଫଳତା ହାସଲ କରୁଥିବା ବେଳେ କଣ ପାଇଁ ଯୁଦ୍ଧବିରତି କରାଗଲା ବୋଲି ପ୍ରଶ୍ନ ଉଠାଇ ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୯ ଥର କହିଲେଣି ଯେ ତାଙ୍କ ଯୋଗୁଁ ଯୁଦ୍ଧବିରତି ହୋଇଛି। ଯଦି ଟ୍ରମ୍ପ ମିଛ କହୁଛନ୍ତି, ତାହେଲେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ମିଛୁଆ କାହିଁକି କହୁ ନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ରାଜନାଥ ସିଂହଙ୍କ ତୁଳନାକୁ ବିରୋଧ କରି ରାହୁଲ କହିଲେ ଯେ ବାଂଲାଦେଶ ଯୁଦ୍ଧ ବେଳେ ପାକିସ୍ତାନର ବିଭାଜନକୁ ବିରୋଧ କରିବା ଲାଗି ଆମେରିକା ଏହାର ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ପଠାଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଖାତିର ନକରି ପାକିସ୍ତାନକୁ ଦୁଇ ଭାଗ କରାଇଥିଲେ। ସେଭଳି ଇଚ୍ଛାଶକ୍ତି ଅପରେସନ ସିନ୍ଦୂର ବେଳେ ନଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଲେ ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଲା। ଏଥିପାଇଁ କେହି ନିଜ ଉପରକୁ ଦୋଷ ନେଉ ନାହାନ୍ତି କାହିଁକି। ନେହରୁ, ଇନ୍ଦିରା ଓ ସୋନିଆଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କାହିଁକି ହେଲା, ସେସଂପର୍କରେ କାହିଁକି ନିରବ ରହିଲେ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାର୍ଗେଟ କରିଥିଲେ। ପହଲଗାମ ଆକ୍ରମଣରେ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି ବୋଲି ଉଲ୍ଲେଖ କରି ଶାହ କହିଲେ ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ, ଏହାର ପ୍ରମାଣ ଆମ ପାଖରେ ରହିଛି। ପହଲଗାମ ଆକ୍ରମଣରେ ସଂପୃକ୍ତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେ କହିଲେ ଯେ ଭାରତର ବିଭାଜନକୁ କଂଗ୍ରେସ ବିରୋଧ କରିଥିଲେ ଯେ ଆଜି ଆତଙ୍କବାଦୀ ହିଂସା ହୋଇନଥାଆନ୍ତା। ୧୯୪୮ରେ ପାକ୍ ଅଧିକୃତ କଶ୍ମୀରକୁ ପୁଣି ଦଖଲ କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ବେଳେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏକତରଫା ଅସ୍ତ୍ରବିରତି ଘୋଷଣା କରିଥିଲେ। ସେହିଭଳି ୧୯୭୧ରେ ପାକିସ୍ତାନର ୯୩ ହଜାର ସୈନ୍ୟ ଆତ୍ମସମର୍ପଣ କରିଥିଲେ ଏବଂ ପାକିସ୍ତାନର ୧୫ ହଜାର ବର୍ଗକିଲୋମିଟର ଭାରତର କବ୍ଜାରେ ଥିଲା। ତଥାପି ପାକ୍ ଅଧିକୃତ କଶ୍ମୀର ଦଖଲ କରାଗଲା ନାହିଁ। ସେ କହିଲେ ଯେ ୨୦୦୫ରୁ ୨୦୧୧ ମଧ୍ୟରେ ଭାରତରେ ୨୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କିନ୍ତୁ ଏହାର ମୁକାବିଲା ଲାଗି ସେତେବେଳେ କଂଗ୍ରେସ ସରକାର କଣ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

ସେହିଭଳି ରାଜ୍ୟସଭାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନା ଆରମ୍ଭ କରି ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଠିକଣା ଜବାବ ଦିଆଯାଇଥିବା କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ କାହା ଚାପରେ ଅସ୍ତ୍ରବିରତି ପାଇଁ ଭାରତ ସରକାର ରାଜି ହେଲେ? ଗୃହରେ ଆସନ୍ତାକାଲି ମଧ୍ୟ ଆଲୋଚନା ଜାରି ରହିବ।

## ବ୍ୟାଙ୍କରେ ୬୭ ହଜାର...

ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ଏବଂ କାନାରା ବ୍ୟାଙ୍କ ୬୨୭୮.୧୪ କୋଟି ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ରହିଛି। ସେ କହିଛନ୍ତି ଯେ ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ୨୦୬୩.୪୫ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଏହା ପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧୬୦୯.୫୬ କୋଟି ଟଙ୍କାର ଅଘୋଷିତ ଜମା ଅଛି ଏବଂ ଆକ୍ସିସ୍ ବ୍ୟାଙ୍କରେ ୧୩୬୦.୧୬ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଦାବି ନ ଥିବା ଜମା ରାଶି ପର୍ଯ୍ୟନ୍ତ ପ୍ରବେଶ ବୃଦ୍ଧି କରିବା ଏବଂ ସନ୍ଧାନ ପ୍ରକ୍ରିୟାକୁ ସରଳ କରିବା ପାଇଁ, ଆର୍‌ବିଆଇ ଜନସାଧାରଣଙ୍କ ପାଇଁ ଏକ କେନ୍ଦ୍ରୀୟ ୱେବ୍ ପୋର୍ଟାଲ୍ 'ଉଦ୍‌ଗମ୍' ଆରମ୍ଭ କରିଛି। ଉକ୍ତ ପୋର୍ଟାଲ୍ ପଞ୍ଜିକୃତ ଉପଭୋକ୍ତାମାନଙ୍କୁ ଏକାଧିକ ବ୍ୟାଙ୍କରେ କେନ୍ଦ୍ରୀୟ ଭାବରେ ଏକ ସ୍ଥାନରେ ଅଘୋଷିତ ଜମା/ରାଶି ପରିମାଣ ଖୋଜିବାର ସୁବିଧା ପ୍ରଦାନ କରେ।

## କେଉଁଠି ରଖିବେ...

ଆଲୋଚନା କରିବା ସହ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ଓ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ବଳକା ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫସିଆଇର ମନମାନିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ଫେରାଦ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ପରୋକ୍ଷରେ ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ତଥା ଏଫସିଆଇର ମନମାନି କାରଣରୁ ରାଜ୍ୟ ସରକାର ଦୋଛକିରେ ପଡ଼ିଛନ୍ତି। ଇନପୁଟ ସବସିଡି ସହ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କରିବା ପରେ ସରକାରଙ୍କୁ ଧାନ ବିକିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଯୋଗୁଁ ଗତ ଖରିଫରେ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ସରକାର ଦାବି କରିଥିଲେ। ମାତ୍ର ଏବେ ଏଫସିଆଇ ଚାଉଳ ଉଠାଉ ନଥିବାରୁ ଆସନ୍ତା ଖରିଫରେ ଚାଷୀଙ୍କଠାରୁ ଧାନ କିଣି ସରକାର କଣ କିଣିବେ, ସେନେଇ ଚିନ୍ତା ପ୍ରକାଶ ପାଇଲାଣି। ଅତଏବ ଚାଷୀଙ୍କ ଠାରୁ କମ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ, ଇ-କେୱାଇସି ପରି ଜଟିଳ ପନ୍ଥା ଆପଣେଇଛନ୍ତି ବୋଲି ଚାଷୀ ନେତାଏ ସନ୍ଦେହ ପ୍ରକାଶ କରୁଛନ୍ତି। ଅତୀତରେ ବିଜେଡି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲା, ଦଳୀୟ ସାଂସଦମାନେ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ମାତ୍ର ଏବେ ରାଜ୍ୟରୁ ନିର୍ବାଚିତ ୨୦ ସାଂସଦ ଏହି ପ୍ରସଙ୍ଗକୁ ନେଇ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳର ସାଂସଦମାନେ ଏହାକୁ ସଂସଦରେ କାହିଁକି ଉଠାଉ ନାହାନ୍ତି ବୋଲି ରାଜ୍ୟର ଚାଷୀମାନେ ପ୍ରଶ୍ନ କରିଛନ୍ତି।

## ଚଷମାରେ ଗୁପ୍ତ...

ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ଗଜପତି ନଗରର ଜଣେ ଯୁବକ ଚଷମାରେ ଗୁପ୍ତ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିର ଭିତରେ ବୁଲୁଥିଲେ। ତେବେ ସେ ଫଟୋ କ୍ୟାପ୍‌ଚର କରୁଥିବା ପୁଲିସର ସନ୍ଦେହ ହୋଇଥିଲା। ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇବା ପରେ ସିଂହଦ୍ୱାର ଥାନାକୁ ଆଣିଥିଲା। ସେଠାରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଚଷମାକୁ ଯାଞ୍ଚ କରାଯାଇଥିଲା। ସେଥିରେ ଫଟୋ କ୍ୟାପ୍‌ଚର କରିଛନ୍ତି କି ନାହିଁ, ସେନେଇ ଖୋଳତାଡ଼ କରିଥିଲା ପୁଲିସ। ଯୁବକଜଣଙ୍କ ଅଣ୍ଡରଟେକିଂ ଲେଖି ଦେବା ପରେ ପୁଲିସ ତାଙ୍କୁ ଛାଡ଼ିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ସେହି ଗୁପ୍ତ କ୍ୟାମେରାରେ ସେ ଶ୍ରୀମନ୍ଦିରର ଫଟୋ ଉଠାଇଛନ୍ତି ନା ନାହିଁ? ଏ ସଂକ୍ରାନ୍ତରେ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯୁବକଙ୍କୁ ଛାଡ଼ି ଦିଆଯିବା ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ନୂତନ ଜିଲ୍ଲାପାଳ ଦେବ ଜ୍ୟୋତି ପରିଡ଼ାଙ୍କ ସହିତ ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଏଏସ୍‌ଆଇ ସୋସିଆଲ ମିଡିଆ ପେଜ୍‌ରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ଭିଆଇପି ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଏବଂ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ, ମନ୍ଦିର ପ୍ରଶାସନ ନେଇପାରିବେ। ଏହାସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

## ବିମାନବନ୍ଦରରୁ ୩୦ କୋଟିର...

ତିନି ଜଣ ଅଭିଯୁକ୍ତ ନିୟମିତ ଭାବେ ବ୍ୟାଙ୍କକରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ କରନ୍ତି। ପୂର୍ବରୁ ସେମାନେ ଚାଲାଣ କରିଥିବା କଷ୍ଟମ ବିଭାଗ ଆଗରେ କହିଛନ୍ତି। ତେଣୁ ସେମାନେ ବ୍ୟାଙ୍କକରୁ ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ମାରିଜୁଆନା ଆଣିଥିବା ଖବର କଷ୍ଟମ ବିଭାଗ ଆଗୁଆ ଖବର ପାଇଯାଇଥିଲା। ଏହି ଯାତ୍ରୀ ବିମାନରୁ ଓହ୍ଲାଇବା ପୂର୍ବରୁ କଷ୍ଟମ ବିଭାଗର ଅଧିକାରୀମାନେ ଜଗି ରହିଥିଲେ। ସେମାନେ ବିମାନରୁ ଓହ୍ଲାଇ ବାହାରକୁ ଆସୁଥିବା ସମୟରେ ସେମାନଙ୍କୁ ଅଟକ ରଖି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବ୍ୟାଗ୍ ଯାଞ୍ଚ କରିବା ପରେ ୩୦ କିଲୋ ମାରିଜୁଆନା ମିଳିଥିଲା। ଏହାପରେ କଷ୍ଟମ ବିଭାଗ ତିନି ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ। ଏହି ୩୦କୋଟିର ମାରିଜୁଆନା କୁଆଡେ ଯାଉଥିଲା ? ଭୁବନେଶ୍ୱରର କିଏ ଏହି ତିନି ଜଣଙ୍କ ଠାରୁ ମାରିଜୁଆନା ନେଉଛନ୍ତି? ଏହି ରାକେଟ୍ ର ମାଷ୍ଟରମାଇଣ୍ଡ କିଏ? ଅନ୍ୟ କେଉଁ ସବୁ ରାଜ୍ୟକୁ ଚାଲାଣ କରିଛନ୍ତି? ସେନେଇ ପଚରାଉଚରା କରୁଛି କଷ୍ଟମ ବିଭାଗ। ପୂର୍ବରୁ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦରରୁ ତିନି ଥର ୧୦୦କୋଟିର ମାରିଜୁଆନା ଧରାପଡ଼ିଥିଲା। ବିଦେଶରୁ ଏଭଳି ବାରମ୍ବାର ମାରିଜୁଆନା ଭୁବନେଶ୍ୱର ଆସୁଥିବାରୁ ରାଜଧାନୀ ନିଶାରେ କବଳିତ ହୋଇଗଲାଣି ବୋଲି କୁହାଯାଉଛି।

## ତୁରନ୍ତ କାର୍ଯ୍ୟାନୁଷ୍ଠାନ...

ଓଡ଼ିଶା ଟ୍ରାଫିକ ନିୟମ ଅନୁସାରେ ବିନା ହେଲମେଟରେ ବାଇକ୍ ଚଳାଇଲେ ଚାଳକଙ୍କଠାରୁ ଅନ୍ୟୂନ ୧ ହଜାର ଟଙ୍କା ଜୋରିମାନା ଆଦାୟର ବ୍ୟବସ୍ଥା ରହିଛି। ମନ୍ତ୍ରୀ ଓ ତାଙ୍କ ସହଯୋଗୀମାନେ ଶହଶହ ବାଇକ୍‌ରେ ଶୋଭାଯାତ୍ରା କରିଥିବାବେଳେ କେହି ଜଣେ ମଧ୍ୟ ହେଲ୍‌ମେଟ୍ ପିନ୍ଧି ନ ଥିବା ଭିଡ଼ିଓରେ ଦେଖାଯାଇଛି। ତେଣୁ କେବଳ ମନ୍ତ୍ରୀଙ୍କଠାରୁ ଜୋରିମାନା ଆଦାୟ ହେବ ନା ତାଙ୍କର ସମସ୍ତ ଅନୁଗତମାନେ ଜୋରିମାନା ଦେବେ ତାହା ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷରେ ଶୋଭାଯାତ୍ରାରେ ମନ୍ତ୍ରୀ ଓ ଅନ୍ୟମାନେ ଯେଉଁ ବାଇକ୍‌ରେ ଯାଇଥିଲେ ତହିଁରୁ ଅଧିକାଂଶ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ରର ଅବଧି ମଧ୍ୟ ଶେଷ ହୋଇଥିବା ଅଭିଯୋଗ ହୋଇଛି। ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଏଥିପାଇଁ ଅଲଗା ଭାବରେ ଜୋରିମାନା ଆଦାୟର ପ୍ରାବଧାନ ଥିବାରୁ ଏବେ ମନ୍ତ୍ରୀ ଓ ତାଙ୍କ ସହଯୋଗୀଙ୍କଠାରୁ ଏହାକୁ ଆଦାୟ କରାଯିବ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପରେ ଗୃହ ବିଭାଗ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଆସୁଥିବା ଅଭିଯୋଗଗୁଡ଼ିକର ସମାଧାନ ଉପରେ ବେଶ୍ ତତ୍ପରତା ପ୍ରଦର୍ଶନ କରୁଛି। ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ତାଙ୍କ ପ୍ରତି ହୋଇଥିବା ଅବିଚାର ସମ୍ପର୍କରେ 'ଏକ୍ସ'ରେ ଉଲ୍ଲେଖ କରି ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀଙ୍କୁ ଟ୍ୟାଗ କରିଥିଲେ। ମାତ୍ର ଏହାପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ ଓ ଶେଷରେ ସେ ଆତ୍ମାହୁତି ଦେଲେ। ଏହାପରେ ରାଜ୍ୟ ସରକାର ଓ ଗୃହ ବିଭାଗ 'ଏକ୍ସ'ରେ ଆସୁଥିବା ଅଭିଯୋଗଗୁଡ଼ିକୁ ତନ୍ନତନ୍ନ ଯାଞ୍ଚ କରିବା ଆରମ୍ଭ କରିଛି। ବିଭିନ୍ନ ବ୍ୟକ୍ତିବିଶେଷ କରୁଥିବା ଅଭିଯୋଗ ଓ ଆପତ୍ତିକୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ତାଙ୍କର ଶତାଧିକ ଅନୁଗାମୀଙ୍କ ନିୟମ ଭଙ୍ଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶକୁ ଡ଼ିଜିପି କେବେ କାର୍ଯ୍ୟକାରୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

# ଦିଲ୍ଲୀରେ ଶ୍ରୀ ଜଗନ୍ନାଥ ଚେତନା ସମ୍ମିଳନୀ ନଭେମ୍ବର ୮ରୁ

କଟକ,୨୯।୭(ସମିସ): ମହାପ୍ରଭୁ ଜଗନ୍ନାଥଙ୍କ ଚେତନା ହିଁ ବିଶ୍ୱ ଚେତନା। ତେଣୁ ବିଶ୍ୱର କୋଣ ଅନୁକୋଣରେ ଥିବା ଜଗନ୍ନାଥ ଭକ୍ତମାନଙ୍କୁ ନେଇ ଆସନ୍ତା ନଭେମ୍ବର ୮, ୯ ଓ ୧୦ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ହେବ ବିଶ୍ୱ ଶ୍ରୀଜଗନ୍ନାଥ ଚେତନା ସମ୍ମିଳନୀ। ଏ ନେଇ ଦିଲ୍ଲୀ ତ୍ୟାଗରାଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀର ସଂଗଠକ ଇଂ ହୃଷୀକେଶ ସେଠୀଙ୍କ ପୌରୋହିତ୍ୟରେ ବିଶ୍ୱ ଜଗନ୍ନାଥ ଚେତନା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଚାରଣ ଗୋଷ୍ଠୀ ପୁରୀରୁ ଦଳପତି ଡ. ଶରତ ପାତ୍ର, ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁ, ଉପଦେଷ୍ଟା ଲିଙ୍ଗରାଜ ପତି, ସଂଗଠନ ସମ୍ପାଦକ ବଂଶୀଧର ପରିଡ଼ା, ସଂଗଠକ ପ୍ରଫୁଲ୍ଲ ସାହୁ ଏବଂ ଦିଲ୍ଲୀର ବିଭିନ୍ନ ସଂଗଠନର ମୁରବୀମାନେ ଯୋଗ ଦେଇଥିଲେ। ଆଲୋଚନାରେ ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଦିଲ୍ଲୀ ଛତାରପୁର କାତ୍ୟାୟନୀ ମଣ୍ଡପରେ ଏହି ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭାରତ ସମେତ ବିଶ୍ୱର ପ୍ରାୟ ୪୯ଟି ଦେଶର ଭକ୍ତ ସନ୍ଥ, ଚାରଣ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ସ୍ଥିର ହୋଇଛି। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ଓ ଲୋକସଭା ସାଂସଦ ବଳଭଦ୍ର ମାଝୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ବେଳେ ଡ. ରବୀନ୍ଦ୍ର ଜେନା, ରାକେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୭ ଜଣ ପୁଲିସ ଏଏସ୍‌ଆଇଙ୍କ ବଦଳି

କଟକ,୨୯।୭(ସମିସ): ରାଜ୍ୟ ପୁଲିସର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୩୭ଜଣ ଏଏସଆଇଙ୍କୁ ବଦଳି ସହ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହିକ୍ରମରେ ସର୍ବାଧିକ ୭ଜଣଙ୍କୁ ପୁଲିସ କମିସନରେଟ୍‌କୁ ବଦଳି କରାଯାଇଥିବା ଜଣାପଡ଼ିଛି।

"e" Tender Notice — i-248
PANCHAYAT SAMITI, BALIANTA
E-mail- ori-balianta@nic.in
No.2696/ Date 28.07.2025
DETAIL TENDER CALL NOTICE NO. 02/PSB/2025-26
1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding: 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification: 16.08.2025 up to 5.00 P.M.
6. Date & time of opening of Tender: 18.08.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)
Block Development Officer
Balianta
OIPR-19265/11/0007/2526

IDBI BANK
ଆଇଡିବିଆଇ ବ୍ୟାଙ୍କ୍ ଲିଃ.
ଖଣ୍ଡଗିରି ଶାଖା, ଭୁବନେଶ୍ୱର, ପିନ୍-୭୫୧୦୩୦
CIN: L65190MH2004GOI148838
ସର୍ବସାଧାରଣ ନୋଟିସ୍
ଆମେ ମେସର୍ସ ମା ସି ଫିସ୍ ଟ୍ରେଡିଙ୍ଗ୍ ଆଣ୍ଡ୍ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଗୁରୁ ଏବଂଏବଂ ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଷମା ରାଣୀ ଗୁରୁଙ୍କ ଏନ୍‌ପିଏ (NPA) ଋଣ ଆକାଉଣ୍ଟ ନିମନ୍ତେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୯/୧୧୧୩, ଖାତା ନଂ.: ୬୭, ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଅରୁଣୋଦୟ ନଗର, ୟୁନିଟ୍-୩୮, ତହସିଲ/ଏସଆରଓ: କଟକ, ଥାନା: ମଧୁପାଟଣା, ଥାନା ନଂ.: ୫, ଜିଲ୍ଲା: କଟକ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅଶୋକ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ବିରା ଗୁରୁ ଏବଂ ପଶ୍ଚିମ: ନାରାୟଣ ଗୁରୁ ତାହାକୁ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧାଙ୍କ ଆଦେଶ ପ୍ରାପ୍ତ କରି କଟକ ପୋଲିସ୍‌ଙ୍କ ସହାୟତାରେ ତା.୧୮.୦୫.୨୦୨୨ରିଖରେ ଭୌତିକ (Physical) ଦଖଲ ନେଇଛୁ। ଉପର ଦର୍ଶିତ ଗୃହରେ କିଛି ଘରୋଇ ବ୍ୟବହୃତ ଦ୍ରବ୍ୟ ଥିବାର ଆମ ଦୃଷ୍ଟିକୁ ଆସିଛି ଏବଂ ଆମେ ସଂପୃକ୍ତ ପକ୍ଷମାନଙ୍କୁ ସେଗୁଡିକୁ ନେଇଯିବାକୁ ଜଣାଇ ଦେଇଥିଲୁ କିନ୍ତୁ ସଂପୃକ୍ତ ପକ୍ଷମାନେ କିମ୍ବା ସେମାନଙ୍କର ପ୍ରତିନିଧି ବର୍ତ୍ତମାନ ସୁଦ୍ଧା ଉକ୍ତ ଦ୍ରବ୍ୟଗୁଡିକୁ ନେଇ ନାହାଁନ୍ତି। ତେଣୁ ଆମେ ସଂପୃକ୍ତ ପକ୍ଷମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଉପର ଦର୍ଶିତ ଗୃହରୁ ସେମାନଙ୍କର ଦ୍ରବ୍ୟଗୁଡିକୁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ନିଅନ୍ତୁ ଅନ୍ୟଥା କୌଣସି ଦାବୀ ପକ୍ଷମାନଙ୍କ ତରଫରୁ ନାହିଁ ବୋଲି ବ୍ୟାଙ୍କ ବିବେଚନା କରିବ ଏବଂ ଆଇନ ଅନୁସାରେ ଉକ୍ତ ଦ୍ରବ୍ୟଗୁଡିକର ଫଏସଲା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।
କ୍ଷମତାପ୍ରାପ୍ତ ଅଧିକାରୀ

O-488
Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-serwnpr@rediffmail.com
Letter No. 4144 — Date 21.07.2025
e-Procurement Notice
Name of the work :- Building Works
Total No. of works :- 29 (Twenty Nine) No's.
Approx. Estimated Cost :- Rs. 2.54 lakhs to Rs. 08.47 lakhs
Class of Contractor :- "C" & "D" Class Contractor
Period of completion :- 02 (Two) Calender Month

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP – Online -04/2025-26 | 29 (Twenty Nine) No's. | 01.08.2025 at 10.00 AM | 11.08.2025 up to 03.00 PM | 12.08.2025 at 11.00 AM | |

For Details can be seen from the Government website www.tendersorissa.gov.in
Superintending Engineer
Rural Works Division-I, Nabarangpur
OIPR-25092/11/0019/2526

O-508
e-mail – serwsbd2003@yahoo.com
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
No. 2647 — Dt. 28.07.2025
1st corrigendum
In continuation to this office Bid Identification No- CCERWCSBD Online-07/2025-26 invited vide this office Notice No.2306 Dtd. 03.07.2025, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 10.07.2025 at 11.00 AM to 30.07.2025 up to 5.00 Pm | Extended up to 14.08.2025 5.00 Pm |
| 2 | Date and Time of seeking tender clarification if any | 29.07.2025 up to 2.00 PM | 13.08.2025 up to 2.00 PM |
| 3 | Date & Time of opening of tender (Technical Bid) | 31.07.2025 at 11.00 AM | 16.08.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

* Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately) is revised as Varies from Rs.70.33 Lakhs to Rs.299.10 Lakhs (Approximately).
All other terms and conditions will remain unaltered.
Chief Construction Engineer,
Rural Works Circle, Sunabeda
OIPR-25182/11/0068/2526

C-748
GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: -eephd.rgda.od@od.gov.in,eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dtd.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com
❖ Further details can be seen from the e-Procurement portal "https://www.tendersorissa.gov.in".
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
Executive Engineer,
P.H. Division, Rayagda
OIPR-13052/11/0031/2526

AFFIDAVIT
I, Pradeep Jena, S/o-Dayanidhi Jena, Resident of At-Rahangiria, PO-Biraharekrushnapur, PS-Puri Sadar, Dist-Puri, Odisha 752002, declare by the affidavit No.417 dtd.-23/07/2025 that now onwards I shall be known as PRADIP KUMAR JENA for all future purposes.

AFFIDAVIT
I, Joyti Ranjan Sharma, S/o-Chandrika Sharma, resident of Bharatpur Plot No - 1729, Khandagarigi, Khordha, Odisha 751003, declare by the affidavit No.22088 dtd.- 16/08/2019 that now onwards I shall be known as "Jyoti Ranjan Sharma" for all future purposes.

AFFIDAVIT
By virtue of an affidavit sworn before the Executive Magistrate, At-Narasinghpur, dated- 28.07.2025. I, Bisarada Sahoo of Village - Hinjalkhal, Po-Zillinda, Ps-Jodum, Dist-Cuttack declare that I have changed the name of my minor Daughter name from Dipanjali Sahoo to Dipa Sahoo. Henceforth, she shall be known as Dipa Sahoo for all purposes.

AFFIDAVIT
I, Purnachandra Nayak Sunksal, S/o Pranabandhu Nayak, resident of Village at - Kunchi, Kurvenagar, Gulli No-8, Behind Kalina church santacruz east Mumbai, Moharastra, Pin - 400029 declare by this affidavit No-7538, dtd. 28.07.2025 that now onwards I shall be known as PURNACHANDRA NAYAK for all future purposes.
Sd- PURNACHANDRA NAYAK

AFFIDAVIT
By virtue of an affidavit before Executive Magistrate, Bargarh, bearing affidavit no.- 170 dtd. 30.5.2025, I Smt. Astami Bishi, W/o- Sri Saroj Kumar Bishi, resident of Vill.- Katurkata, Po.- Vijayapalli, Via- Tulandi, Ps.- Tahasil- Barpali, Dist.- Bargarh state that, my daughter's actual name Smita Rani Bishi, D.O.B-13/01/2017, but in her Aadhaar Card her name has been wrongly mentioned as Sweta Rani Bishi. henceforth she will be known as Smita Rani Bishi for all purposes.

AFFIDAVIT
I, Sayed Abdullah Shamsher, S/o- Sayed Ale Murtaza, Resident of At-Azad Mohalla, Nala Road, Rourkela, Dist- Sundargarh, Pin-769001, Odisha declare by this Affidavit No. 91, Dated 28.07.2025, that now onwards I shall be known as SAYED ABDULLAH SHAMSHER MURTAZA for all future purposes.

CHANGE OF NAME
By virtue of an affidavit before Executive Magistrate, Khordha, bearing affidavit no.1493, dtd.30.05.2025, I Radharani Dalei, W/o-Narayan Dalei, resident of Vill./Po.- Badatota, Ps.- Jatni, Dist.- Khordha, Odisha, Pin-752050 state that, I have changed my minor son's name from Suresh Dalei to Suraj Dalei. Henceforth he will be knwn as Suraj Dalei for all future purposes.

AFFIDAVIT
I, RUBITA PARIDA, D/o-Ramesh Chandra Parida, At- Singhol, Po-Khalarda, P.s- Cuttack Sadar, Dist- Cuttack, Pin -753011, Odisha declared by this affidavit No. 7942, dated 28/07/25 that now onwards I shall be known as Rubita Parida for all future purposes.

AFFIDAVIT
I, Priya Purnachandra Nayak, W/o Purnachandra Nayak, resident of Village at - Bania, Po- Aruha, Ps- Basudevpur, Dist- Bhadrak, Odisha, Pin - 756168 declare by this affidavit No- 7537, dtd. 28.07.2025 that now onwards I shall be known as PRIYA NAYAK for all future purposes.
Sd- PRIYA NAYAK

ପୂର୍ବ ତଟ ରେଳପଥ
ଫାଇଲ ନଂ.DRM/Engg/KUR/25-26/E-Tender/48,ତା.24.07.2025ରିଖ
(1) ଟେଣ୍ଡର ନଂ.eTender-EastKUR-169-2025,ତା.17.07.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ଲାଇନଗୁଡ଼ିକରେ 3.675 କି.ମି. ନିମନ୍ତେ TRR(S) ଏବଂ 4.46 କି.ମି. ଲାଇ. ନିମନ୍ତେ CTR(S) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 188.53 ଲକ୍ଷ, EMD (ଟଙ୍କାରେ) : 2,44,300/-।
(2) ଟେଣ୍ଡର ନଂ.eTender-SouthKUR-168-2025,ତା.17.07.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର-ପଲାସା ସେକ୍ସନର ବିଭିନ୍ନ ଲାଇନଗୁଡ଼ିକରେ 5.337 କି.ମି. ଲାଇ. ନିମନ୍ତେ CTR(S) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 172.47 ଲକ୍ଷ, EMD (ଟଙ୍କାରେ) : 2,36,200/-।
(3) ଟେଣ୍ଡର ନଂ.e-TenderSouthKUR-167-2025,ତା.16.07.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଲୁଗାଁ ଏବଂ ଇଚ୍ଛାପୁରମ୍ ଠାରେ TRD କାରଖାନା ତଥା ମଡେଲ OHEକୁ ସ୍ଥାନ ଯୋଗାଇ ଦେବା ପାଇଁ OHE ଏବଂ PSI ଡିପୋଗୁଡ଼ିକର ଉନ୍ନତିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.14 ଲକ୍ଷ, EMD (ଟଙ୍କାରେ) : 2,35,100/-।
ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ତଥା 10 ମାସ(କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.08.2025 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କେବଳ ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରାଯିବ; ଅନ୍ୟ କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଯଦିଓ ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଡକ୍ୟୁମେଣ୍ଟ ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-409/Q/25-26

AFFIDAVIT
By virtue of an affidavit sworn before the Executive Magistrate, Athgarh, dated- 15.07.2025 I Laxmi Narayan Pattanayak of village- Radhadarsanpur, Po- Khuntakata Ps- Athagarh, Dist- Cuttack declare that I have changed the name of my minor Son name from Ram Narayan Pattanayak to Rama Narayan Pattanayak. Henceforth, he shall be known as Rama Narayan Pattanayak for all purposes.

NOTICE (FOR MINOR)
By virtue of an affidavit sworn before Executive Magistrate, Bhubaneswar, dated 21/07/2025, I, Shitipragyan Routray, Address: B1-111, G.A. Colony, Bharatpur, P.O.- Bharatpur, P.S.- Bharatpur, Bhubaneswar, Dist- Khordha, PIN- 751003, Odisha, declare that I have changed the name of my daughter from Vanshika Routray to Vanshika P Routray. Henceforth, she shall be known as Vanshika P Routray for all purposes.
Shitipragyan Routray

AFFIDAVIT
By virtue of an affidavit sworn before the Executive Magistrate, Ranapur, I Madhab Chandra Parida, aged 53 yrs, resident of Vill/Po- Gopalpur, Ps- Ranapur, Dist- Nayagarh, Odisha declared that my son name has been mentioned as Ritesh Parida in school record and my name has been mentioned as Madhab Parida in Adhar Card vide No: 9505 8804 4506 my son name has been mentioned as Hitesh Parida and my name has been mentioned as Nirmal Parida, My sons correct name is Ritesh Parida and my correct name is Madhab Chandra Parida. Henceforth both name Ritesh Parida and Hitesh Parida are same and one person and my correct name is Madhab Chandra Parida instead of Nirmal Parida, my son will be known as Ritesh Parida for all future purposes.
Madhab Chandra Parida

AFFIDAVIT
I, Shailendra Kumar Jain, aged about 51 years, S/o- Tek Chand Jain, resident of Main Road, Kantabanji, Po- Kantabanji, Ps- Kantabanji, Dist- Balangir, Odisha, Pin- 767039 declare by this affidavit No. 1491, dtd. 29/07/2025, that now onwards I shall be known as SAILENDRA JAIN for all future purposes

AFFIDAVIT
By virtue of an affidavit before The Notary Public, Titilagarh, on dated- 28/07/2025. I, Bijay Kumar Goel, aged about 54 years, S/o- Late Chamrulal Agrawal, permanent resident of At- Raghunathpada, Titilagarh, PO- Titilagarh, PS- Titilagarh, Dist- Balangir (Odisha) affirm that, my actual name is Bijay Kumar Goel, which has been reflected in the Aadhar Card vide No. 5843 0099 9477 and other relevant document, but in the School Certificate of my daughter namely Komal Goel deponent's name has been mentioned as Bijay Goel instead of Bijay Kumar Goel. Henceforth, both the names Bijay Goel and Bijay Kumar Goel is same and one person.
Bijay Kumar Goel

ଜମିପଟ୍ଟା ହଜିଛି
ମୁଁ ଶ୍ରୀ ପ୍ରତାପ ଗଡ଼ିଆ (୩୮) ,ପିତା - ନବୀନ ଚନ୍ଦ୍ର ଗଡ଼ିଆ , ଗ୍ରାମ - ଧୁତରା , ପୋ.-ଅର୍ଡା , ଥାନା-ଲଇକେରା , ଜିଲ୍ଲା - ଝାରସୁଗୁଡା ,ଓଡ଼ିଶାର ନିବାସୀ ଅଟେ । ମୁଁ ଗତ ତାରିଖ ୨୩ ଜୁଲାଇ ୨୦୨୫ , ବୁଧବାର ଦିନ ସକାଳ ୧୦ . ୩୦ ନିଜ ଗ୍ରାମ ଧୁତରାରୁ କିର୍ମିରାକୁ ଯାଉଥିବା ବେଳେ ନଂ.୨୪୭/୪୨୯୫ , ମୌଜା- ଝାରସୁଗୁଡା , ସତ୍ୟନଗର , ବାଲିଯୋରୀ, ୟୁନିଟ-୨ ନିଜସ୍ୱ ଜମିପଟ୍ଟାଟି ହଜି ଯାଇଛି । କେହି ସହୃଦୟ ବ୍ୟକ୍ତିଙ୍କ ନଜରରେ ଆସିଲେ ମୋ ମୋବାଇଲ ନଂ. ୭୫୪୦୯୪୩୪୬୪ ଯୋଗାଯୋଗ ପାଇଁ ଅନୁରୋଧ ।





ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାର ଅମୂଲ୍ୟ ସମ୍ପଦ ପ୍ରଦର୍ଶନ

# ପିଣ୍ଡି ପଡ଼ିଛି; ପ୍ରଦର୍ଶନୀ ପଥର ଗାଏବ୍




ଭୁବନେଶ୍ୱର, ୨୯।୭ (ସମିସ)

ନୂଆପଲ୍ଲୀସ୍ଥିତ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ବାହାରେ ପାଖାପାଖି ୨୫ଟି ପଥରକୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟାଳୟ ପରିସର ବାହାରେ ହିଁ ଛୋଟ ଛୋଟ ପିଣ୍ଡିରେ ଏହା ପ୍ରଦର୍ଶିତ ହେଉଥିଲା। ତା ସହ ଯେଉଁଠି ପଥର ସବୁ ରଖାଯାଇଥିଲା ତା' ପଛ କାନ୍ଥରେ ଭୂବିଜ୍ଞାନ ସମ୍ବନ୍ଧିତ ଅନେକ ତଥ୍ୟ ଲେଖାଥିଲା। ହେଲେ ବର୍ତ୍ତମାନର ଦୃଶ୍ୟ ଓଲଟା ଦେଖିବାକୁ ମିଳୁଛି। ନା ଆଉ ପଥର ଅଛି ନା ତା ପଛରେ ଥିବା କାନ୍ଥ ଚିତ୍ର। ପଡ଼ିରହିଛି କେବଳ ଶିଉଳି ଲଗା ପିଣ୍ଡି।

ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ, ଭୁବନେଶ୍ୱର ୟୁନିଟ୍ ନୂଆପଲ୍ଲୀ ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଥିଲା। ଯେଉଁ ମୂଲ୍ୟବାନ ପଥର ସବୁ ଓଡ଼ିଶାରେ ମିଳୁଛି ସେ ସବୁକୁ ଲୋକ ଜାଣିବା ପାଇଁ ୨୦୧୮ ମସିହାରେ ୨୫ଟି ପଥରକୁ ପ୍ରଦର୍ଶିତ କରିବା ପାଇଁ ରଖାଯାଇଥିଲା।




ଛୋଟ ଛୋଟ ପିଣ୍ଡିରେ ଏହାକୁ ପ୍ରଦର୍ଶିତ କରିବା ସହ ପିଣ୍ଡି ପଛ କାନ୍ଥରେ ଭୂବିଜ୍ଞାନ ସମ୍ବନ୍ଧିତ ଅନେକ ତଥ୍ୟ ଲେଖାଥିଲା। ଫଳରେ ଲୋକ ସେ ବିଷୟରେ ଅଧିକ ତଥ୍ୟ ଜାଣିବା ସହ ପରିବେଶକୁ ନେଇ ଅଧିକ ସଚେତନ ମଧ୍ୟ ହୋଇପାରିବାର ଲକ୍ଷ୍ୟ ରଖାଯାଇଥିଲା। ପରିବେଶ ଆମକୁ ମିଳୁଥିବା ଏହି ମୂଲ୍ୟବାନ ସମ୍ବଳର ଉପଯୋଗ ଏବଂ ଏଥିପ୍ରତି ସଚେତନତା ହି ଏହାର ଉଦ୍ଦେଶ୍ୟ ଥିଲା। ଏଥିରେ ମାଙ୍ଗାନିଜ, କ୍ରୋମାଇଟ୍, ଗ୍ରାଫାଇଟ୍, ବକ୍ସାଇଟ୍ ଆଦି ପଥର ଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ତେବେ ସେଥିରୁ ପରବର୍ତ୍ତୀ ସମୟରେ ଆଉ ମାତ୍ର ୪ଟି ପଥର ଦୃଶ୍ୟମାନ ହେଉଥିବାବେଳେ ଏବେ ଶିଉଳି ଲଗା ପିଣ୍ଡି ବ୍ୟତିତ ଆଉ କିଛି ଦେଖିବାକୁ ମିଳୁନି। ପୂର୍ବରୁ ଏ ସମ୍ପର୍କରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ, ଭୁବନେଶ୍ୱର ୟୁନିଟ୍‌ର ନିର୍ଦ୍ଦେଶକ କେ.ସି ଦାସ କହିଥିଲେ ପ୍ରଥମେ କିଛି ଦିନ ଏହା ଲୋକଙ୍କୁ ବେଶ୍ ଆକର୍ଷିତ କଲା। ହେଲେ ପରେ ପରେ ଲୋକଙ୍କ କାର୍ଯ୍ୟକଳାପ ଯୋଗୁଁ ଏହି ମୂଲ୍ୟବାନ ପଥର ସବୁ ଆକର୍ଷଣ ହରାଇବାକୁ ଲାଗିଲା। ପାନ ଛେପ ସହ ବିଭିନ୍ନ ଅଳିଆ ଆବର୍ଜନାରେ ପକାଇଲେ ଶେଷରେ ତାକୁ ଉଠାଇ ନେଇଗଲେ।

ବର୍ତ୍ତମାନ ସମୟରେ କୌଣସି ମଧ୍ୟ ପଥର ସେଠାରେ ଆଉ ଦେଖିବାକୁ ମିଳୁନି। ଏପରିକି କାନ୍ଥରେ ଚିତ୍ରିତ ସେହି ତଥ୍ୟଗୁଡିକୁ ବଦଳେଇ ଅନ୍ୟ ରଙ୍ଗ କରାଯାଇଛି। ବାକି ସେହି ପିଣ୍ଡିରେ ପଥର ଅନୁଯାୟୀ ଯେଉଁ ନାମ ଲେଖା ଯାଇଥିଲା ତାହା ମଧ୍ୟ ଶିଉଳି ମାଡି ଆଉ ଜଣା ପଡୁନି।

# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୯।୭ (ସମିସ): ସ୍ଥାନୀୟ କୃଷିଭବନ ଅଡିଟୋରିଅମଠାରେ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ୩୦ ଗୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ।

ଏଥିରେ ମାନ୍ୟବର ମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକ୍ଷମ ସମସ୍ତ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ କିସାନ କ୍ରେଡିଟ୍ କାର୍ଡ, ଭିତ୍ତିଭୂମି ବିକାଶ, ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ସବିଶେଷ ସମୀକ୍ଷା କରିଥିଲେ।

ରାଜ୍ୟରେ ଉନ୍ନତ ମାନର ଗୁଣାତ୍ମକ ଯାଆଁଳ ଉତ୍ପାଦନ ଓ ସଠିକ ସମୟରେ ମାଛ ଚାଷୀଙ୍କ ନିକଟରେ ଏହାର ଉପଲବ୍ଧତା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳକୃଷି ବୀମା ନିମନ୍ତେ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ରେଜିଷ୍ଟ୍ରେସନ ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା।

କଉଡ ମାଧ୍ୟମରେ ମାଛ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦରଖାସ୍ତ ସଂଗ୍ରହ କରି ବ୍ୟାଙ୍କ କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାମହରି ଓ ଲକ୍ଷ୍ମୀକାନ୍ତଙ୍କୁ 'ଗୁରୁ ଦକ୍ଷିଣା ସମ୍ମାନ'



ଭୁବନେଶ୍ୱର, ୨୯।୭ (ସମିସ): କଳାଶ୍ରଣ ସାଂସ୍କୃତିକ ଅନୁଷ୍ଠିତ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଦୁଇ ଦିନିଆ ଗୁରୁ ଦକ୍ଷିଣା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଅଶୋକ ତ୍ରିପାଠୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ଜେନା, ଓଡିଶୀ ନୃତ୍ୟ ଗୁରୁ ବିମ୍ବାଧର ଦାସ, ଓଡିଶୀ ନୃତ୍ୟ ଗୁରୁ ବିଜୟ ଦାସ, ଅମିତ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତର ଦୁଇ ଜଣ ସାଧକ ଗୁରୁ ରାମହରି ଓ ଲକ୍ଷ୍ମୀକାନ୍ତ ପାଲିତଙ୍କୁ 'ଗୁରୁ ଦକ୍ଷିଣା - ୨୦୨୫ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁଙ୍କୁ 'ସୃଜନଶୀଳ ପ୍ରତିବା ସମ୍ମାନ' ପ୍ରଦାନ କରାଯାଇଛି। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଇଂ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଭେଟିଲେ କେଭି ସିଂହଦେଓ

ଭୁବନେଶ୍ୱର, ୨୯।୭ (ସମିସ): କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେଭି ସିଂହଦେଓ ଆଜି ଦିଲ୍ଲୀରେ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଉଭୟଙ୍କ ଭିତରେ ଆଲୋଚନା ହୋଇଥିଲା।

**ଓଡ଼ିଶା ବିଦ୍ୟୁତ୍ ସୁଦୃଢ଼ କରିବା ଉପରେ ଆଲୋଚନା**

ବିଶେଷକରି ପୁନଃବିନ୍ୟାସ କ୍ଷେତ୍ର ଯୋଜନା ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଉପରେ ଆଲୋଚନା ହୋଇଥିଲା। ଏଥିସହ ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼ ଏବଂ ବନ୍ୟାର ସମ୍ମୁଖୀନ ହେଉଥିବାରୁ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମିଳିତ ଉପକୂଳ ଅଞ୍ଚଳରେ ଭୂତଳ କେବୁଲ ୩୦ କିଲୋମିଟର ସହିତ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରସ୍ତାବ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ତୁରନ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇଦେବାକୁ ଶ୍ରୀ ସିଂହଦେଓ ଅନୁରୋଧ କରିଛନ୍ତି।

# ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୯।୭ (ସମିସ): ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ଏଗାରତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ନେଜାତୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ପୁସ୍ତକ ଉନ୍ମୋଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୂତନ ସଭାପତି ଚୟନ ଆଦି ଅନ୍ତର୍ଭୁକ୍ତ ଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନ୍ମଥ କୁମାର ଦାସ, ଧିମାନ ଅଭିରାମ ମଲ୍ଲିକ, ଉପଷ୍ଟୋ ଧିମାନ ମୁକେଶ ସୁନା, ଶ୍ରୀପତୀ କୁମ୍ଭାର, ରାଜ୍ୟ ସଂଗଠକ ବିଭ୍ରାନ୍ତ ବିଶ୍ୱଜିତ, କବି ହେମନ୍ତ ଦଳପତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ଅନପା ମାରାଣ୍ଡି ଏବଂ ସାମାଜିକ କର୍ମୀ ଅନୁପମା ସେଠୀ, ମୂଳନିବାସୀ ସମତା ପରିଷଦର ସଭାପତି ବଖତର ଅଲ୍ଲୀ ତନବୀର ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ପରିଚାଳନା ରମାକାନ୍ତ ଜେନାଙ୍କ ଦ୍ୱାରା ଅତି ସୁନ୍ଦର ଭାବରେ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଜନବାଦୀ କବି ଚନ୍ଦନ ନାଗଙ୍କ କବିତା ସଂକଳନ 'ବାରନ୍' ଏବଂ ଅଭିରାମ ମଲ୍ଲିକଙ୍କ ଦ୍ୱାରା ରଚିତ ପୁସ୍ତକ 'ଫତିମା ଶେଖଙ୍କ ଜୀବନୀ' ଓ 'କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ' ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବରେ ବିଜୟ କୁମାର ଭୋଇଙ୍କୁ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ନୂତନ ସଭାପତି ଭାବେ ଚୟନ କରାଯାଇଥିଲା। ଏହି ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ସାଦରେ ଗ୍ରହଣ କରାଯାଇଥିଲା ଏବଂ ଶ୍ରୀ ଭୋଇଙ୍କ ନେତୃତ୍ୱରେ ସଂଗଠନର ଭବିଷ୍ୟତ କାର୍ଯ୍ୟକ୍ରମ ଅଧିକ ସଶକ୍ତ ହେବ ବୋଲି ଆଶା କରାଯାଉଛି। ସଞ୍ଜୟ ସାଗରିଆ, ଗୋପବନ୍ଧୁ ସିକା, ନରୋତ୍ତମ ମହାନନ୍ଦ, ଭାଗତ ଦାସ, ଅନିଲ୍ ଜେନା ଏବଂ ମନୋଜ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ'

ଭୁବନେଶ୍ୱର, ୨୯।୭ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳିତ ହୋଇଛି। ଚଳିତ ଥରର 'ଜନସାଧାରଣଙ୍କ ସହିତ ଉଦ୍ଭିଦକୁ ଯୋଡିବା, ବନ୍ୟପ୍ରାଣୀ ସଂରକ୍ଷଣରେ ଡିଜିଟାଲ୍ ଭିତ୍ତିକ ନବସୃଜନର ପ୍ରୟୋଗ' ବିଶ୍ୱସ୍ତରୀୟ ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆମ ଦୈନନ୍ଦିନ ଜୀବନରେ ଦେଖୁଥିବା କିଛି ଉଦ୍ଭିଦ ସେ ପ୍ରଦର୍ଶିତ କରବା ସହ ସେମାନଙ୍କର ଔଷଧୀୟ ଗୁଣାବଳି ଉପରେ ଅଲୋକପାତ କରିଥିଲେ। ଏହା ବ୍ୟତୀତ କୁଇଜ୍, ସ୍ଲୋଗାନ୍ ପ୍ରତିଯୋଗିତା, ପ୍ରକୃତିଭିତ୍ତିକ ବୃତ୍ତଚିତ୍ର ପ୍ରଦର୍ଶନ ଏବଂ ପ୍ରାକ-ଐତିହାସିକ ଜୀବ ଉଦ୍ୟାନରେ ଏକ ପ୍ରକୃତି ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଇଜ୍‌ରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବକ୍ତା ଡ. ପୁଷ୍ପାଞ୍ଜଳି ମିଶ୍ର ପୁରସ୍କୃତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ମୋଟ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଫେମିନା ୱିମେନ୍ ଆଚିଭର୍ସ ସମ୍ମାନ

# ମହିଳା ୱାର୍କଫୋର୍ସକୁ ସୋଆର ସମ୍ମାନ

ଭୁବନେଶ୍ୱର, ୨୯।୭ (ସମିସ): ଶନିବାର ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କଳା, ସାହିତ୍ୟ, ବିଜ୍ଞାନ, ଗବେଷଣା, ବ୍ୟବସାୟ, କ୍ରୀଡ଼ା, ଫେଶନ୍, ସାମାଜିକ ନେତୃତ୍ୱ, ସମାଜ ସେବା, ଚଳଚ୍ଚିତ୍ର, ସାମ୍ବାଦିକତା, ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଆଦ୍ୟାଶା ଶତପଥୀ, ଶ୍ରୁତି ମହାପାତ୍ର, ଶୁଭଦର୍ଶନୀ ମିଶ୍ରଙ୍କ ସମେତ ପ୍ରାୟ ୨୫ ଜଣ ମହିଳାଙ୍କୁ ଫେମିନା ଆଚିଭର୍ସ ସମ୍ମାନ ପ୍ରଦାନ କରାଯାଇଥିଲା।

ଏଥିରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏସ୍. ଏନ୍‌ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜ୍ୟାକ୍ ଅଲିଭଲ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ରାଜଶ୍ରୀ ଦାସ, ନିର୍ଦ୍ଦେଶିକା ତପତି ଦାସ, ଫେମିନାର ମ୍ୟାନେଜିଂ ଏଡିଟର ପ୍ରିମ୍‌ରୋଜ ମଣ୍ଟେରିଓ ଡି'ସୁଜା ତଥା ଟାଇମ୍ସ ଗ୍ରୁପର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ତଥା ରିଜିଓନାଲ୍ ହେଡ୍ (ଇଷ୍ଟ) ବିମାନ ଦତ୍ତ ପ୍ରମୁଖ ଅତିଥି ଓ ବଲିଉଡ୍ ଅଭିନେତା ଅମୋଲ୍ ପରାଶର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେଶିକ୍ଷାଓଅନୁସନ୍ଧାନ(ସୋଆ)ରମହିଳାୱର୍କଫୋର୍ସକୁଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅରୋଲିପି ଦାସ, ଇଂ ମନୋରମା ପରିଡ଼ା, ପୁଷ୍ପାଞ୍ଜଳୀ ରାଉତ୍, ମୀନତି ମିଶ୍ର, କମଳିନୀ ମଲ୍ଲିକ, ହନୀ ପଟ୍ଟନାୟକ, ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ପ୍ରଫେସର ସସ୍ମିତା ମହାନ୍ତି ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର



ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରଫେସର ରୁଚି ଭୂୟାଁ, ପ୍ରଫେସର ପ୍ରଭାତି ତ୍ରିପାଠୀ, ପ୍ରଫେସର ସସ୍ମିତା ଦାସ, ପ୍ରଫେସର ଦେବାହୁତି ମିଶ୍ର, ପ୍ରଫେସର ରେଣୁ ଶର୍ମା ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସୋଆ ପକ୍ଷରୁ ପ୍ରତିମା ରାଉତରାୟ, ଡକ୍ଟର ଜସ୍ମିନ ପଣ୍ଡା, ପ୍ରଫେସର ଏବଂ ସୋଆ ଆଲୁମିନାଇର ସଭାପତି ଡକ୍ଟର ସୁସ୍ମିତା ପଣ୍ଡାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ 'ଆଉଟଷ୍ଟାଣ୍ଡିଙ୍ଗ କଣ୍ଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଣ୍ଟ ଇନ୍ ଏଜୁକେସନ ଆଣ୍ଡ ହେଲ୍‌ଥ କେୟାର' ସମ୍ମାନ ପ୍ରଦାନ କରାଯାଇଥିଲା।

# ସାରସ୍ୱତ ସମାଜର ସାହିତ୍ୟ ଆସର

ଭୁବନେଶ୍ୱର, ୨୯।୭ (ସମିସ): ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ କବି ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସମାଜର ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଓ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର, ଅଧ୍ୟାପିକା ଡ. ସରୋଜିନୀ ପାଣି ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ କବି ଶୁଭ୍ରା ନନ୍ଦ ଏବଂ କବି ଭକ୍ତିଲତାଙ୍କ ସଞ୍ଚାଳନରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ କବି ରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ ଜଣଙ୍କୁ ମିଳିଲା ସନମାର୍ଗର 'ଉଦୟ ସମ୍ମାନ'

ଭୁବନେଶ୍ୱର, ୨୯।୭ (ସମିସ): ଦୈନିକ ଜାତୀୟ ହିନ୍ଦୀ ଖବର କାଗଜ ସନମାର୍ଗ ଭୁବନେଶ୍ୱର ସଂସ୍କରଣ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ଉଦୟ ସମ୍ମାନ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୧ଜଣ ବ୍ୟକ୍ତି ବିଶେଷଙ୍କୁ ଉଦୟ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ୩ଜଣଙ୍କୁ କରୱାଚଉଥ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ



ରାଷ୍ଟ୍ରଭାଷା ହିନ୍ଦୀ ଖବର କାଗଜ ଓଡ଼ିଶାରେ ସାମାଜିକ, ସାଂସ୍କୃତିକ, ଅର୍ଥନୀତି, ପର୍ଯ୍ୟଟନ, ମହିଳା ସଶକ୍ତୀକରଣ, ପରିବେଶ, ଆଦି ଅନେକ କ୍ଷେତ୍ରରେ ଅହରହ କାମ କରିଚାଲିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଧାନସଭା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ, ସରକାର ବଦଳିବା ପରେ ସମ୍ବାଦ ପତ୍ରର ସ୍ୱର ବଦଳିଯାଇଛି। ସାମ୍ବାଦିକମାନଙ୍କ କାମ ହେଲା ସତ୍ୟ, ନିର୍ଭିକ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ କରିବା। ଏହାଦ୍ୱାରା ସମାଜର ମଙ୍ଗଳ ହେବ ବୋଲି କହିଥିଲେ। ସମ୍ମାନିତ ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ ସମ୍ବାଦପତ୍ରର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିବା ବେଳେ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ୧୦% ଲୋକ ଖବର କାଗଜ ପଢୁଛନ୍ତି। ତେଣୁ ଖବର କାଗଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ବୋଲି ସେ କହିଥିଲେ। ସନମାର୍ଗର ସମ୍ପାଦକ ରାମକୃଷ୍ଣ ଖଣ୍ଡେଲୱାଲ ଅତିଥି ପରିଚୟ ଦେଇଥିବା ବେଳେ ସନମାର୍ଗ ଏଚ ଆର ରୁଚି ଖଣ୍ଡେଲୱାଲ ଧନ୍ୟବାଦ ଦେଇଥିଲେ। ସଭା ଓ ସମ୍ମାନ ପ୍ରଦାନ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ନାରୀ ନିର୍ଯାତନା ଘଟଣାରେ ବିଜେପି ମହିଳା ମୋର୍ଚ୍ଚା ଲୁଚୁଛି

# 'ନାରୀ ନ୍ୟାୟ ପାଇଁ ରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛି'


ଭୁବନେଶ୍ୱର, ୨୯।୭ (ସମିସ)

ଦୁଷ୍କର୍ମ ଏବଂ ନାରୀ ନିର୍ଯାତନାରେ ସାରା ଦେଶରେ ଚାଞ୍ଚଲ୍ୟ କରିଛି ଓଡ଼ିଶା। ଗୋପାଳପୁର, ମାଲକାନଗିରି, ଜଗତସିଂହପୁର ଦୁଷ୍କର୍ମ ରାଜ୍ୟକୁ ଲଜ୍ଜାରେ ପୋତି ଦେଇଛି। ଏବିଭିପିର ସଦସ୍ୟା ସୌମ୍ୟାଶ୍ରୀ ଘଟଣା, ବଳଙ୍ଗା ପୋଡ଼ି ଘଟଣା ଏହାର ସଦ୍ୟ ଉଦାହରଣ। କିନ୍ତୁ ଘୋର ଆଶ୍ଚର୍ଯ୍ୟର କଥା, ବିଜେପି ମହିଳା ମୋର୍ଚ୍ଚା ଏସବୁ ନିର୍ଯାତନା ଘଟଣାରେ ଲୁଚିଥିବା ବେଳେ ବର୍ତ୍ତମାନ ନାରୀ ନ୍ୟାୟ ପାଇଁ ରାଜରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଯେଉଁ ଦଳ ସରକାରରେ ଅଛି ବ୍ୟବସ୍ଥା ଦେଖୁଛି, ସେହି ଦଳର ମହିଳା ମୋର୍ଚ୍ଚା ଆଜି ରାଜରାସ୍ତାରେ ପ୍ରଦର୍ଶନ କରୁଛନ୍ତି। ବିଭିନ୍ନ ଟୀକା ଟିପ୍ପଣୀ ଦେଉଛନ୍ତି। ବିଜେପି ନିଛତାର ସୀମା ଲଙ୍ଘନ କରି ନିଜ ଦୋଷ ଘୋଡ଼ାଇବା ପାଇଁ ଆଜି ମହିଳାଙ୍କ ଆଶ୍ରୟ ନେବାକୁ ମଧ୍ୟ ପଛାଉନାହିଁ ବୋଲି ସେ କହିଛନ୍ତି।

ସେହିପରି ଦଳର ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ କହିଛନ୍ତି ଯେ ଆମେ ଆଜି କିଛି ଚୂଡ଼ି ନେଇକି ଆସିଛୁ। ଚୂଡ଼ି



ପିନ୍ଧିବା କେତେଯେ କଷ୍ଟ ସେମାନେ ହୃଦୟଙ୍ଗମ କରନ୍ତୁ। ସେମାନେ ଯଦି ଏହି କଷ୍ଟ ଜାଣିଥାନ୍ତେ, ତେବେ ସେମାନେ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ବେଳେ ଆଗକୁ ଆସିଥାନ୍ତେ, ଲୁଚି ନଥାନ୍ତେ। ବୋଧହୁଏ ବିଜେପି ମହିଳା ମୋର୍ଚ୍ଚା ନିଜ ସରକାରଙ୍କ ଉପରେ ଭରସା ନାହିଁ। ସେଥିପାଇଁ ରାଜରାସ୍ତାରେ ଆସି ହାସ୍ୟାସ୍ପଦ ବିରୋଧ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଛନ୍ତି। ମୁଖପାତ୍ର ଜୟଶ୍ରୀ ପାତ୍ର ତାଙ୍କ ବିବୃତ୍ତିରେ କହିଲେ ଯେ ବିଜେପି ସରକାରରେ ଅଛି। ହେଲେ ତାଙ୍କ ଦଳର ଲୋକ ରାଜରାସ୍ତାରେ ଚିତ୍କାର କରୁଛନ୍ତି। ଏହା ଆଶ୍ଚର୍ଯ୍ୟକର। ଠିକ ସେମିତି ମୁଖପାତ୍ର ଝୁନା କୁମାରୀ ବିଜେପି କେତେ ନିଚ୍ଚ ଏବଂ ଅସହିଷ୍ଣୁ ତା'ର ଉଦାହାରଣ ବାଣୀବିହାରରେ ଦେଖିବାକୁ ମିଳିଲା ବୋଲି ସେ କହିଛନ୍ତି। ସେଠାରେ ବିଜେପି ପୋଷ୍ଟର ନିଖୁଣ ଥିବା ବେଳେ ପାଖରେ ଲଗାଯାଇଥିବା ସୌମ୍ୟାଶ୍ରୀର ଶ୍ରଦ୍ଧାଞ୍ଜଳି ପୋଷ୍ଟର ଚିରାଯିବା ଘଟଣା ସମ୍ପର୍କରେ ସେ ସୂଚନା ଦେଇ ବିଜେପିକୁ ସମାଲୋଚନା କରିଛନ୍ତି।



### ପାଣି କାଦୁଅ ଘେରରେ ସହିଦନଗର

# ଖାଲଖମା ଭର୍ତ୍ତି ରାସ୍ତାରେ ଜମୁଛି ବର୍ଷାପାଣି

ଭୁବନେଶ୍ୱର, ୨୯।୭ (ସମିସ)



ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ଘରୁ ବାହାରିଲେ ପଚ ପଚ ପାଣି କାଦୁଅ। ଝିପିଝିପି ବର୍ଷାରେ ରାସ୍ତା ଉପରେ ପାଣି ଜମି ରହୁଥିବା ବେଳେ ପ୍ରବଳ ବର୍ଷା ସମୟରେ ନଦୀର ଭ୍ରମ ଦେଖିବାକୁ ମିଳୁଛି। ଫଳରେ ସ୍ଥାନୀୟ ଲୋକମାନେ ପଦାକୁ ବାହାରିବା ଅସମ୍ଭବ ହୋଇପଡୁଛି। ତଥାପି ବାଧ ହୋଇ ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଜୀବୀ ମାନେ। ଏଭଳି ଦୃଶ୍ୟ କୌଣସି ଗ୍ରାମାଞ୍ଚଳ କିମ୍ବା ଅପହଞ୍ଚ ଇଲାକାରେ ନୁହେଁ ବରଂ ଖୋଦ୍ ରାଜଧାନୀର ହାର୍ଟ କୁହାଯାଉଥିବା ସହିଦ ନଗରରେ ଦେଖିବାକୁ ମିଳିଛି। ବର୍ଷ ବର୍ଷ ଡ୍ରେନ୍‌ରେ ଆବର୍ଜନା ପକାଇବା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମହଙ୍ଗା ପଡ଼ିଛି।

ରାଜଧାନୀର ସବୁଠୁ ଚଳଚଞ୍ଚଳ ଅଞ୍ଚଳ ଭାବେ ପରିଚିତ ସହିଦନଗର। ଜାତୀୟ ରାଜପଥ ଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବା ଏହି ଜନଗହଳି ସ୍ଥାନରେ ରହିଛି ବଡ଼ବଡ଼ ସପିଂ ମଲ୍ ଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନ ଓ କର୍ପୋରେଟ୍ ସଂସ୍ଥା। ଏହାସହ ପ୍ରମୁଖ ରାଜନେତାଙ୍କ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବାସଭବନ ସାଙ୍ଗକୁ ହସ୍ପିଟାଲ ମଧ୍ୟ ରହିଥିବାରୁ ପ୍ରତିଦିନ ହଜାର ହଜାର ଲୋକେ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଆସିଥାନ୍ତି। ବିଏମ୍‌ସି ୱାର୍ଡ ନମ୍ବର ୩୦ ଅଧୀନରେ ରହିଥିବା ଏହି ଅଞ୍ଚଳଟି ଭୁବନେଶ୍ୱର ସର୍ବପୁରାତନ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ଘରଭଡ଼ା ମଧ୍ୟ ଆକାଶ ଛୁଆଁ। କେବଳ ବଡ଼ବଡ଼ିଆଙ୍କ ରହଣିସ୍ଥାନ କୁହାଯାଉଥିବା ଏହି ଭିଆଇପି ଅଞ୍ଚଳ ଏବେ ପାଣି କାଦୁଅ ଘେରରେ। କାରଣ ଏଠାରେ ୨୦ ବର୍ଷ ପୂର୍ବରୁ ରହିଥିବା ପୁରୁଣା ଡ୍ରେନ୍ ସମ୍ପୂର୍ଣ୍ଣ ପୋତି ହୋଇଯିବାରୁ ବର୍ଷା ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ପ୍ରବାହିତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଫଳରେ ପ୍ରତିବର୍ଷ ଜଳବନ୍ଦୀ ଜୀବନ କାଟୁଛନ୍ତି ଅଞ୍ଚଳବାସୀ। ବିଭିନ୍ନ କାରଣରୁ ରାସ୍ତା ଗୁଡ଼ିକ ଖୋଳାଯାଉଥିବାରୁ ବର୍ଷାରେ ମାଟି ଧୋଇ ପକ୍କା ରାସ୍ତା ପାଲଟିଛି କାଦୁଅ ରାସ୍ତା। ବର୍ଷା ପାଣି ସୁଅ ଏତେ ପ୍ରଖର ଯେ କଂକ୍ରିଟ ରାସ୍ତାକୁ ମଧ୍ୟ ଧୋଇ ଦେଉଥିବା ଦେଖିବାକୁ ମିଳିଛି। ତା ସାଙ୍ଗକୁ ଚାରିଆଡ଼େ ପାଣି ଆଉ ପାଣି। ସେହିପରି ଅଧିକାଂଶ ସ୍ଥାନରେ ରାସ୍ତା ଗୁଡ଼ିକ ଭାଙ୍ଗି ନଷ୍ଟ ହେବା ସହ ଖାଲଖମାରେ ଭର୍ତ୍ତି ହୋଇଛି। ଖାଲରେ ବର୍ଷାପାଣି ଭର୍ତ୍ତି ହୋଇ ନିୟମିତ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି। ଯାହା ଗାଁ ଗହଳିର ମାଟି ରାସ୍ତାକୁ ବଳିଯାଇଛି। ଫଳରେ ରାସ୍ତା ଭିତେରେ ଖାଲଖମା ଭର୍ତ୍ତି ହୋଇଥିବାରୁ ବର୍ଷା ସମୟରେ ଯିବା ଆସିବା କରିବାରେ ସମସ୍ୟା ଭୋଗୁଛନ୍ତି ଲୋକେ। ତେବେ ଏଠାରେ ରହିଥିବା ବହୁ ପୁରାତନ ଡ୍ରେନ୍ ଜାମ୍ ହୋଇଯିବାରୁ ପାଣି ନିଷ୍କାସନ ହେଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷାନୀତିର ପଞ୍ଚମ ବର୍ଷ ପୂର୍ତ୍ତି ଉତ୍ସବ



ଭୁବନେଶ୍ୱର, ୨୯।୭ (ସମିସ): ଶିକ୍ଷାକୁ ବହି ବା ବିଦ୍ୟାଳୟରେ ସୀମିତ ନ ରଖି ବ୍ୟାପକ ଓ ବିସ୍ତୃତ କରିବାରେ 'ଜାତୀୟ ଶିକ୍ଷାନୀତି' ସଫଳ ହୋଇଛି। ଶିକ୍ଷାକ୍ଷେତ୍ରରେ ଭାରତ ବର୍ଷକୁ ସମୃଦ୍ଧ ଓ ବିକଶିତ କରିବା ଦିଗରେ ଅଗ୍ରସର କରାଇବ। 'ଜାତୀୟ ଶିକ୍ଷାନୀତି ୨୦୨୦' କାର୍ଯ୍ୟାନ୍ୱୟନର ପଞ୍ଚମ ବର୍ଷ ପୂର୍ତ୍ତି ଅବସରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାନର ପ୍ରଫେସର ହୃଷୀକେଶ ସେନାପତି, ଡିଏମ୍ ସ୍କୁଲ ପ୍ରଧାନଶିକ୍ଷକ ଅଖିଳେଶ୍ୱର ମିଶ୍ର ଯୋଗଦେଇ ଶିକ୍ଷାନୀତିର ବହୁଭାଷିକତା ଓ ସ୍ଥାନୀୟତାକୁ ପ୍ରାଥମିକତା ଦିଆଯାଇଥିବା କହିଛନ୍ତି। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ନିଜର ଆଭିମୁଖ୍ୟ ଓ ଅନୁଭୂତି ବର୍ଣ୍ଣନା କରିଛନ୍ତି। ଡ. ପୁଷ୍ପଲତା ନେଗିଙ୍କ ତତ୍ତ୍ୱାବଧାନରେ ଏକ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବାବେଳେ ଡ. ମାର୍କଣ୍ଡେୟ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୮୭ ବର୍ଷ ବୟସ୍କାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ



ଭୁବନେଶ୍ୱର, ୨୯।୭ (ସମିସ): କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲରେ ଜଣେ ୮୭ ବର୍ଷୀୟା ମହିଳାଙ୍କ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ସୂଚନା ଅନୁସାରେ, ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଦିନକୁ ଦିନ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡ. ବସନ୍ତ ବେହେରାଙ୍କ ସହ ପରାମର୍ଶ କରାଯାଇଥିଲା। ନିଶ୍ଚେତକ ବିଶେଷଜ୍ଞ ଡ. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ। ଶଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା।

## 'ପାଠ୍ୟକ୍ରମରେ ଏଆଇ ବ୍ୟବହାରର ଆବଶ୍ୟକତା ରହିଛି'

ଭୁବନେଶ୍ୱର, ୨୯।୭ (ସମିସ): ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଓ ସାଇବର ସିକ୍ୟୁରିଟି ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ଏହାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ 'ଇନୋଭେସନ୍‌ସ୍ ଇନ୍ ଇନ୍‌ଟେଲିଜେନ୍ସ ସିଷ୍ଟମ୍ସ: ଆଡଭାନ୍ସମେଣ୍ଟସ ଇନ୍ କମ୍ପ୍ୟୁଟିଙ୍ଗ, କମ୍ୟୁନିକେସନ୍ ଆଣ୍ଡ ସାଇବର ସିକ୍ୟୁରିଟି' (ଆଇଏସ୍‌ଏସି ୩-୨୦୨୫) କାର୍ଯ୍ୟକ୍ରମରେ ସାଉଥ କୋରିଆର ବେକ୍‌ସିଓକ୍ ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ବିଭାଗର ପ୍ରଫେସର ଚେ ଗ୍ୟୁ ସୁ ଯୋଗଦେଇ ଏଆଇର ଆବଶ୍ୟକତା ସବୁ କ୍ଷେତ୍ରରେ ରହିଛି ଏବଂ ଏହାର ବ୍ୟବହାର ସବୁ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଜାଣିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ କ୍ୱାଣ୍ଟମ୍ ସିକ୍ୟୁରିଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ଆଇଇଇଇ ଏସ୍‌ଏଲ୍‌ଏଟିଇର ସଦସ୍ୟ ପ୍ରଫେସର ପ୍ରମୋଦ କୁମାର ମେହେର, ଆଇଇଇଇ ଭୁବନେଶ୍ୱର ଶାଖାର ଚେୟାର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଏସ୍‌ଏସି୩-୨୦୨୫ର ପ୍ରୋଗ୍ରାମ ଚେୟାର ଡ. ଭାରତଜ୍ୟୋତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନିବାରଣ ଆଇନ ସଚେତନତା



ଭୁବନେଶ୍ୱର, ୨୯।୭ (ସମିସ): ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ 'କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ-୨୦୧୩' ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳଙ୍କ କମିଶନର ତଥା ଶାସନସଚିବ ରୂପା ରୋଶନ ସାହୁ କହିଛନ୍ତି ଯେ, ଯେକୌଣସି ପ୍ରକାରର ଯୌନ ନିର୍ଯାତନା ସମାନତା ଏବଂ ମାନବିକ ମର୍ଯାଦା ନୀତିର ଅପମାନ। କହିବା ସହ ସତର୍କତା ଏବଂ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ଏବଂ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। ଏଥିରେ ପୁଲିସ୍ କମିସନରେଟର ଆଇ.ଟି ଏବଂ ସୋସିଆଲ ମିଡିଆ ସେଲ୍‌ଫ ଏସିପି ସୁଚିସ୍ମିତା ଦାସ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା ନିବାରଣ ଆଇନ୍ ସମ୍ପର୍କରେ ଅବଗତି କରାଇଥିଲେ।

## 'ଏଣ୍ଟୁଣ୍ଟ ତେଣ୍ଟୁଣ୍ଟ' ଉନ୍ମୋଚିତ



ଭୁବନେଶ୍ୱର, ୨୯।୭ (ସମିସ): ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀ ପକ୍ଷରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ପ୍ରାକ୍ତନ ଅଧୀକ୍ଷକ ପ୍ରହ୍ଲାଦ ସାହୁଙ୍କ ଦ୍ୱାରା ସଂଗୃହିତ 'ଏଣ୍ଟୁଣ୍ଟ ତେଣ୍ଟୁଣ୍ଟ' ପୁସ୍ତକ ଜୟଦେବ ବିହାରସ୍ଥିତ ଭଗବତୀ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ଭାରତ ଭୂଷଣ ରଥ, ସୁକାନ୍ତ ପ୍ରଧାନ, ଅଧ୍ୟାପକ ହରେକୃଷ୍ଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଦସ୍ୟ ଅନୁପ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ଞାନରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ରଥ, ଆଲୋକ ସାହୁ, ଶୁଭଶ୍ରୀ ସାହୁ, ମଧୁସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ହେପାଟାଇଟିସ୍ ଦିବସରେ ଡାକ୍ତର, ପୁଲିସ, ଅଭିନେତା ଏକାଠି




ଭୁବନେଶ୍ୱର, ୨୯।୭ (ସମିସ): ଗ୍ୟାଷ୍ଟ୍ରୋ ଏବଂ ଲିଭର କେୟାର ଫାଉଣ୍ଡେସନ ଓ କମିଶନରେଟ ପୁଲିସ ରେଡକ୍ରସର ମିଳିତ ସହଯୋଗରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର, ପୁଲିସ, ସ୍କାଉଟ୍‌ଗାଇଡ୍, ଏନ୍‌ଏସଏସ, ଚଳଚିତ୍ର ଅଭିନେତା ଓ ଅଭିନେତ୍ରୀ ଯୋଗଦେଇ କଳିଙ୍ଗଷ୍ଟାଡ଼ିୟମ ଠାରୁ ଏକ ରାଲିରେ ବାହାରି କମିସନରେଟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପହଁଚିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଡ଼ିସିପି ମାନସ ଗଡ଼ନାୟକ, ଏସିପି ସୁରକାନ୍ତ ମହାନ୍ତି, ଲିଭର ଫାଉଣ୍ଡେସନର ମୁଖ୍ୟ ଡ଼. ମନୋଜ ସାହୁ, ଅଭିନେତା ଋଷି ପଟ୍ଟନାୟକ, ଏନ୍‌ଏସଏସର ଆଞ୍ଚଳିକ ନିର୍ଦ୍ଦେଶକା ସରିତା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓୟୁଏଟି ସିପିଜିଏସ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସେଣ୍ଟର ଫର ପୋଷ୍ଟ ଗ୍ରାଜୁଏଟ ଷ୍ଟଡ଼ିଜ (ସିପିଜିଏସ୍) ଠାରେ ଅନୁଷ୍ଠାନର ଏସ୍‌ଏସ୍‌ଜି କର୍ମକର୍ତ୍ତାଙ୍କ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ରମଣି ପଣ୍ଡା, ଛାତ୍ର ମଙ୍ଗଳ ଅଧ୍ୟକ୍ଷ ପ୍ରଫେସର ସୁରେଶ କୁମାର ପଣ୍ଡା, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଗୋପୀମୋହନ ପଟ୍ଟନାୟକ ଏବଂ ଅନ୍ୟ ଡିନ୍ /ଡାଇରେକ୍ଟରମାନେ ସଦୟ ଉପସ୍ଥିତ ରହିରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସିପିଜିଏସ୍ ପରିସରରେ ଥିବା ଏମ୍‌ସିଏ ହଲ୍-୧ରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୪୦ରୁ ଅଧିକ ୟୁନିଟ୍ ରକ୍ତ ସଂଗୃହୀତ ହୋଇପାରିଥିଲା।

## ବିଏନ୍‌ଆଇ ଧଉଳୀ ଗ୍ରେଟର୍ ଓଡ଼ିଶା ୧୦ମ ଚାପ୍ଟର ଶୁଭାରମ୍ଭ

ଭୁବନେଶ୍ୱର, ୨୯।୭ (ସମିସ): ବିଏନଆଇ ଗ୍ରେଟର ଓଡ଼ିଶା ଚାପ୍ଟର ୧୦ମର ଶୁଭାରମ୍ଭ ହୋଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସିଏସ୍ ସୁନୀତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ କ୍ଷେତ୍ର ନିର୍ଦ୍ଦେଶକ କେ ସଞ୍ଜୀବ ପାତ୍ର, ଜିଲ୍ଲା ନିର୍ଦ୍ଦେଶକ ବିମଳ ସାମଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏ.ସ ସୁନୀତା ମହାନ୍ତି, ପ୍ରଦୀପ ଅଗ୍ରୱାଲ, ଧଉଳୀ ଚାପ୍ଟରର ସଭାପତି ଜିତୁ ଶତପଥୀ, ଉପସଭାପତି ଅଭିଜିତ ମହାନ୍ତି, କୋଷାଧ୍ୟକ୍ଷ ବିବେକାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଅନ୍ତା, ୨୯।୭ (ସମିସ): ବାଳକାଟି ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଅଧ୍ୟକ୍ଷା ଲୀନା ପଟ୍ଟନାୟକ ସଭାପତିତ୍ୱ କରି ମହାବିଦ୍ୟାଳୟର ନୀତି ନିୟମ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିବା ସହ ଶୃଙ୍ଖଳିତ ଅଧ୍ୟୟନ ସହ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ଅଞ୍ଜଳୀ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ୩ ଶହ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତେ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶା ନିବାରଣ ଓ ନାରୀଶିକ୍ଷା-ସଶକ୍ତୀକରଣ ସଚେତନତା ସଭା

ଭୁବନେଶ୍ୱର, ୨୯।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ 'ନିଶା ନିବାରଣ, ନାରୀଶିକ୍ଷା ଓ ସଶକ୍ତୀକରଣ' ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବିଶେଷଜ୍ଞ ଡ. ମହମ୍ମଦ ଇମ୍‌ରାଜନ ଅଲ୍ଲୀ 'ନିଶାମୁକ୍ତ ଓଡ଼ିଶା ଓ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ' ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ବିଶେଷଜ୍ଞ ଡ. ମମତା ଦାସ 'ମହିଳା ସଶକ୍ତୀକରଣ ଓ ନାରୀସୁରକ୍ଷା' ବିଷୟରେ ଆଲୋଚନା କରିଥିଲେ। ବିଭାଗର ଅତିଥି ଅଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଅତିଥି ପରିଚୟ ସହିତ ସଭା ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ସହକାରୀ ପ୍ରଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ସହକାରୀ ପ୍ରଧ୍ୟାପକ ଆନ୍‌ପା ମାର୍ଣ୍ଡି ଉପସ୍ଥିତ ଥିଲେ। ସଭାଶେଷରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଅର୍ପିତା ସାହୁ ଡ. ଦାଶଙ୍କୁ ନୀଳକଇଁ ପୁଷ୍ପ ଅର୍ପଣ ସହିତ ଧନ୍ୟବାଦ ଦେଇଥିଲେ।

### କ୍ୟାପିଟାଲ୍ ହସ୍ପିଟାଲରେ ହନ୍ତସନ୍ତ ଲୋକେ

# ବର୍ଷା ହେଲେ ବସିବାକୁ ଜାଗା ନାହିଁ

ଭୁବନେଶ୍ୱର, ୨୯।୭ (ସମିସ)

ରୋଗ ଦେଖାଇବା ପାଇଁ ହେଉ ଅବା ରୋଗୀଙ୍କୁ ଦେଖା କରିବାକୁ ହେଉ ଆପଣ ଯଦି କ୍ୟାପିଟାଲ ହସ୍ପିଟାଲ ଆସିଛନ୍ତି ଆଉ ଏହି ସମୟରେ ବର୍ଷା ହୁଏ ତେବେ ଆପଣର ହସ୍ପିଟାଲର କେଉଁ ଏକ ସ୍ଥାନରେ ଆଗରେ ଠିଆ ହେବାକୁ ପଡ଼ିବ। ବର୍ଷା ବେଳେ ହସ୍ପିଟାଲରେ ବସିବା ପାଇଁ କୌଣସି ଉପଯୁକ୍ତ ସ୍ଥାନ ନାହିଁ। ଯେଉଁଥିପାଇଁ ରୋଗ

### ଓଦାରେ ବସୁଛନ୍ତି ଲୋକେ

ଦେଖାଇବାକୁ ଆସିଥିବା ଲୋକ ଓ ରୋଗୀଙ୍କୁ ଦେଖିବାକୁ ଆସିଥିବା ଲୋକେ ବର୍ଷା ବେଳେ ଅନେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହଶହ ଲୋକଙ୍କ ସମେତ ଅନେକ ରୋଗୀ ଆସୁଛନ୍ତି। ପଞ୍ଜିକରଣ କେନ୍ଦ୍ରର ସମୟ ସକାଳ ୮.୩୦ରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ରହିଥିବା ବେଳେ ଅପରାହ୍ନ ୧.୩୦ ରୁ ୪.୩୦ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଉଛି। ରୋଗ ପଞ୍ଜୀକରଣ କରିବା ପାଇଁ ହେଉ କି ଔଷଧ ବିତରଣ କେନ୍ଦ୍ରରେ ଔଷଧ ନେବା ପାଇଁ ହେଉ ଏଥିପାଇଁ ଧାଡ଼ି କରି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ହେଲେ ଏହି ସମୟରେ ବର୍ଷା ହେଲେ ଲୋକ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲ ପରିସରରେ ଲୋକମାନେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଯେତିକି ସ୍ଥାନ ବି ରହୁଛି ଏହି ସ୍ଥାନକୁ ଯିବା ଆସିବା କରି ଲୋକମାନେ ଓଦା କରି ଦେଉଛନ୍ତି। ତଥାପି ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ସେହି ଓଦା ଟଚାଣରେ ବସି ରହୁଛନ୍ତି ତ ଆଉ କିଏ ଥକ୍କା ମେଣ୍ଟାଇବା ପାଇଁ ଶୋଇପଡୁଛନ୍ତି। ବର୍ଷା ନ ହେଲେ ହସ୍ପିଟାଲ ପରିସର ବାହରେ ଯିଏ ଯେଉଁଠି ପାଇଲେ ବସିପଡୁଥିଲେ ହେଲେ ଟିକେ ବର୍ଷା ରୋଗୀ, ଭୋଗୀ ସମସ୍ତେ ଏକାଠି ହୋଇଯାଉଛନ୍ତି। ଦିନ ବେଳା ବର୍ଷା ହେଲେ ବେଳେ ରାତି କଥା ନକହିବା ଭଲ। କହିଲେ ଚଳେ। ଅଶୋକ ନଗରରୁ ଆସିଥିବା ଜଣେ ମହିଳା ପଞ୍ଜୀକରଣ କେନ୍ଦ୍ର ଆଗପଟ ଛାତରୁ ପାଣି ଗଳୁଛି ବୋଲି ଅଭିଯୋଗ କରିଛନ୍ତି।

ଦୁଇ ଘଣ୍ଟା ହେଲାଣି ସେମିତି ଠିଆ ହୋଇଛୁ। ଲୋକମାନେ ଠିଆ ହେବାକୁ ସ୍ଥାନ ନାହିଁ ଆଉ ବସିବାକୁ ସ୍ଥାନ କୁଆଡୁ ମିଳିବ ବୋଲି ଜଣେ ରୋଗୀଙ୍କ ସମ୍ପର୍କୀୟ ନିତୁ ମହାପାତ୍ର କହିଛନ୍ତି। ଏତେ ବଡ଼ ହସ୍ପିଟାଲ ହେଲେ ଏହି ସବୁ ଛୋଟ ଛୋଟ କଥାର ଧ୍ୟାନ ଦିଆଯାଉନାହିଁ କିନ୍ତୁ ଏହି ଛୋଟ କଥା ଯେ ଲୋକମାନଙ୍କର କେତେ ଅସୁବିଧା ହେଉଛି ଏଥିପାଇଁ କେହି ଧ୍ୟାନ ଦେଉନାହାନ୍ତି ବୋଲି ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୬
- ୟୁରୋ ୧୦୦.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୫୦୦ (ଭୁବନେଶ୍ୱର)
- ରୁପା : ୧,୧୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୩୭.୦୦
- ନିଫ୍ଟି ୨୪,୮୨୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଫେସ୍ ଆଇଡି , ଫିଙ୍ଗର ପ୍ରିଣ୍ଟରେ ୟୁପିଆଇ ପେମେଣ୍ଟ




- ଖୁବ୍ ଶୀଘ୍ର ଆସିବ ନୂଆ ବ୍ୟବସ୍ଥା
- ବର୍ତ୍ତମାନ ନେଣଦେଣ ପାଇଁ ପିନ୍ ଦେବାକୁ ପଡୁଛି

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)

ଏଣିକି ବିନା ପିନ୍‌ରେ ହେବ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ। ଫେସ୍ ଆଇଡି ଏବଂ ଫିଙ୍ଗରପ୍ରିଣ୍ଟ ଜରିଆରେ ୟୁଜର କରିବେ କାରବାର। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଖୁବ୍ ଶୀଘ୍ର ଏକ ନୂଆ ବୈଶିଷ୍ଟ୍ୟ ଆଣିବାକୁ ଯାଉଛି। ନ୍ୟାଏଥିପାଇଁ ସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇରେ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟବହାରକାରୀମାନଙ୍କୁ ପ୍ରତ୍ୟେକ ଥର ପିନ୍ ଏଣ୍ଟ୍ରି କରିବା ପରିବର୍ତ୍ତେ ଫେସ୍ ରେକଗ୍ନିସନ୍ ଏବଂ ଫିଙ୍ଗରପ୍ରିଣ୍ଟ ଭଳି ବାୟୋମେଟ୍ରିକ୍ସ ବ୍ୟବହାର କରି କାରବାରକୁ ପ୍ରମାଣିତ କରିବାକୁ ଅନୁମତି ଦେବ।

ଏହି ନୂତନ ବୈଶିଷ୍ଟ୍ୟର ବର୍ତ୍ତମାନ ସମୀକ୍ଷା କରାଯାଉଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିୟାମକ ଅନୁମୋଦନ ଆବଶ୍ୟକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ୟୁପିଆଇର ସୁରକ୍ଷାକୁ ଆହୁରି ମଜବୁତ କରିବ। ଏହି ନୂଆ ବ୍ୟବସ୍ଥାକୁ ଆଗାମୀ ୨୦୨୫ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ପ୍ରଦର୍ଶନ କରାଯାଇପାରିବ। ଏହି ଅପଡେଟ୍ କାର୍ଯ୍ୟକାରୀ କରିବା ପରେ ବ୍ୟବହାରକାରୀମାନେ ପିନ୍ ଏଣ୍ଟ୍ରି ନ କରି କାରବାର ପାଇଁ ଫେସ୍ ଆଇଡି ଏବଂ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ବ୍ୟବହାର କରିପାରିବେ। ଏକ ସୂତ୍ରରୁ ହୋଇଛି ଯେ, ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏହି ଫିଚରର ବିବରଣୀ ୟୁପିଆଇ ଇକୋସିଷ୍ଟମର ଅଂଶଗ୍ରହଣକାରୀମାନଙ୍କ ସହିତ ସେୟାର କରିଛି, ଯାହା କାର୍ଯ୍ୟକାରୀ କରିବା ପୂର୍ବରୁ ସମୀକ୍ଷା, ମତାମତ ଏବଂ ପ୍ରସ୍ତୁତି ସୁନିଶ୍ଚିତ କରିବ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏକ ବର୍ଷରୁ ଅଧିକ ସମୟ ଧରି ଏହା ଉପରେ କାମ କରୁଛି। ଏକ ସୂତ୍ର କୁହାଯାଇଛି ଯେ ଏହି ବୈଶିଷ୍ଟ୍ୟ ଉପରେ କାମ ଏବେ ବି ଚାଲିଛି। ନୂଆ ବ୍ୟବସ୍ଥା ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ଯାହା ଓଟିପି ଅପେକ୍ଷା ଭଲ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆର ଷ୍ଟିଅରିଂ କମିଟି ଏବଂ ସମଗ୍ର ଇକୋସିଷ୍ଟମରୁ ସବୁଜ ସଙ୍କେତ ପାଇବା ପରେ କାର୍ଯ୍ୟକାରୀ କରାଯିବ।

ଶିଳ୍ପ ସୂତ୍ରରୁ କୁହାଯାଇଛି ଯେ, ଏହି ବୈଶିଷ୍ଟ୍ୟ ଅନେକ ଉପାୟରେ ପାରମ୍ପରିକ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) କିମ୍ବା ପିନ୍ ଅପେକ୍ଷା ଅଧିକ ସୁରକ୍ଷିତ ସାବ୍ୟସ୍ତ ହେବ। ପିନ୍‌ର ବିକଳ୍ପ ଭାବରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୋମେଟ୍ରିକ୍ସ ମାଧ୍ୟମରେ କରାଯାଇଥିବା କାରବାରର ଅତିରିକ୍ତ ସୁରକ୍ଷା ପାଇଁ ମୂଲ୍ୟ ସୀମା ଥାଇପାରେ ବୋଲି ସମ୍ଭାବନା ରହିଛି। ଫୋନ୍ ପେ , ଗୁଗୁଲ୍ ପେ, ପେଟିଏମ୍, ଭୀମ୍ ଭଳି ଅନ୍ୟ ଆପ୍ ପାଇଁ ବାୟୋମେଟ୍ରିକ୍-ଆଧାରିତ ପ୍ରାଧିକରଣକୁ ପୃଥକ ଭାବରେ ସେଟ୍ ଅପ୍ କରିବାକୁ ପଡିବ କି ନାହିଁ ତାହା ଏବେ ଦେଖିବା ବାକି ଅଛି।

- ଟିସିଏସ୍ ଛଟେଇ: ଗଲା ୧୨,୦୦୦ ଚାକିରି

## ମ୍ୟାନେଜରଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ

TATA CONSULTANCY SERVICES

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବିଶ୍ୱ ସ୍ତରରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହା କମ୍ପାନୀ କର୍ମଚାରୀ ସଂଖ୍ୟାର ପ୍ରାୟ ୨ ପ୍ରତିଶତ। ଟିସିଏସ୍‌ର ସାମ୍ପ୍ରତିକ ଛଟେଇ ମୋଟ ୧୨,୨୬୧ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏହି ଛଟେଇ , ଅଧିକାଂଶ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ହେବ। ଜୁନ୍ ୩୦ ସୁଦ୍ଧା ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬,୧୩,୦୬୯ ରହିଥିଲା। ତେବେ ଏହା ମଧ୍ୟରେ କମ୍ପାନୀ ଏହାର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ ଦେଇଛି। ଶହ ଶହ ସଂଖ୍ୟାରେ ଟିସିଏସ୍ କର୍ମଚାରୀଙ୍କୁ ପୂର୍ବରୁ ଚାକିରି ଛାଡିବାକୁ କୁହାଯାଇସାରିଛି। ଆଗାମୀ ମାସଗୁଡ଼ିକରେ ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯିବ, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେଞ୍ଚ ବର୍ଗର, ଯେତେବେଳେ କି ଅବଶିଷ୍ଟ କର୍ମଚାରୀଙ୍କୁ ଏହି ତାଲିକା ଆଧାରରେ ଛଟେଇ କରାଯିବ। ଅପରପକ୍ଷେ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଟିସିଏସ୍‌ରେ ଛଟେଇ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା କହିଛି। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟାଟା ଗ୍ରୁପ୍ ସହିତ ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରଣାଳୟ ବେଶ ଚିନ୍ତିତ ଥିବା କହିଛି। ଏହି ପଦକ୍ଷେପ ପଛରେ ମୂଳ କାରଣଗୁଡ଼ିକର ତଦନ୍ତ କରାଯିବ ବୋଲି କୁହାଯାଇଛି।

# ଦୀପିକା ପାଦୁକୋନଙ୍କ ସହିତ ଡାଇସନର ନୂଆ କ୍ୟାମ୍ପେନ୍


ନୂଆଦିଲ୍ଲୀ,୨୯।୭

ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱଅଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫ୍‌ରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଏହା ଉଦ୍ଭାବନ ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାରର କେଶ ପାଇଁ ବିନା ହିଟ୍ ଡ୍ୟାମେଜରେ ଉନ୍ନତ ଷ୍ଟାଇଲ ପ୍ରଦାନ କରୁଥିବା ହେୟାର ଷ୍ଟାଇଲ ରେଞ୍ଜ ଆଣିବା ଲାଗି ଡାଇସନର ପ୍ରତିବଦ୍ଧତାକୁ ଦୃଢ କରିଛି।

ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।

# ଭାରତରେ ମୋଟ ପେମେଣ୍ଟର ୮୩% ୟୁପିଆଇରେ ହେଉଛି

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)



**ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ବଢ଼ିଛି**

ୟୁନିଫାଇଡ୍ ପେମେଣ୍ଟ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି, ଯାହା ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩%। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛନ୍ତି। ଡିଜିଟାଲ୍ କାରବାର ବଢ଼ିବା ସହିତ ଠକାମି ବଢ଼ିବାରେ ଲାଗିଛି। ଏଥିପାଇଁ ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି। ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣୀକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଥିବା ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି। ଏନ୍‌ପିସିଆଇ ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ "ଷ୍ଟପ୍, ଥିଙ୍କ୍, ଆକ୍ଟ" ନୀତିକୁ ସାମିଲ କରାଯାଇଛି।

# ନିବେଶକଙ୍କୁ ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବାକୁ ସେବି ଓ ଏନ୍‌ଏସ୍‌ଇର ମିଳିତ ପଦକ୍ଷେପ

ନୂଆଦିଲ୍ଲୀ,୨୯।୭: ବର୍ତ୍ତମାନ ସମୟରେ ନକଲି ଟ୍ରେଡିଂ ଆପ୍ ଓ ଡିପ୍‌ଫେକ ଭିଡିଓଗୁଡିକରୁ ଆରମ୍ଭ କରି ଅଣପଞ୍ଜୀକୃତ ନିବେଶ ପରାମର୍ଶଦାତା ଓ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଷ୍ଟକ୍ ପରାମର୍ଶ ପର୍ଯ୍ୟନ୍ତ ଠକମାନେ ଟେକ୍ନୋଲୋଜିର ଅପବ୍ୟବହାର କରିବା ସହ ନିବେଶକଙ୍କ ବିଶ୍ୱାସ ହ୍ରାସ କରୁଛନ୍ତି। ତେଣୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ହାସଟ୍ୟାଗ ସେବି ବନାମ୍ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନର ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତି ନେବା ପାଇଁ ନିବେଶକଙ୍କୁ ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡିକୁ ଯାଂଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ଆର୍ଥିକ ଇକୋସିଷ୍ଟମ ପ୍ରତି ଯୋଗଦାନ ଦେବ।

## ରାଜ୍ୟ ଖବର

# ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ

ବାରିପଦା/ଭୁବନେଶ୍ୱର,୨୯।୭ (ସମିସ): ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ। ଓୟୁଏଟିର ପରିଚାଳନା ବୋର୍ଡରେ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଯଦିଓ ଜିଲ୍ଲାରେ ଏହା କେଉଁଠାରେ ନିର୍ମାଣ ହେବ ସ୍ଥିର ହୋଇନାହିଁ। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ଦ୍ୱାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ।

ଦୀର୍ଘ ଦିନ ହେବ ମୟୂରଭଞ୍ଜରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ୍ୟ କରାଯାଇଛି। ତିନି ବ୍ଲକର ସୀମାରେ ଥିବା ଦାନ୍ତିଆମୁହାଁ ଓ ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏନ୍ତୁଡ଼ିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକିଭଳି ପନିପରିବା ବର୍ଷକଯାକ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏହିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା।

ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ନୂତନ କଲେଜ କେବେ ପ୍ରତିଷ୍ଠା ହେବ, ତାକୁ ଜିଲ୍ଲାବାସୀ ଚାହିଁ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ ଲକ୍ଷ ୮୧ହଜାର ହେକ୍ଟର ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ। ସେଥିମଧ୍ୟରୁ ୨ଲକ୍ଷ ୯୫ହଜର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୯୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବା ବେଳେ ୧ ଲକ୍ଷ ୮ ହଜାର୨୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ଲକ୍ଷ୨ ହାର୬୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି।

# ଲାଓସରେ ଫସିଛନ୍ତି କେନ୍ଦ୍ରାପଡ଼ାର ୫ ଦାଦନ

ରାଜକନିକା, ୨୯।୭ (ସମିସ): ବିନା ଦରମାରେ କାମ କରାଉଛନ୍ତି। ପାସ୍‌ପୋର୍ଟ, ଭିସା ଛଡ଼ାଇ ନେଇଛନ୍ତି। ଅବସ୍ଥା ଏପରି ଯେ ଖାଇବାକୁ ବି ପାଖରେ ପଇସା ନାହିଁ। ଶୀଘ୍ର ଉଦ୍ଧାର ନକଲେ ସେମାନେ ଆମକୁ ମାରିଦେବେ। ଲାଓସକୁ ଦାଦନ ଖଟିବାକୁ ଯାଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୫ଜଣ ସେଠାକାର ଏକ କମ୍ପାନୀ ଦ୍ୱାରା ଏପରି ନିର୍ଯାତିତ ହେଉଛନ୍ତି। ଏକ ଭିଡିଓ ମାଧ୍ୟମରେ ସେମାନେ ନିଜ ଦୁର୍ଦ୍ଦଶାର ଚିତ୍ର ଦେଖାଇବା ସହ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ରାଜକନିକା ବ୍ଲକର ୨ଜଣ ଏବଂ ଆଳି ବ୍ଲକ୍‌ର ତିନିଜଣ ଯୁବକ ରହିଛନ୍ତି। ସେମାନେ ହେଲେ, ରାଜକନିକା ଥାନା ସଂଗ୍ରାମପୁର ଗାଁର ପବିତ୍ର ନାୟକ, ଜୟନଗର ଗାଁର ଲକ୍ଷ୍ମୀଧର ନାୟକ ଏବଂ ଆଳି ଥାନା ଅଞ୍ଚଳ ଆଳିର ଗଦାଧର ପ୍ରଧାନ, ସୁମନ ସାମଲ, ବଡ଼ଆଙ୍କୋ ଗାଁର ରଞ୍ଜନ ବାରିକ।

**ଭିଡିଓ କରି ଉଦ୍ଧାର କରିବାକୁ ଆକୁଳ ନିବେଦନ**



# ଚାଲିଚାଲି ଆସି ମହାନଦୀକୁ ଡେଇଁପଡ଼ିଲେ

ସମ୍ବଲପୁର, ୨୯।୭ (ସମିସ): ମହାନଦୀ ଦ୍ୱିତୀୟ ସେତୁ ବୋଲାଉଥିବା ଚାଉଁରପୁର ବ୍ରିଜ୍‌ରେ ଆଜି ପୁଣି ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବ୍ରିଜ୍ ଉପରେ ଠିଆ ହୋଇ ମହାନଦୀର କ୍ଷୀପ୍ରସ୍ରୋତକୁ ସେ ଡେଇଁ ପଡ଼ିଛନ୍ତି। ଖବର ଲେଖାହେବା ବେଳକୁ ତାଙ୍କ ପରିଚୟ ମିଳି ପାରିନାହିଁ।



ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଆଜି ଅପରାହ୍ଣ ପ୍ରାୟ ୨ଟାରୁ ସାଢ଼େ ୨ଟା ମଧ୍ୟରେ ଜଣେ ୫୦ରୁ ୬୦ବର୍ଷୀୟ ବ୍ୟକ୍ତି ଚାଉଁରପୁର ପାର୍ଶ୍ୱରୁ ସମ୍ବଲପୁର ପଟକୁ ଚାଲିଚାଲି ଆସୁଥିଲେ। କିଛି ସମୟ ବ୍ୟବଧାନ ଭିତରେ ସେ ବ୍ରିଜ୍ ବାଡ଼ାକୁ ଚଢ଼ି ମହାନଦୀ ସ୍ରୋତକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀ ଗାଡ଼ିରେ ପଛକୁ ଫେରି ଦେଖିବା ବେଳେ ସେ ବହୁ ଦୂର ଭାସି ଯାଇଥିଲେ। ସଙ୍ଗେସଙ୍ଗେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ଅଗ୍ନିଶମ ବାହୀନି ମଧ୍ୟ ଖୋଜାଖୋଜି ଜାରି ରଖିଥିଲା। ଏବେ ହୀରାକୁଦର ୧୮ଟି ଗେଟ୍ ଖୋଲା ରହିଛି। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମହାନଦୀର କ୍ଷୀପ୍ର ସ୍ରୋତରେ ଖୋଜିବା ପ୍ରାୟ ସମ୍ଭବପର ହୋଇନାହି। ତଥାପି ଅପରାହ୍ଣ ୩ଟାରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ସାଢ଼େ ୬ଟା ବେଳକୁ ଅପରେସନ ସ୍ଥଗିତ କରାଯାଇଥିଲା। ଆସନ୍ତାକାଲି ପୁଣି ସକାଳୁ ଖୋଜା ଯିବା ବୋଲି ଅଗ୍ନିଶମ ଅଧିକାରୀ ସୁଦାମ କିଶୋକ କହିଛନ୍ତି।

ପ୍ରକାଶଥାଉକି ଏହି ସେତୁରେ ଆତ୍ମହତ୍ୟା କରିବା କୌଣସି ନୂଆ କଥା ନୁହେ। ଗତ ମାର୍ଚ୍ଚ ୧୦ ତାରିଖରେ ଜଣେ ମହିଳା ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତଳେ ପାଣି ନଥିବାରୁ ପଥରରେ ମାଡ଼ ହୋଇ ତାଙ୍କ ଜୀବନ ଚାଲି ଯାଇଥିଲା।

# ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସରେ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

ଭୁବନେଶ୍ୱର,୨୯।୭ (ସମିସ): ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହେଇଛି। ଏହି ସ୍ୱତନ୍ତ୍ର ଲଫାପାଟିକୁ ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର୍ ଜେନେରାଲ ନିର୍ମଳଜିତ ସିଂହ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ବାଘ ସଂରକ୍ଷଣର ଗୁରୁତ୍ୱ ଏବଂ ଏହାକୁ କିପରି ସଂରକ୍ଷଣ କରିବେ, ତାହା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଡାକସେବା ନିର୍ଦ୍ଦେଶକ (ମୁଖ୍ୟାଳୟ) ଅମିତ କୁମାର ଝା, ଭୁବନେଶ୍ୱର ଡିଭିଜନ୍‌ର ଏସ୍‌ଏସ୍‌ପିଓ ତାରିଣୀ ଚରଣ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ଡାକ ସହାୟକ ନିର୍ଦ୍ଦେଶକ (ଫିଲାଟେଲି) ମଧୁସ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି ସ୍ୱତନ୍ତ୍ର ଲଫାପା ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରର ଫିଲାଟେଲିକ୍ ବ୍ୟୁରୋରେ ପ୍ରତି ଲଫାପା ପିଛା ୨୫ ଟଙ୍କା ମୂଲ୍ୟରେ ଡାକ ଟିକଟ ସଂଗ୍ରହକାରୀ ତଥା ଜଣସାଧାରଣଙ୍କ କ୍ରୟ ନିମନ୍ତେ ଉପଲବ୍ଧ ହେବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଡାକ ଅଧିକାରୀ/କର୍ମଚାରୀ, ବିଶିଷ୍ଟ ଡାକଟିକେଟ ସଂଗ୍ରହକାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।

# ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ବାରଙ୍ଗ, ୨୯।୭ (ସମିସ): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଦିନ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ କରାଯାଇଛି। ପ୍ରତିବର୍ଷ ଜୁଲାଇ ୨୯ ତାରିଖରେ ବିଶ୍ୱ ବ୍ୟାଘ୍ରଦିବସ ପାଳନ କରାଯାଏ। ବାଘମାନଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଇଥାଏ। ନନ୍ଦନକାନନ ବାଘମାନଙ୍କ ପ୍ରଜନନରେ ଏକ ମାଇଲଖୁଣ୍ଟ ହାସଲ କରିଛି। ଧଳା ବାଘ, ମହାବଳ ବାଘ ଏବଂ ମେଲାନିଷ୍ଟିକ ବା କଳାଲୋମଯୁକ୍ତ ବାଘ ପାଇଁ ନନ୍ଦନକାନନ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଚିଡ଼ିଆଖାନାରେ ୩୬୦ରୁ ଊର୍ଦ୍ଧ୍ୱ ବାଘ ଜନ୍ମ ନେଇସାରିଛନ୍ତି। ବର୍ତ୍ତମାନ ନନ୍ଦନକାନନରେ ବାଘ ସଂଖ୍ୟା ୨୯ ରହିଛି। ସେଥିମଧ୍ୟରୁ ୬ଟି ଧଳାବାଘ (୪ଅଣ୍ଡିରା, ୨ମାଈ) ୪ କଳାବାଘ (୩ ଅଣ୍ଡିରା, ୧ ମାଈ) ୧୯ଟି ସାଧାରଣ (୧୧ଅଣ୍ଡିରା, ୮ ମାଈ) ବାଘ ଅଛନ୍ତି। ଆଜିର ଏହି ଦିବସରେ ବାଘମାନଙ୍କ ଖୁଆଡରେ ରହି ସେମାନଙ୍କ ଯତ୍ନ ନେଉଥିବା କେୟାରଟେକରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଖପାଖ ବିଦ୍ୟାଳୟରୁ ଆସିଥିବା କୁନିକୁନି ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



# ଶିମିଳିପାଳକୁ ଆସିବ ଅଣ୍ଡିରା ବାଘ

ଭୁବନେଶ୍ୱର,୨୯।୭ (ସମିସ): ଶିମିଳିପାଳକୁ ଜୀନତ ଓ ଯମୁନା ଆସିବା ପରେ ଆହୁରି ବାଘଙ୍କୁ ଆଣିବାକୁ ଯୋଜନା କରାଯାଇଛି। ଶିମିଳିପାଳକୁ ଦୁଇଟି ପୁରୁଷ ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା। ଏଥିମଧ୍ୟରୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଆସନ୍ତା ବର୍ଷା ଆରମ୍ଭରୁ ଗୋଟିଏ ଅଣ୍ଡିରା ବାଘ ଶିମିଳିପାଳକୁ ଆଣିବା ପାଇଁ ବନ ବିଭାଗ ଯୋଜନା କରୁଛି। ବାହାର ରାଜ୍ୟରୁ ଆସିଥିବା ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କର ବ୍ୟବହାର ଓ ପରିବେଶ ସହିତ ସେମାନେ କିପରି ଖାପ ଖୁଆଉଛନ୍ତି, ତାହାର ଅନୁଧ୍ୟାନ କରାଯାଉଛି। ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିବା ବେଳେ ପୁଣି ଶିମିଳିପାଳକୁ ନୂଆ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା। ଆସନ୍ତା ବର୍ଷ ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତ୍ତରାଖଣ୍ଡରୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବା ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

ବ୍ୟାଘ୍ର ଦିବସ ପାଳନ ଅବସରରେ ସେ କହିଛନ୍ତି ରାଜ୍ୟରେ ମାତ୍ର ଦୁଇଟି ଟାଇଗର ରିଜର୍ଭ ଶିମିଳିପାଳ ଓ ସାତକୋଶିଆ ରହିଛି। ବର୍ତ୍ତମାନ ସମୟରେ ଶିମିଳିପାଳରେ ବାଘ ରହିଛନ୍ତି। ଏଠାରେ ଉଭୟ ସାଧାରଣ ବାଘ ଓ କଳା ବାଘ ଅଛନ୍ତି। ଶିମିଳିପାଳରେ ବାଘଙ୍କ ସଂଖ୍ୟା ୩୦ ରହିଥିବା ବେଳେ ଅନେକ ଶାବକ ରହିଛନ୍ତି। ୨ ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ। ଅନ୍ୟପଟେ ସାତକୋଶିଆରେ ୫ ବର୍ଷ ପୂର୍ବରୁ ବାଘ ରହିଥିଲେ, ବର୍ତ୍ତମାନ ସେଠି ଆଉ ବାଘ ନାହାନ୍ତି। ନିକଟ ଅତୀତରେ ଏହାକୁ ନେଇ ଆଗକୁ ମଧ୍ୟ କୌଣସି ଯୋଜନା କରାଯାଇନାହିଁ। ମାତ୍ର ଡ଼େବ୍ରିଗଡ଼ରେ ଏକ ବ୍ୟାଘ୍ର ପ୍ରକଳ୍ପ କରିବା ନେଇ ଯୋଜନା କରାଯାଉଛି। ଏହାରି ମଧ୍ୟରେ କେନ୍ଦ୍ର ସରକାର ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ୍ୟ କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକ ଟିମ ଗଠନ କରିଛନ୍ତି। ଏହି ଟିମ ଦେବ୍ରିଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ। ପରବର୍ତ୍ତୀ ସମୟରେ ପ୍ରକଳ୍ପର ଗତି ଆଗକୁ ଯିବ ବୋଲି ସେ କହିଛନ୍ତି।

ଅନ୍ୟପଟରେ ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଏକ ଚିନ୍ତାର କାରଣ। ଇନବିଡ଼ିଂ ଯୋଗୁଁ ଏହି ବାଘଙ୍କ ସଂଖ୍ୟା ବଢୁଛି। ଏଥିପାଇଁ ବାହାର ରାଜ୍ୟରୁ ବାଘ ଆଣିବା ପାଇଁ ବନ ବିଭାଗ ଯୋଜନା କରିଥିଲା। ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳରେ ଆଣି ଛଡ଼ାଯାଇଥିଲା। ପୁଣି ଅଣ୍ଡିରା ବାଘ ଆସିବା ପରେ ଶିମିଳିପାଳରେ ବାଘଙ୍କ ମଧ୍ୟରେ ଜାରି ରହିଥିବା ଇନବିଡ଼ିଂ ପ୍ରକ୍ରିୟା କମିବା ସହ କଳାବାଘଙ୍କ ସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି ।

**କଳାବାଘଙ୍କ ସଂଖ୍ୟାବୃଦ୍ଧିରେ ଲାଗିବ ରୋକ୍**

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଘଟଣା

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବସୁଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣ ମୃତ, ୨୭ ଆହତ।

# 'ଡନ୍-୩'ରେ ରହିବ 'ଆଜ୍ କି ରାତ୍' ଭଳି ଗୀତ

ଫରହାନ୍ ଅଖତର୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ଡନ୍-୩'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏବେ ଫିଲ୍ମର ସୁଟିଂ ଚାଲିଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ କ୍ରିତି ସାନନ୍ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ଫିଲ୍ମରେ ୨୦୦୬ରେ ଆସିଥିବା 'ଡନ୍' ଫିଲ୍ମର 'ଆଜ୍ କି ରାତ୍' ଭଳି ଏକ ଗୀତ ରହିବ। ତେବେ ଏହାର ନୂଆ ଟ୍ରାକ୍ ମୂଳ ଗୀତ ଭଳି ହେବ। ମୂଳ ଗୀତରେ ଶାହାରୁଖ୍ ଖାନ୍, ଈଶା କୋପିକର୍ ଓ ପ୍ରିୟଙ୍କା ଚୋପ୍ରା



ନଜର ଆସିଥିବାବେଳେ ନୂଆ ଟ୍ରାକ୍‌ରେ ରଣବୀର ଓ କ୍ରିତିଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ଦେଖାଯିବେ। ତେବେ ଏନେଇ କଥାବାର୍ତ୍ତା ଚାଲିଥିବାବେଳେ ଏଯାଏଁ କୌଣସି ହିରୋଇନ୍‌ଙ୍କୁ ଫାଇନାଲ କରାଯାଇନାହିଁ। ତେବେ 'ଡନ୍-୩'ରେ ପ୍ରିୟଙ୍କା ଓ ଶାହାରୁଖ୍‌ଙ୍କର ସ୍ପେଶାଲ ଏଣ୍ଟ୍ରି ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା ଏଯାଏଁ ଏହାକୁ ନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

# ସବୁଠୁ ବିରକ୍ତିକର ଗୀତ

ସଙ୍ଗୀତ ବିନା ଜୀବନ ରଙ୍ଗହୀନ ଲାଗେ। ସେହିପରି କିଛି ଗୀତ ଏଭଳି ଅଛି, ଯାହାକି ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ। କିଛି ଗୀତକୁ ଶୁଣିବା ପରେ ଖୁସିରେ ନାଚି ଉଠିବାକୁ ମନେ ହେଉଥିବାବେଳେ ଆଉ କିଛି ଗୀତ ଶୁଣି ମଣିଷ ଦୁଃଖୀ ହୋଇଯାଏ। ତେବେ ଏମିତି ବି ଏକ ଗୀତ ଅଛି, ଯାହାକୁ ଶୁଣିବା ପରେ ବିରକ୍ତିକର ଲାଗିବା ସହ କାନ୍ଦ ମଧ୍ୟ ଲାଗେ। ୨୮ ବର୍ଷ ତଳେ ଏମିତି ଏକ ଗୀତ ଆସିଥିଲା। ଏହି ଗୀତଟି ହେଉଛି 'କର୍ମା ପୁଲିସ୍।' ଗୀତଟିର ଅବଧି ୪ ମିନିଟ୍ ୨୩ ସେକେଣ୍ଡ। ଯାହାକି ଅତ୍ୟନ୍ତ ଦୁଃଖଦାୟକ। ଏହାକୁ ବ୍ରିଟିଶ ରକ୍ ବ୍ୟାଣ୍ଡ ରେଡିଓହେଡ ପ୍ରସ୍ତୁତ କରିଥିଲା। ଏହି ଗୀତକୁ ବ୍ୟାଣ୍ଡର ୫ ଜଣ ସଦସ୍ୟ ମିଶି ଲେଖିଥିଲେ ଏବଂ ସଙ୍ଗୀତ ମଧ୍ୟ ସେମାନେ ନିଜେ ପ୍ରସ୍ତୁତ କରିଥିଲେ। ତେବେ ଗୀତର ସ୍ୱରରେ ଥକ୍କାପଣ ଓ ଅସ୍ଥିରତା ଅନୁଭବ ହୁଏ। ଫଳରେ ଶୁଣୁଥିବା ଲୋକଙ୍କ ମନ ଉଦାସ ହୋଇଯାଏ। କେବଳ ଗୀତ ନୁହେଁ, ଏହାର ଭିଡିଓ ବି ଦେଖିଲେ ବିରକ୍ତିକର ଲାଗିବା ବି ଥାଏ। ତେବେ ଗୀତଟିର ମ୍ୟୁଜିକ ଭିଡିଓରେ ଜଣେ ଯୁବକ ନଜର ଆସିଛନ୍ତି। ତାଙ୍କୁ ଗୋଟିଏ କାର୍ ଲଗାତାର ପିଛା କରୁଛି। ଅବଶ୍ୟ ପୂରା ଭିଡିଓ ଧୀମା ଗତି, ଅନ୍ଧାରୁଆ ରାସ୍ତା ଓ ରହସ୍ୟମୟ ପରିବେଶରେ ପରିପୂର୍ଣ୍ଣ। ସେହିପରି ଭିଡିଓ ଶେଷରେ କାର୍‌ରେ ନିଆଁ ଲାଗିଯାଉଛି ଏବଂ ସବୁକିଛି ଧୂଆଁ ଭିତରେ ହଜିଯାଉଛି। ଏହି ଦୃଶ୍ୟ ଦର୍ଶକଙ୍କୁ ଅବସାଦର ଅନୁଭବ ପ୍ରଦାନ କରିଥାଏ। ଅବଶ୍ୟ ଏହି ଗୀତ ଓ ଭିଡିଓର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡ଼ି ନାହିଁ। ଧୀମା ଗତି ଯୋଗୁଁ ଏହା ବହୁତ ବଡ଼ ଲାଗେ। ଅନେକ ଲୋକଙ୍କୁ ଏହା ବିରକ୍ତିକର ଲାଗିଲେ ବି ଗୀତଟି ଲକ୍ଷାଧିକ ଶ୍ରୋତାଙ୍କ ମନରେ ଅଛି। ଏହାବାଦ୍ ଉକ୍ତ ଗୀତଟି ଶୁଣିବା ଓ ଦେଖିବାକୁ ବିରକ୍ତିକର ଲାଗିଲେ ବି ଏହାକୁ ୟୁଟ୍ୟୁବ୍‌ରେ ୧୨ କୋଟିରୁ ଅଧିକ ଥର ଦେଖାଯାଇଛି ଓ ଶୁଣାଯାଇଛି। ସେହିପରି କିଛି ଲୋକ ଏହାକୁ ଏକାକୀତ୍ୱରେ ଶୁଣୁଥିବା ବେଳେ ଆଉ କେହି କେହି ରାତିରେ ଶୋଇବା ପୂର୍ବରୁ ଶୁଣିଥାନ୍ତି। ଅନ୍ୟପଟେ ଏହା ହେଉଛି ଏମିତି ଏକ ଗୀତ, ଯାହାକୁ ପ୍ରତି ଥର ଶୁଣିବା ପରେ କିଛି ଅଲଗା ଅନୁଭବ ପ୍ରଦାନ କରିଥାଏ।



# ବଢ଼ି ପାଣିରେ ବାହାଘର

ଫିଲିପାଇନ୍ସର ଏକ ନିଆରା ବାହାଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ବାହାଘରର କିଛି ଫଟୋ ସେୟାର୍ ହେବା ପରେ ତାହା ଚର୍ଚ୍ଚା ସାଉଁଟୁଛି। ଏଠାରେ ଭୟଙ୍କର ଝଡ଼ ତୋଫାନ ଯୋଗୁଁ ଏବେ ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଏଠାକାର ମାଲୋଲୋସରେ ଥିବା ଐତିହାସିକ ବାରସୋଲାଇନ ଚର୍ଚ୍ଚ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଭଳି ପରିସ୍ଥିତିରେ ବି ଏହି ଚର୍ଚ୍ଚରେ ଏକ ବିବାହ ବେଶ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ଜେଡ୍ ରିକ୍ ବର୍ଦିଲୋ(ବର) ଏବଂ ଜମୈକା ଏଗୁଇଲର(କନିଆ) ଏଭଳି ସ୍ଥିତିରେ ବି ନିଜ ବିବାହ ତାରିଖକୁ ନ ଘୁଞ୍ଚାଇ, ବନ୍ୟାପାଣି ଭିତରେ ବିବାହ କରିଛନ୍ତି। ବଢ଼ିପାଣି ଭିତରେ ଦୁହେଁ ବିବାହର ସମସ୍ତ ରୀତିନୀତିକୁ ପାଳନ କରିଛନ୍ତି। ତା'ସହ ବର-କନିଆ ଘର ପକ୍ଷରୁ ଅତିଥି ବି ଏଥିରେ ସାମିଲ ହୋଇଛନ୍ତି। ତେବେ ସେମାନେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଶେଷରେ ସେମାନଙ୍କ ସମ୍ପର୍କ ବିବାହର ରୂପ ନେଇଛି। ଅବଶ୍ୟ ଏହି ସ୍ଥିତିକୁ ଦେଖି ବର ଜଣକ ସେମାନଙ୍କ ଜୀବନରେ ଆସିଥିବା ଚ୍ୟାଲେଞ୍ଜ କଦାପି ଶେଷ ହେବ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ଏଥିରେ ସାମିଲ ଅତିଥିମାନେ ବିବାହକୁ ଖୁବ୍ ଉପଭୋଗ କରିଥିବା ଜଣାପଡ଼ିଛି। ଏପରିକି ବାହାଘରକୁ ଆସିଥିବା ପିଲାମାନେ ବି ବନ୍ୟାପାଣିରେ ଖୁବ୍ ମଜାମସ୍ତି କରିଛନ୍ତି। ସେହିପରି ଚର୍ଚ୍ଚରେ ବର-କନିଆ ଓ ଅତିଥି ପାରମ୍ପରିକ ପୋଷାକ ପିନ୍ଧିଥିଲେ। ଏହାବାଦ୍ ଜୋତାକୁ ଶୁଖିଲା ସ୍ଥାନରେ ରଖି ଅତିଥିମାନେ ଆଣ୍ଠୁଏ ପାଣି ଭିତରେ ପ୍ୟାଣ୍ଟକୁ ଟେକି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତେବେ କଠିନ ପରିସ୍ଥିତିରେ କିଭଳି ଖୁସି ମିଳିପାରେ, ତାହା ଏହି ଘଟଣା ପ୍ରମାଣିତ କରିଛି।



# ସମ୍ଭାବନା




## ଅଫିସ୍ ବୈଠକର ପ୍ରସ୍ତୁତି

ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ। ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଜରୁରି। ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପକ୍ଷେ ଖୁବ୍ ଗୁରୁତ୍ୱ ବହନ କରେ।



- ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ। କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ।
- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ। ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ। ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ।
- ମିଟିଂରେ ନିଜ ପକ୍ଷ ରଖିବା କୁହାଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ। ନତ ମସ୍ତକ ହୋଇ ବସନ୍ତୁ ନାହିଁ।

## ଚାକିରି ପାଇଁ 'ଆଗ୍ରହ ପତ୍ର'



ସାଧାରଣ କର୍ମଚାରୀ ନିଯୁକ୍ତି ସୂଚନା ବାହାରିବା ଦେଖି ଚାକିରି ପାଇଁ ଆବେଦନ କରିଥାନ୍ତି। ଅନେକ ସମୟରେ ଗୋଟିଏ କମ୍ପାନିରେ କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ନିଯୁକ୍ତି ବିଜ୍ଞାପନ ନ ଥିବାରୁ ଆବେଦନ କରି ହୁଏ ନାହିଁ। ତେବେ ନିଯୁକ୍ତି ମିଳି ନ ଥିଲେ ମଧ୍ୟ 'ଲେଟର୍ ଅଫ୍ ଇଣ୍ଟରେଷ୍ଟ' (ଆଗ୍ରହ ପତ୍ର) ମାଧ୍ୟମରେ ଚାକିରି ପାଇଁ ଆବେଦନ କରିପାରିବେ। ଏହାକୁ 'ଲେଟର୍ ଅଫ୍ ଇଣ୍ଟେଣ୍ଟ' ବା 'ଲେଟର୍ ଅଫ୍ ଇନକ୍ୱାୟାରି' ମଧ୍ୟ କୁହାଯାଏ। ଅନେକ ଲୋକ ଏହାକୁ ବାୟୋଡାଟା ସହ ପଠାଯାଉଥିବା କଭର୍ ଲେଟର ଭାବେ ମଧ୍ୟ ବିଚାର କରନ୍ତି।

**କେମିତି ଲେଖିବେ**

- ଯେଉଁ ବିଭାଗରେ ନିଯୁକ୍ତି ଚାହୁଁଛନ୍ତି, ସେହି ବିଭାଗର ପ୍ରବନ୍ଧକଙ୍କୁ ପତ୍ର ଲେଖନ୍ତୁ।
- କମ୍ପାନିର କେଉଁ କଥା ଅଧିକ ପ୍ରେରିତ କରେ, ତାହା ଉଲ୍ଲେଖ କରନ୍ତୁ। କମ୍ପାନିର ଉତ୍ପାଦ, ସେବା ଆଦି ବାବଦରେ ନିଜସ୍ୱ ମତାମତ ଜଣାନ୍ତୁ।
- ନିଜର ସଂକ୍ଷିପ୍ତ ପେଶାଗତ ପରିଚୟ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ।
- କମ୍ପାନି ପାଇଁ କେଉଁ କୌଶଳ ଉପଯୋଗୀ ସାବ୍ୟସ୍ତ ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ।
- କିଛି ପ୍ରୋଜେକ୍ଟ ବାବଦରେ ଲେଖନ୍ତୁ, ଯେଉଁଥିରେ ଯୋଗଦାନ ଦେବାକୁ ଚାହାନ୍ତି।

## କାମ ମଝିରେ ବ୍ରେକ୍ ନେବା ଭଲ ଅଭ୍ୟାସ

ଏବର ବ୍ୟସ୍ତତା ପୂର୍ଣ୍ଣ ଜୀବନ ମଧ୍ୟରେ ସମସ୍ତେ ନିଜ କାମ ଏବଂ ଦାୟିତ୍ୱରେ ବ୍ୟସ୍ତ। ତେଣୁ କର୍ମଚାରୀଙ୍କୁ ନିଜ ପାଇଁ ସମୟ ବାହାର କରିବାରେ ଅସୁବିଧା ହୋଇଥାଏ। ସେହିପରି ଦିନ ତମାମ ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଚାପଗ୍ରସ୍ତ ହୋଇଥାଏ। ତେଣୁ କାମରେ ବ୍ରେକ୍ ନେବାକୁ ସମୟ ମିଳେ ନାହିଁ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବାର ଅଭ୍ୟାସ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ଏହା ସହ ଏହା ପ୍ରଡକଟିଭିଟି ଏବଂ କ୍ରିଏଟିଭିଟିକୁ ବଢ଼ାଇଥାଏ।

**କାହିଁକି ଜରୁରି ବ୍ରେକ୍:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ଦ୍ୱାରା ମସ୍ତିଷ୍କ ଓ ଶରୀର ଥକ୍କିଯାଏ। ଗୋଟିଏ ସ୍ଥାନରେ ବସି ରହିବା ଏବଂ ଗୋଟିଏ କାମ ଉପରେ ଧ୍ୟାନ ଦେବା ଦ୍ୱାରା ଚାପ ବଢ଼େ ଏବଂ ଏକାଗ୍ରତା କମେ। ଏକ ଗବେଷଣାନୁସାରେ, ମସ୍ତିଷ୍କ ୯୦-୧୨୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାଏ। ଏଭଳି ସ୍ଥିତିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ ଏବଂ ପୁଣି ଥରେ କାମ କରିବା ପାଇଁ ସକ୍ରିୟ ହୁଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ଦ୍ୱାରା ଶରୀରରେ ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ଉତ୍ପାଦନକ୍ଷମତା ବୃଦ୍ଧିପାଏ। ବ୍ରେକ ନେବା ପରେ ଫୁର୍ତ୍ତି ଲାଗେ ଓ କାମ କରିବାରେ ଆଗ୍ରହ ଆସେ। ଏହା ସୃଜନାତ୍ମକ ଜ୍ଞାନ କୌଶଳରେ ସୁଧାର ଆଣେ। ଲଗାତାର କାମ କଲେ ମନକୁ କିଛି ନୂତନ ଚିନ୍ତାଧାରା ଆସେ ନାହିଁ। ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଦ୍ୱାରା ବେକ, ଅଣ୍ଟା ସହ ଆଖିରେ ସମସ୍ୟା ସୃଷ୍ଟି ହୁଏ। ଏହା ହାର୍ଟ, ମେଦବହୁଳତା ଓ ମଧୁମେହର କାରଣ ହୁଏ। ତେଣୁ କାମ ମଝିରେ ନିଜ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିବା କିମ୍ବା ଶିଢ଼ି ଚଢ଼ିବା ଦରକାର।



## ଫଟୋ ପାଇଁ 'ଇମାଜିନ୍ ମି' ଟୁଲ୍

ମେଟା ଏଆଇ ଯୁକ୍ତ ଟୁଲ୍ 'ଇମାଜିନ୍ ମି'କୁ ଭାରତରେ ଲଞ୍ଚ୍ କରିଛି। ଏହି ଟୁଲ୍‌କୁ ଆମେରିକାରେ ପ୍ରଥମରେ ଲଞ୍ଚ କରାଯାଇଥିଲା। ଏହାକୁ ଆମେରିକା ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ମେସେଞ୍ଜର ଏବଂ ମେଟା ଏଆଇ ଆପ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିଥିଲା। ହେଲେ ଏବେ ଭାରତୀୟମାନେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ମେସେଞ୍ଜର ପାଇଁ ଏହାକୁ ବ୍ୟବହାର କରିପାରିବେ। ଏହି ଟୁଲ୍ ଫଟୋକୁ ଅଲଗା ଅଲଗା ଷ୍ଟାଇଲ୍ ଓ ରୂପ ପ୍ରଦାନ କରିବ। ତେବେ ବ୍ୟବହାରକାରୀଙ୍କୁ ଯେଉଁଭଳି ଭାବେ ଫଟୋ ତିଆରି କରିବାକୁ ହୋଇଥାଏ, ସେଥିଲାଗି କେବଳ ପ୍ରମ୍ପ୍ଟରେ ଇମାଜିନ୍ ମି ଆଜ୍ ଲେଖିବାକୁ ହେବ। ଏହା ସହ ଫଟୋ ଲାଗି ଏହି ଟୁଲ୍‌ରେ କେବଳ ନିଜର ସମ୍ମୁଖ, ବାମ, ଡାହାଣ ପାର୍ଶ୍ୱର ସେଲ୍‌ଫି ଦେବାକୁ ହେବ। ଅନ୍ୟପଟେ ଇମାଜିନ୍ ମି' ଟୁଲ୍‌ରେ ଯେକୌଣସି ଫଟୋ ତିଆରି କଲେ, ଏଆଇ ୱାଟର୍‌ମାର୍କ ଟୁଲ୍ ମିଳିବ।



### ଗୋଟିଏ ଦିନ ପରେ ପଞ୍ଚମ ଟେଷ୍ଟ

# ଅର୍ଶଦୀପ ଓ ଆକାଶଦୀପ୍ ଖେଳିବା ସମ୍ଭାବନା

କେନିଂଟନ ଓଭାଲ,୨୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଜୁଲାଇ ୩୧ ତାରିଖ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଲଣ୍ଡନ ସହରରେ ଅବସ୍ଥିତ କେନିଂଟନ ଓଭାଲ ଅନ୍ୟ ଭେନ୍ୟୁ ପରି ପେସ୍ ବୋଲରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଦୁଇ ଜଣ ପେସ୍ ବୋଲର ବାମହାତୀ ଅର୍ଶଦୀପ ସିଂହ ଓ ଡାହାଣହାତୀ ଆକାଶଦୀପଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଉଭୟ ଖେଳାଳି ଆହତ ହୋଇ ନ ଥିଲେ ଚତୁର୍ଥ ଟେଷ୍ଟ ଖେଳିଥାନ୍ତେ। ଏବେ ଉଭୟ ଫିଟ୍ ହୋଇଯାଇଛନ୍ତି ଓ ଏଠାରେ ଜୋରଦାର ଅଭ୍ୟାସ ମଧ୍ୟ କରିଛନ୍ତି। ଯାହା ଫଳରେ ଏମାନଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଦଳର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ କି ନାହିଁ କେବଳ ତାହା ଟିମ୍ ଡାକ୍ତର କିମ୍ବା ଟିମ୍ ମ୍ୟାନେଜମେଣ୍ଟ କହିପାରିବେ। ଅବଶ୍ୟ ବୁମରା ଖେଳନ୍ତୁ କି ନାହିଁ ଅର୍ଶଦୀପ ଓ ଆକାଶଦୀପଙ୍କ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ। ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିଥିବା ଅଂଶୁଲ କାମ୍ବୋଜ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ଶେଷ ଟେଷ୍ଟରେ ଅବ୍ୟାହତି ଦିଆଯାଇପାରେ। ମହମ୍ମଦ୍ ସିରାଜ, ଆକାଶ ଦୀପ ଓ ଅର୍ଶଦୀପ ଭାରତୀୟ ପେସ ମଙ୍ଗ ସମ୍ଭାଳିବେ। ବୁମ୍‌ରାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ଯାହା କିଛି ନିଷ୍ପତ୍ତି ନିଆଯିବ।

ଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳିବା ଯେ କୌଣସି ଖେଳାଳିଙ୍କ ଲାଗି ସ୍ୱପ୍ନ ରହିଥାଏ। ଅର୍ଶଦୀପଙ୍କର ମଧ୍ୟ ସେହି ଏକା ଇଛା ବୋଲି କହନ୍ତି ତାଙ୍କ ପ୍ରଥମ କୋଚ୍ ଯଶୱନ୍ତ ରାଏ। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ଢ଼େର ଅଭିଜ୍ଞତା ହାସଲ କରିସାରିଲେଣି। ଏଣୁ ସେ ନର୍ଭସ ହେବାର କୌଣସି କାରଣ ନାହିଁ କିମ୍ବା ବିଫଳ ହେବାର ସମ୍ଭାବନା ନାହିଁ। ଜାହିର ଖାନ୍‌ଙ୍କ ପରେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍‌ଙ୍କ ଉଭୟପଟୁ ସୁଇଙ୍ଗ କରିବାର ଦକ୍ଷତା ରହିଛି। ସେ ବ୍ୟାଟରଙ୍କୁ ଅସବିଧାରେ ପକାଇବାରେ ସିଦ୍ଧହସ୍ତ। ଏତେ ଦକ୍ଷତା ଥାଇ ସେ ଏଯାଏ ସୁଯୋଗ ପାଇ ନାହାନ୍ତି। ଟେଷ୍ଟ ଖେଳିବାକୁ ହେଲେ ଇଂଲଣ୍ଡ ସର୍ବୋତ୍କୃଷ୍ଟ ସ୍ଥାନ। ଭାରତୀୟ ଦଳ ଏଥିରୁ ଫାଇଦା ଉଠାଇବାକୁ ଯଶୱନ୍ତ ପରାମର୍ଶ ଦେଇଛନ୍ତି। ସୂଚନା ଯୋଗ୍ୟ ଅର୍ଶଦୀପ ସିଂ ଟେଷ୍ଟ ଦଳରେ ସ୍ଥାନ ପାଇବା ପୂର୍ବରୁ ୬୩ଟି ଟି-୨୦ ଓ ୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାରେ ଅର୍ଶଦୀପଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲର ୧୯ତମ ଓଭର ବୋଲିଂ କରି ୪ ରନ୍ ଦେଇଥିଲେ। ଏହା ସତ୍ତ୍ୱେ ପ୍ରକୃତ କ୍ରିକେଟ ହେଉଛି ଟେଷ୍ଟ ମ୍ୟାଚ୍। ଏଥିରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ଯେତିକି ସୁଯୋଗ ରହିଥାଏ, ଠିକ୍ ସେହିପରିମାଣରେ ଚାପକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ଶିକ୍ଷା ମିଳିଥାଏ। ଏଭଳିସ୍ଥଳେ ଇଂଲଣ୍ଡ ଟୁର୍‌ରେ ଡେବ୍ୟୁ କରି ସେ ଟେଷ୍ଟ କ୍ରିକେଟରେ ନିଜର ସ୍ଥାନ ସୁରକ୍ଷିତ ରଖନ୍ତୁ ବୋଲି ଯଶୱନ୍ତ କହିଛନ୍ତି।

### କୁଲଦୀପଙ୍କୁ ନେଇ ଦ୍ୱନ୍ଦ୍ୱ

ପଞ୍ଚମ ଟେଷ୍ଟରେ ଭାରତ ୩ଜଣ ଫାଷ୍ଟ ବୋଲରଙ୍କୁ ଖେଳାଇବା ଏକପ୍ରକାର ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଦଳରେ ଖେଳୁଥିବା ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯେପରି ବ୍ୟାଟିଂ କରୁଛନ୍ତି, ସେଥିରେ ସେମାନଙ୍କୁ ବିଶ୍ରାମ ଦେବା କିମ୍ବା ଡ୍ରପ୍ କରିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଲାଗି କଷ୍ଟକର ବ୍ୟାପାର। ଏଣୁ ଦଳରେ ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ଖେଳାଇବା କେତେଦୂର ସମ୍ଭବ ତାହା ଏବେଠାରୁ କହିବା କଷ୍ଟକର। ଯଦି କୁଲଦୀପ ଖେଳନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦିଆଯିବ। ଏଭଳି ସ୍ଥିତିରେ ଭାରତ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ଏଠାରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଇଂଲଣ୍ଡର ପିଚ୍ ଗୁଡିକ ଶୁଖିଲା ହୋଇଯାଇଥିବାରୁ ତାହା ବୋଲରଙ୍କୁ ସୁହାଉନାହିଁ। ଏଣୁ କୁଲଦୀପଙ୍କ ଖେଳିବାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଟିମ୍‌ର ଗୋଟିଏ ରଣନୀତି ସ୍ପଷ୍ଟ ଯେ, ୨୦ଟି ୱିକେଟ ନେଇପାରୁଥିବା ଦକ୍ଷ ବୋଲରଙ୍କୁ ଭାରତ ଏଠାରେ ଖେଳିବାକୁ ସୁଯୋଗ ଦେବ।

## ଗ୍ରାଉଣ୍ଡସମ୍ୟାନ୍‌ଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ



ଉତ୍ତେଜନାମୂଳକ ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବା ପରେ ଗତକାଲି ସୋମବାର ଭାରତୀୟ ଦଳ କେନିଂଟନ ଓଭାଲରେ ପ୍ରଥମଥର ଅଭ୍ୟାସ କରିବାକୁ ଆସିଥିଲେ। କିନ୍ତୁ ପଡ଼ିଆରେ ଅଭ୍ୟାସ ଲାଗି ଥିବା ସୁବିଧା ସୁଯୋଗରେ ସନ୍ତୁଷ୍ଟ ହୋଇ ନ ଥିଲେ ଗମ୍ଭୀର। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପିଚ୍ ନିକଟକୁ ଯାଇଥିଲେ ଗମ୍ଭୀର ଓ ଅନ୍ୟମାନେ। ଦାୟିତ୍ୱରେ ଥିବା ଗ୍ରାଉଣ୍ଡସମ୍ୟାନ୍ ୨.୫ ମିଟର ଦୂରରୁ ପିଚ୍ ଦେଖିବାକୁ କହିବା ପରେ ଭାରତୀୟ ସପୋର୍ଟ ଷ୍ଟାଫ୍ ଉତ୍ତେଜିତ ହୋଇଥିଲେ। ଅଭ୍ୟାସ କରିବା ଲାଗି ଯେଉଁ ପିଚ୍ ଦିଆଯାଇଥିଲା ତାହାରି ଭିତରେ ରହିବାକୁ ଗ୍ରାଉଣ୍ଡସମ୍ୟାନ୍ ଫୋର୍ଟିସ କହିଥିଲେ। ସ୍ପାଇକ୍ ପିନ୍ଧି ନ ଥିଲେ ମଧ୍ୟ ଏତେ ଦୂରରୁ ପିଚ୍ ଦେଖିବା କିମ୍ବା ଅଭ୍ୟାସ କରିବା ସମ୍ଭବ ନୁହେଁ ବୋଲି ଫୋର୍ଟିସଙ୍କୁ କହିବା ପରେ ସେ ଏହାକୁ ହଜମ କରି ପାରି ନ ଥିଲେ। ସେ ଜୋରରେ ବାହାରିଯିବାକୁ କହିଥିଲେ। ଯାହା ଫଳରେ ଗମ୍ଭୀର ଓ ଗ୍ରାଉଣ୍ଡସମ୍ୟାନ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ। ବ୍ୟାଟିଂ କୋଚ୍ ସିତାଂଶୁ କୋଟକ୍‌ଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦଟି ତୁଟିଥିଲା। କିନ୍ତୁ ଗ୍ରାଉଣ୍ଡସମ୍ୟାନ୍ ତାଙ୍କ ନାମରେ ଅଭିଯୋଗ କରିବେ ବୋଲି ଜୋରରେ କହିଥିଲେ। ଏହା ଗମ୍ଭୀରଙ୍କ ଅଧିକ ଉତ୍ତେଜିତ କରିଥିଲା। ତୁମେ ଯାହା ନିକଟରେ ଅଭିଯୋଗ କରିବା କଥା କର, ଯାହା ପାଖରେ ରିପାର୍ଟ କରିବା କଥା କର, କିନ୍ତୁ ଆମେ କ'ଣ କରିବୁ ନ କରିବୁ ତାହା ତୁମେ ନିର୍ଦ୍ଦେଶ ଦେଇପାରିବ ନାହିଁ।

## ବିସିସିଆଇ କାର୍ଯ୍ୟାଳୟରୁ ୬.୫ ଲକ୍ଷ ଟଙ୍କାର ଜର୍ସି ଚୋରି

ମୁମ୍ବଇ, ୨୯।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଖବର ପ୍ରକାଶ ପାଇଛି। ମୁମ୍ବଇ ୱାଙ୍ଖେଡେ ଷ୍ଟାଡିୟମ ପରିସରରେ ଥିବା ବିସିସିଆଇ କାର୍ଯ୍ୟାୟଳରୁ ପାଖାପାଖି ୨୬୧ ଖଣ୍ଡ ଆଇପିଏଲ୍ ଜର୍ସି ଚୋରି ହୋଇଯାଇଛି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା ହେବ। ଏହି ହିସାବରେ ମୋଟ୍ ୬.୫୨ ଲକ୍ଷ ଟଙ୍କାର ଜର୍ସି ଚୋରି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ କାର୍ଯ୍ୟାଳୟର ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ତାଙ୍କ ନାମ ଫାରୁକ ଅସଲାମ ଖାନ। ଫାରୁକ ସୁରକ୍ଷାକର୍ମୀ ମ୍ୟାନେଜର ଥିବାବେଳେ ବିସିସିଆଇ ଷ୍ଟୋର୍ ରୁମ୍‌ରୁ ଏହି ଜର୍ସି ଚୋରି କରିଥିଲେ। ଏହାକୁ ସେ ଅନ୍‌ଲାଇନ ମାଧ୍ୟମରେ ହରିୟାଣାର ଜଣେ ଜର୍ସି ଡିଲରଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଫାରୁକ୍ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏହି ଅନ୍‌ଲାଇନ ଗେମ୍ ନିଶାରେ ସେ ଏତେମାତ୍ରରେ ବୁଡ଼ି ଯାଇଥିଲେ ଯେ ଶେଷରେ ଜର୍ସି ଚୋରି କରିବାକୁ ପଛାଇ ନ ଥିଲେ। ଏହି ଚୋରି ଜର୍ସିକୁ ବିକ୍ରି କରି ସେ ଅନ୍‌ଲାଇନ ଗେମ୍ ଖେଳ ଜାରି ରଖିଥିଲେ। ପୁଲିସ ତାଙ୍କ ନିକଟରୁ ୧.୨୫ ଲକ୍ଷ ଟଙ୍କା ଓ ୫୦ଟି ଜର୍ସି ଜବତ କରିଛି। ବିସିସିଆଇର ଅଡିଟ୍ ସମୟରେ ଜର୍ସି ଚୋରି ହୋଇଥିବା ଜଣାପଡ଼ିଥିଲା।

## କେକେଆର୍ ପ୍ରଶିକ୍ଷକ ପଦ ଛାଡ଼ିଲେ ପଣ୍ଡିତ

କୋଲକାତା, ୨୯।୭ (ଏଜେନ୍ସି): ଦୁଇଥରର ଆଇପିଏଲ୍ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଶକ୍ତ ଧକ୍କା ଲାଗିଛି। କେକେଆର୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ପଣ୍ଡିତ ଦଳରୁ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। 'ନୂଆ ସୁଯୋଗ ଅନୁସନ୍ଧାନ ଲାଗି ଚନ୍ଦ୍ରକାନ୍ତ ପଣ୍ଡିତ ଆଉ କୋଲକାତାର ମୁଖ୍ୟ ପ୍ରଶିକ୍ଷକ ପଦ ଜାରି ରଖିବେ ନାହିଁ' ବୋଲି କେକେଆର୍ ପକ୍ଷରୁ ଉଲ୍ଲେଖ କରାଯାଇଛି। ୬୩ ବର୍ଷୀୟ ଚନ୍ଦ୍ରକାନ୍ତ ୨୦୨୨ରେ ମଧ୍ୟପ୍ରଦେଶ ଦଳକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବା ପରେ କେକେଆର୍‌ର ପ୍ରଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ସେ ଗତ ୩ ସିଜନ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ କୋଲକାତା ୨୦୨୪ ଆଇପିଏଲ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ କୋଲକାତା ୧୪ ମ୍ୟାଚ୍ ଖେଳି ମାତ୍ର ୫ ବିଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।



### ୱେଷ୍ଟଇଣ୍ଡିଜର କ୍ରମାଗତ ୫ମ ଟି-୨୦ ପରାଜୟ

# ଅଷ୍ଟ୍ରେଲିଆ ୫-୦ରେ ସିରିଜ୍ ପୋଛିଲା

ସେଣ୍ଟ କିଟ୍ସ, ୨୯।୭ (ଏଜେନ୍ସି): କ୍ରମାଗତ ପଞ୍ଚମ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ୱାର୍ନର ପାର୍କରେ ଅନୁଷ୍ଠିତ ୫ମ ଟି-୨୦ରେ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନସୁଇପ୍ କରିଛି। ପୂର୍ବରୁ ପ୍ରଥମ ଚାରୋଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୩ ୱିକେଟ୍, ୮ ୱିକେଟ୍, ୬ ୱିକେଟ୍ ଓ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୩୨ ରନରେ ବ୍ରାଣ୍ଡନ୍ କିଙ୍ଗ୍ (୧୧ ରନ), ଅଧିନାୟକ ସାଇ ହୋପ୍ (୯) ଓ କେସି କାର୍ଟି (୧)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ସିମରନ ହେଟ୍‌ମାୟର ୫୨ ଓ ସିଫାର୍ନ




ରଦରଫୋର୍ଡ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଫଳରେ ଦଳ ୧୯.୪ ଓଭରରେ ୧୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡାରୱିସ ୩ ଓ ନାଥନ ଏଲିସ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩ ଓଭର ଓ ୩ ୱିକେଟ୍ ବଳକା ଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ଓୱିନ ୩୭, ଟିମ୍ ଡେଭିଡ୍ ୩୦ ଓ କାମେରନ ଗ୍ରୀନ ୩୨ ରନ କରିଥିଲେ। ଡାରୱିସ ମ୍ୟାଚ୍‌ର ଓ ଗ୍ରୀନ୍ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କୁ ହଟାଇ ଶୀର୍ଷକୁ ଉଠିଲେ ନାଟାଲୀ


ଦୁବାଇ, ୨୯।୭ (ଏଜେନ୍ସି): ଭାରତର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଆଇସିସି ମହିଳା ଦିନିକିଆ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ନାଟାଲୀ ୭୩୧ ରେଟିଂ ପଏଣ୍ଟ ସହ ଶୀର୍ଷକୁ ଉଠିଛନ୍ତି। ସେହିଭଳି ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ୨ୟ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ୩ୟ ଦିନିକିଆ ମ୍ୟାଚରେ



ସ୍କିଭର ୯୮ ରନର ପାଳି ସହ ସିରିଜରେ ମୋଟ୍ ୧୬୦ ରନ ସଂଗ୍ରହ କରିଥିଲେ। ଯେଉଁଥିପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସ୍କିଭର ୩ୟଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୪ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ୍ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛନ୍ତି। ତେବେ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ ମଧ୍ୟ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୧୩ତମ ସ୍ଥାନରେ ରହିଛନ୍ତି।

## ରୋମାନିଆ କ୍ଲବ୍ ପକ୍ଷରୁ ଫୁଟବଲ ଖେଳିବାରେ ହର୍ଷିକା ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି): ମୁମ୍ବାଇର ୨୨ ବର୍ଷିୟା ହର୍ଷିକା ଜୈନ ଭାରତର ପ୍ରଥମ ମହିଳା ଫୁଟବଲ ଖେଳାଳି ଭାବେ ରୋମାନିଆର ଫୁଟବଲ ଲିଗ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଯାଏ ଦେଶ ପକ୍ଷରୁ ଖେଳିବାକୁ ସୁଯୋଗ ପାଇ ନ ଥିବା ହର୍ଷିକା କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଛନ୍ତି। ଶେଷରେ ଦୀର୍ଘ ୨୦ ଦିନ ଧରି ଟ୍ରାଏଲ୍ସରେ ଭାଗନେଇଥିଲେ। ଏଥିରେ ସେ କିଂବଦନ୍ତୀ କୋଚ୍ ମିରେଲ ଆଲବନଙ୍କୁ ଆକୃଷ୍ଟ କରିବା ପରେ ଅଲିମ୍ପିଆ ଘେରଲା ତାଙ୍କୁ ଚୁକ୍ତିବଦ୍ଧ କରିଥିଲା। ଆଲବନଙ୍କ କଠିନ ପରିଶ୍ରମ




ଯୋଗୁଁ ରୋମାନିଆର ଅନ୍ତର୍ଜାତୀୟ ଫୁଟବଲରେ ଢ଼େର ଉତ୍‌ଥାନ ହୋଇଛି। ଏବେ ହର୍ଷିକା ଏହି କ୍ଲବ୍‌ରେ ଏକ ଅଂଶହୋଇ ଯାଇଛନ୍ତି। ଭାରତ ପକ୍ଷରୁ ବାଲା ଦେବୀ, ମନିଷା କଲ୍ୟାଣ ଓ ଅଦିତି ଚୌହାନ ପୂର୍ବରୁ ୟୁରୋପୀୟ କ୍ଲବ୍ ଫୁଟବଲ ଖେଳିସାରିଛନ୍ତି। ଏମାନଙ୍କ ପଦାଙ୍କ ଅନୁସରଣ କରି ହର୍ଷିକା ଏବେ ସଫଳ ହୋଇଛନ୍ତି। ଏଠାରେ ମୋତେ ପରିବାର ସହ ରହିଲା ଭଳି ଲାଗୁଛି ଓ ମୋର ପରିଶ୍ରମର ମୂଲ୍ୟ ମିଳିଛି। କିନ୍ତୁ ଦେଶ ଲାଗି ଖେଳିବା ମୋର ସ୍ୱପ୍ନ ବୋଲି ହର୍ଷିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁବନେଶ୍ୱରରେ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ସ


ଭୁବନେଶ୍ୱର,୨୯।୭ (ସମିସ): ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୁଲ୍ୟରେ ଚତୁର୍ଥ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱର ନିକଟସ୍ଥ ସମେଇଗାଡିଆରେ ଥିବା ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବିଶେଷକରି ୬, ୮, ୧୦ ବର୍ଷରୁ କମ୍ ଓ ଆଡଭାନ୍ସଡ ଲେଭଲରେ ପ୍ରତିଯୋଗିତା ଆୟୋଜିତ ହେବ। ୬ ଓ ୮ ବର୍ଷରୁ କମ୍ ବୟସ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଙ୍ଗ ଟେବଲ, ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲନ୍ସିଙ୍ଗ ବିମ୍, ଆଡଭାନ୍ସଡ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଙ୍ଗ ଟେବଲ, ପୋମେଲ ହର୍ସ ଓ ପାରାଲାଲ ବାର୍ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ଲାଗି ଫୋନ୍ ନଂ-୯୪୩୮୫-୦୪୯୧୫ କିମ୍ବା ୯୪୩୭୯-୩୪୦୨୪ ସହ ଯୋଗାଯୋଗ କରିବାକୁ ଶ୍ରୀମତି ଦାସ ଅନୁରୋଧ କରିଛନ୍ତି।

### ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର

## ପ୍ରି-କ୍ୱାର୍ଟରରେ ସୁବ୍ରତ, ଚିରାଗ, ଅବିନାଶ



ଭୁବନେଶ୍ୱର, ୨୯।୭ (ଏଜେନ୍ସି): ସୁବ୍ରତ ଦାସ, ଚିରାଗ ଆରୋରା ଓ ଅବିନାଶ ମହାପାତ୍ର ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟର ୨ୟ ଦିବସରେ ମଙ୍ଗଳବାର ସୁବ୍ରତ ୩-୨ ଫ୍ରେମରେ ଅବିନାଶଙ୍କୁ, ଚିରାଗ ୩-୦ରେ ରଣଜିତ୍ ପତିଙ୍କୁ ଓ ଅବିନାଶ ୩-୧ରେ ନିଶ୍ଚୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ୩ଜଣ ଗ୍ରୁପ୍‌ରେ ୩ଟି ଲେଖାଏ ବିଜୟ ହାସଲ କରି ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।



### ସିଙ୍କୁନ ଦକ୍ଷିଣ ଶୃଙ୍ଗ

## ଆରୋହଣ କଲେ ପ୍ରଭାସିନି

ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶାର ପର୍ବତାରୋହୀ ପ୍ରଭାସିନି ବେହେରା ହିମାଚଳ ପ୍ରଦେଶରେ ଥିବା ୬୦୩୦ ମିଟର ଉଚ୍ଚତା ବିଶିଷ୍ଟ ସିଙ୍କୁନ ଦକ୍ଷିଣ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି। ୧୬ ଜଣିଆ ଅଭିଯାତ୍ରୀ ଦଳରେ ପ୍ରଭାସିନି ଏକମାତ୍ର ମହିଳା ଥିଲାବେଳେ ତାଙ୍କ ସହ ୬ଜଣ ଜୁଲାଇ ୨୫ରେ ଏହି ଶୃଙ୍ଗ ଶୀର୍ଷରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ୬,୧୧୧ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନମ, ୫୨୮୯ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ କେଦାରକାନ୍ତ ଓ ଚନ୍ଦ୍ରଶିଳା ପର୍ବତ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଢେଙ୍କାନାଳର ବାସିନ୍ଦା ପ୍ରଭାସିନି ଦୁଃସାହସିକ ସଂଗଠନ ଏଏଏସ୍‌ଏ'ର ସଦସ୍ୟା। ଏହି ସଫଳତା ଲାଗି ତାଙ୍କୁ ଏଏଏସ୍‌ଏ ପକ୍ଷରୁ ସମ୍ପାଦକ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା, ବିକ୍ରମ କିଶୋର ଦାସ, ଶକ୍ତିରଞ୍ଜନ ମହାନ୍ତି, ହରେଶ ମିଶ୍ର, ଶିବଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



## ଟି-୨୦ରେ ମହେଶଙ୍କ ଦ୍ରୁତତମ ୫ ୱିକେଟ୍

ତାଲିନ, ୨୯।୭ (ଏଜେନ୍ସି): ଫିନଲାଣ୍ଡର ବୋଲର ମହେଶ ଥାମ୍ବେ ଟି-୨୦ କ୍ରିକେଟ୍‌ରେ ଇତିହାସ ରଚିଛନ୍ତି। ସବୁଠୁ କମ୍ ବଲ୍ ବୋଲିଂ କରି ସେ ଟି-୨୦ରେ ୫ ୱିକେଟ୍ ସଫଳତା ପାଇଛନ୍ତି। ଘରୋଇ ଇସ୍ତୋନିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ଟି-୨୦ ମ୍ୟାଚରେ ଡାହାଣହାତୀ ଦ୍ରୁତ ବୋଲର ମହେଶ ପ୍ରଥମ ୮ଟି ବଲ୍ ମଧ୍ୟରେ ୫ଟି ୱିକେଟ୍ ନେଇଥିଲେ। ମହେଶ ତାଙ୍କ ସ୍ପେଲର ୩ୟ, ୪ର୍ଥ, ୬ଷ୍ଠ, ୭ମ ଓ ୮ମ ବଲ୍‌ରେ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟି-୨୦ରେ ସବୁଠୁ କମ୍ ବଲ୍ ବୋଲିଂ କରି ୫ ୱିକେଟ୍ ନେବାର ରେକର୍ଡ ବାହାରିନର ଜୁନେଦ ଅଜିଜ୍‌ଙ୍କ ନାମରେ ରହିଥିଲା। ଜୁନେଦ ୨୦୨୨ରେ ଜର୍ମାନୀ ବିପକ୍ଷରେ ମାତ୍ର ୧୦ଟି ବଲ୍ ମଧ୍ୟରେ ୫ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୨୦୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ୧୧ ବଲ୍ ପକାଇ ୫ଟି ୱିକେଟ୍ ହାସଲ କରିଥିଲେ।

# ଦିବ୍ୟା ଦେଶମୁଖ: ବିଶ୍ୱ ଚେସ୍‌ର ନୂଆ ତାରକା

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)

ଭାରତ ନମ୍ବର-୧ ଖେଳାଳି ତଥା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ମହାରାଷ୍ଟ୍ର ନାଗପୁରର ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏହା ସହ ତାଙ୍କୁ ମଧ୍ୟ ପୁରୁଷ ଗ୍ରାଣ୍ଡସ୍ଲାମ୍ ଟାଇଟଲ ମିଳିଛି। ଏହି ସଫଳତା ପରେ ସେ ବିଶ୍ୱର ନୁଆ ଚେସ୍ ତାରକା ଭାବେ ଉଭା ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ୩୮ ବର୍ଷିୟା ହମ୍ପିଙ୍କୁ ହରାଇ ରଚିଛନ୍ତି ନୂଆ ଇତିହାସ। ଚେସ୍ ବିଶ୍ୱକପ୍ ଟାଇଟଲ ଜିତିବା ଫଳରେ ତାଙ୍କୁ ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚେସ୍‌ର ନିୟମ ଅନୁଯାୟୀ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଯିଏ ଚାମ୍ପିଅନ ହେବେ ସିଏ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ବିଜେତା ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ଖେଳିବେ। ଏଥିରେ ଯିଏ ବିଜୟୀ ହେବେ ସିଏ ବିଶ୍ୱର ଶ୍ରେଷ୍ଠ ଖେଳାଳିରେ ରୂପାନ୍ତରିତ ହେବେ।

ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ଓ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ପୂର୍ବରୁ ଦିବ୍ୟା ବିଶ୍ୱର ୧୫ ନମ୍ବର ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ଚୀନର ଉପସ୍ଥିତି ସତ୍ତ୍ୱେ ସେ ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ୟୁଥ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ମଧ୍ୟ ସେ ଚାମ୍ପିଅନ ହୋଇଥିଲେ। ସେ ଭାରତର ଚତୁର୍ଥ ତଥା ବିଶ୍ୱର ୪୪ତମ ମହିଳା ଖେଳାଳିଭାବେ ଓପନ (ଉଭୟ ପୁରୁଷ ଓ ମହିଳା) ବିଭାଗରେ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ମଧ୍ୟ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର। ଏହା ପୂର୍ବରୁ ତାଙ୍କୁ ଗୋଟିଏ ହେଲେ ଗ୍ରାଣ୍ଡ ମାଷ୍ଟର ନର୍ମ ମିଳିଥିଲା। ନିକଟରେ ଡି ଗୁକେଶ ଭାରତ ପକ୍ଷରୁ ପୁରୁଷ ବିଭାଗରେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଥିଲେ। ଏବେ ବିଶ୍ୱର ପ୍ରଥମ ୧୦ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ୪ଜଣ ଖେଳାଳି ରହିଛନ୍ତି। ମୋଟା ମୋଟି ଭାବେ କହିବାକୁ ଗଲେ ଗୁକେଶ ଓ ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତୀୟ ଚେସ୍‌ର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ନାଗପୁରଠାରେ ଡାକ୍ତର ଦମ୍ପତି ନମ୍ରତା ଓ ଜିତେନ୍ଦ୍ର ଦେଶମୁଖଙ୍କ କନ୍ୟା ଦିବ୍ୟା ୨୦୦୫ ଡିସେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ସ୍କୁଲ ଶିକ୍ଷା ଶେଷ ଗ୍ରହଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS